

ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-143 ♦WEDNESDAY ♦19 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୪୩ ♦ବୁଧବାର ♦୧୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ପତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ ଜଣ ଲୋକଙ୍କୁ ସମର୍ପି ଦେଇଥିଲା । ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ । ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି । ପୀଡିତା ନିବାଡା ଗାଁରେ ରୁହନ୍ତି । ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିୱାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା । କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ । ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ ।



ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ । ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ । ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ । ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି । ଏମାନେ ଗାଜିଆବାଦର ବାସିନ୍ଦା । ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ଯାଇ ନ ଥିଲା । ନିଜ ଦେଢ଼ଶୂର, ନଣଦେଇ ଓ ଶଶୁର ମଧ୍ୟ ତାଙ୍କୁ ଦୁଷ୍କର୍ମ ▶ପୃଷ୍ଠା-୭

## ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର' । ଏଥିପାଇଁ ଆନ୍ଧ୍ର ସରକାର ସରଲା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ । ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି । ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ । କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି । ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ । ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ୧,୩୦୦ କୋଟି ଟଙ୍କା ନିବେଶ ହେବ । ଏହି ୟୁନିଟ୍‌ରେ 'ସରଲା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ୍ 'ଭିଟଲ୍' ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍ ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ ▶ପୃଷ୍ଠା-୭

**୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ**

# ଏସ୍‌ସିବିରେ ଲଜ୍ଜା

## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ




■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି । ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି । ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ । ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା ।

**ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା । ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସାଲାଇନ୍ ସରିଯାଇଥିବାରୁ ସାଲାଇନ୍ ବୋତାଲ କାଢ଼ି ସେ ତଳେ ରଖିଥିଲା । ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା । ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ । ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା । ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା । ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା । ଡାକ୍ତରଙ୍କ ସୁପାରିଶକ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ▶ପୃଷ୍ଠା-୭

### ଆମେରିକାରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପରେ ଟ୍ରମ୍ପଙ୍କ ପଛଘୁଞ୍ଚା

# ୨୦୦ରୁ ଅଧିକ ଉତ୍ପାଦରୁ ହଟିଲା ଶୁଳ୍କ

■ ୱାଶିଂଟନ୍, ୧୮ ।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି । ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବାର ଏହା ହେଉଛି ଫଳ । ଏହାର ପ୍ରଭାବରେ ଏବେ ଶୁଳ୍କ ପ୍ରସଙ୍ଗରେ ପଛକୁ ହଟିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ ଉଠାଇ ଦେଇଛି । ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ।

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରେ କାର୍ଯ୍ୟକାରୀ ହୋଇଥିଲା । ରୁଷିଆ ତେଲ କ୍ରୟ କରିବା ପାଇଁ ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲଗାଇଥିଲା । ୨୦୨୫ ଆର୍ଥିକବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ୨.୫ ବିଲିୟନ ଡଲାର (୨୨,୦୦୦ କୋଟି ଟଙ୍କା) । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ । ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତୈଳ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ପ୍ରାୟ ହୋଇଛି । ସେ କହିଛନ୍ତି ଯେ ଆମେ ଏହାକୁ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରିବୁ । ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି । ତେବେ ଟ୍ରମ୍ପ ପ୍ରଶାସନ ସେହି ଉତ୍ପାଦଗୁଡ଼ିକ ଉପରେ ଶୁଳ୍କ ହଟାଇଛି ଯାହାର ଉତ୍ପାଦନ ଆମେରିକାରେ କମ୍ ଅଛି ।




**ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍**

# ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮ ।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍ । କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ । ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା । ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

### ମରେଡିମିଲ୍ଲି ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳିବିନିମୟ

# କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮ ।୧୧ (ସମିସ): ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି । ଦେଶର ଆତଙ୍କ ସୃଷ୍ଟି କରିଥିବା ସବୁଠାରୁ ଦୁର୍ଦ୍ଦାନ୍ତ ମାଓବାଦୀ ମାଡ଼ଭି ହିଡ଼ମା ନିହତ ହୋଇଛି । ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି । ଖାଲି ହିଡ୍‌ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ୍ୟ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛି ।



**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

**୪ ରାଜ୍ୟରେ ଆତଙ୍କ ଖେଳାଇଥିଲେ ହିଡ଼ିମା ଓ ସହଯୋଗୀ**

ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ଦେଇଛନ୍ତି । ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମରେ ଥିବା ଏହି ଅଞ୍ଚଳରୁ ୬ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅଞ୍ଚଳରେ ଏବେ ବି ତଲାସୀ ଅଭିଯାନ ଜାରି ରହିଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମାଓବାଦୀ ହିଡ଼ମାକୁ ▶ପୃଷ୍ଠା-୭

# ଶୀତରେ ଥରୁଛି ଓଡ଼ିଶା

## ଘୁ. ଉଦୟଗିରି ସବୁଠୁ ଥଣ୍ଡା



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ । ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି । ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି । ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୭ ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ । ଏହାସହ ୩ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ । ସାମାନ୍ୟ ତାପମାତ୍ରା ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି ।

ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୨ ତାରିଖ ଯାଏଁ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ଦକ୍ଷିଣ ଭାରତରେ ବର୍ଷା ଆଶଙ୍କା ରହିଛି । ୨୨ ତାରିଖ ଯାଏଁ ତାମିଲନାଡୁରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ୨୦ ତାରିଖ ଯାଏଁ କେରଳରେ ପ୍ରବଳ ବର୍ଷା ହୋଇପାରେ । ସେହିପରି ଉପକୂଳ ଆନ୍ଧ୍ରପ୍ରଦେଶରେ ବୁଧବାର ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ କାଲିଠାରୁ ୨୧ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ▶ପୃଷ୍ଠା-୭



Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. #Limited period offer, T&C apply. $Offer subject to approval of valid documents. *Ex-showroom prices are applicable in Odisha.
Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, Jatni: Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: Jagannath Motors - 7064309702, Chandpur: Apsara - 9861418161, Banamalipur: Duladei Motors - 7735425890, Sunderpada: Basudev Motors - 6371525029, Nakhra: S.G. Automobiles - 9778779778.
RS/Hero/11/25

# ନାଇଜେରିଆ ବୋର୍ଡିଂ ସ୍କୁଲରୁ ୨୫ ଛାତ୍ରୀଙ୍କୁ ଅପହରଣ


ଅବୁଜା, ୧୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ଅଭାବନୀୟ ଘଟଣା ଘଟିଛି । ଦେଶର କେବ୍ବି ରାଜ୍ୟରେ ସୋମବାର ସକାଳେ କେତକ ଅଜଣା ବନ୍ଧୁକଧାରୀ ଆସାମାଜିକ ଲୋକେ ଏକ ବୋର୍ଡିଂ ସ୍କୁଲ୍ ଉପରେ ଆକ୍ରମଣ କରିଛନ୍ତି । ଏକାଧିକ ଅସ୍ତ୍ର ଧରି ଆକ୍ରମଣକାରୀମାନେ ଆସିଥିଲେ । ସେମାନେ ସ୍କୁଲର ଭାଇସ୍ ପ୍ରିନ୍ସପାଲ୍ ଓ ଜଣେ ଗାର୍ଡଙ୍କୁ ମଧ୍ୟ ହତ୍ୟା କରିଛନ୍ତି । ଏହାପରେ ବାଳିକା ଛାତ୍ରାବାସକୁ ଯାଇ ୨୫ଜଣ ଛାତ୍ରୀଙ୍କୁ ଅପହରଣ କରିନେଇଛନ୍ତି । ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ଟଙ୍କା ପାଇଁ ଏହି ଅପହରଣ କରାଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି । ସେନା ଓ ପୁଲିସ ମିଳିତ ଭାବେ ଜଙ୍ଗଲରେ ଅପରେସନ ଆରମ୍ଭ କରିଛନ୍ତି । ଉଲ୍ଲେଖଥାଉ କି, ଉତ୍ତର ନାଇଜେରିଆରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲଗୁଡିକରୁ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଅପହରଣ କରାଯାଛି । ନାଇଜେରିଆରେ ଏଭଳି ଘଟଣା ଆଦୌ ନୂଆ ନୁହେଁ । ୨୦୧୪ରେ ଚିବୋକ ଅପହରଣ ପରେ ଏହି ଭୟ ସବୁବେଳେ ରହିଆସିଛି । କିନ୍ତୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି କରିବା କାରଣରୁ ଅପହରଣ ଘଟଣାରେ ଯଥେଷ୍ଟ ହ୍ରାସ ହୋଉଛି ।

## ଭାଇସ୍ ପ୍ରିନ୍ସପାଲ, ଗାର୍ଡଙ୍କୁ ହତ୍ୟା



# ଦିଲ୍ଲୀର ୩ କୋର୍ଟ, ୨ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ପୁଣି ବୋମା ଧମକ ମିଳିଛି । ଦିଲ୍ଲୀର ୩ଟି ଜିଲ୍ଲା କୋର୍ଟ ଓ ଦୁଇଟି ସ୍କୁଲକୁ ବୋମା ବିସ୍ଫୋରଣ କରି ଉଡାଇ ଦେବାକୁ ମେଲ୍‌ରେ ଏହି ଧମକ ଦିଆଯାଇଛି । ଧମକ ମିଳିବା ପରେ ପୁଲିସ ସାକେତ କୋର୍ଟ, ପଟିଆଲା କୋର୍ଟ ଓ ଦ୍ୱାରକା କୋର୍ଟକୁ ଖାଲି କରିବା ପରେ ଯାଞ୍ଚ ଆରମ୍ଭ କରିଥିଲା । ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନାମର ଇମେଲ ଆଇଡିରୁ ଏହି ଧମକ ମିଳିଥିଲା । ଫଳରେ ୩ କୋର୍ଟ କ୍ୟାମ୍ପସରେ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରିଥିଲେ । ସୂଚନା ଯୋଗ୍ୟ ଯେ, ପଟିଆଲ ହାଉସ କୋର୍ଟରେ ମଙ୍ଗଳବାର ଏନ୍‌ଆଇଏ ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ଅନ୍ୟତମ ଅଭିଯୁକ୍ତ ଜସିର ବିଲାଲ ବାନୀକୁ ହାଜର କରାଯିବାର କାର୍ଯ୍ୟକ୍ରମ ଥିଲା । ଏହାର ଠିକ୍ ପୂର୍ବରୁ ସକାଳ ୧୧ଟାରେ ଏହି ମେଲ୍ ପଠାଯାଇଥିଲା । ଏହାପୂର୍ବରୁ ସିଆରପିଏଫ୍‌ର ଦୁଇଟି ସ୍କୁଲ୍‌କୁ ମଧ୍ୟ ବୋମା ଧମକ ମିଳିଥିଲା । ଜଣେ ଅଜଣା ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରି ସ୍କୁଲ ପରିସରରେ ବିସ୍ଫୋରଣ ରଖାଯାଇଛି ବୋଲି ଦାବି କରିଥିଲା । ସକାଳ ୯ଟାରେ ପ୍ରଶାନ୍ତ ବିହାର ଓ ଦ୍ୱାରକା ସ୍କୁଲ୍‌ରୁ କଲ୍ ମିଳିବା ପରେ ପୁଲିସ ଦୁଇଟି ସ୍କୁଲ୍‌କୁ ଖାଲି କରି ଯାଞ୍ଚ କରିଥିଲା । କିନ୍ତୁ ଯାଞ୍ଚ ପରେ କିଛି ମିଳି ନଥିଲା । ଏହାକୁ ଏକ ମିଛ ଧମକ ବୋଲି ପୁଲିସ ତରଫରୁ କୁହାଯାଇଛି ।



# ଇରାନରେ ବିନା ଭିସାରେ ଭାରତୀୟଙ୍କ ପ୍ରବେଶ ନିଷିଦ୍ଧ

ତେହେରାନ, ୧୮ ।୧୧(ଏଜେନ୍ସି): ଭାରତ ନାଗରିକଙ୍କ ପ୍ରବେଶ ନେଇ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତୀୟଙ୍କ ଭିସା ଫ୍ରି ଏଣ୍ଟ୍ରି ଉପରେ ଇରାନ ନିଷେଧାଦେଶ ଜାରି କରିଛି । ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି ଲାଗୁ ହେବା ସହ କାର୍ଯ୍ୟକାରୀ ହେବ । ବିଭିନ୍ନ କାରଣରୁ ଇରାନ ଏହି ନିଷ୍ପତ୍ତି ନେଇଛି । ଗତ କେତେମାସ ହେବ କେତେକ ଭାରତୀୟଙ୍କୁ ନକଲି ଚାକିରି, ପରିବହନ ଯାତ୍ରା ଓ ମାନବ ଚାଲାଣ ବାହାନାରେ ଇରାନକୁ ଆଣିବା ଓ ତା'ପରେ ଅପହରଣ କରାଯିବାରୁ ଇରାନ ସରକାର ଏହି ପଦକ୍ଷେପ ନେଇଛନ୍ତି । ୨୦୨୪ ଫେବୃଆରୀରେ ଇରାନ ଭାରତୀୟଙ୍କ ପାଇଁ ବିନା ଭିସାରେ ପ୍ରବେଶ ସୁବିଧା ଉପଲବ୍ଧ କରାଇଥିଲା । ଏହି ସୁବିଧା କେବଳ ପର୍ଯ୍ୟଟନ ଶୀଳ୍ପ ପାଇଁ ଉଦ୍ଦିଷ୍ଟ ଥିଲା ଓ ପ୍ରତି ୬ ମାସରେ ୧୫ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଇଥିଲା । କିନ୍ତୁ ଗତ କିଛି ଦିନ ମଧ୍ୟରେ ଏକାଧିକ ମାମଲାରେ ଏଜେଣ୍ଟମାନେ ଭାରତୀୟଙ୍କୁ ଚାକିରି ଓ ୟୁରୋପ ପହଞ୍ଚାଇଦେବା ନାମରେ ଇରାନ ଡକାଇଥିଲେ । ଫଳରେ ଭାରତସ୍ଥିତ ଇରାନ ଦୂତାବାସ ମନ୍ତବ୍ୟ ଦେଇଛନ୍ତି ଯେ, ଏବେ ଇରାନ ଯିବାକୁ ହେଲେ ଭାରତୀୟଙ୍କୁ ଭିସା ନେବାକୁ ହେବ । ଭାରତ ସରକାର ମଧ୍ୟ ଏ ନେଇ ମାର୍ଗଦର୍ଶିକା ଜାରି କରିଛି । ଏବେ ଇରାନ ଯାଉଥିବା ଭାରତୀୟମାନଙ୍କୁ ସତର୍କ ରହିବାକୁ ହେବ ବୋଲି କୁହାଯାଇଛି । ଭିସା ଫ୍ରି ଏଣ୍ଟ୍ରି ନେଇ କୌଣସି ଏଜେଣ୍ଟଙ୍କ କଥାକୁ ଭରସା ନ କରିବାକୁ କୁହାଯାଇଛି ।

# ତାଇୱାନକୁ ନେଇ ଚୀନ୍-ଜାପାନ ମୁହାଁମୁହିଁ

ବେଜିଂ/ଟୋକିଓ, ୧୮ ।୧୧(ଏଜେନ୍ସି): ତାଇୱାନକୁ ନେଇ ଏବେ ଚୀନ୍ ଓ ଜାପାନ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପୁଜିଛି । ଜାପାନ ପ୍ରଧାନମନ୍ତ୍ରୀ ସନାଏ ତାକାଇଚି ମନ୍ତବ୍ୟ ଦେବା ପରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି । ନଭେମ୍ବର ୭ରେ ତାକାଇଚି ମନ୍ତବ୍ୟ ଦେଇଥିଲେ ଯେ, ଯଦି ତାଇୱାନ ଉପରେ ଚୀନ୍ ଆକ୍ରମଣ କରେ ତେବେ, ଜାପାନ ତାଇୱାନକୁ ସହାୟତା କରିବା ପାଇଁ ତା'ର ସୈନ୍ୟ ପଠାଇବ । ଏହାକୁ ଚୀନ୍ ନାପସନ୍ଦ କରିଛି । ତାଇକାଚିଙ୍କ ଏଭଳି ମନ୍ତବ୍ୟ ଉତ୍ତେଜନାମୂଳକ ଓ ଦାୟିତ୍ୱହୀନତାର ପରିଚୟ ଦେଉଛି ବୋଲି ଚୀନ୍ କହିଛି । ପୁଣି ଓସାକାରେ ଚୀନର କାଉନସିଲ ଜେନେରାଲ ଶୁଏ ଜିଆନ ଏହାଠାରୁ ଆହୁରି ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି । ଏହି ମାମଲାରେ ଯିଏ ମୁଣ୍ଡ ପୁରାଇବ, ତାଙ୍କ ବେକ କାଟିଦିଆଯିବ ବୋଲି ଜିଆନ କହିଛନ୍ତି । ଏହାପରେ ଦୁଇ ଦେଶ ଜଣେ ଅନ୍ୟଜଣଙ୍କର ରାଷ୍ଟ୍ରଦୂତଙ୍କଠାରୁ ଜବାବ ମାଗିଛନ୍ତି । ନିଜ ନାଗରିକଙ୍କୁ ଜାପାନ ନ ଯିବାକୁ ଚୀନ କହିଛି । ସେଠାକୁ ଗଲେ କୌଣସି ବିପଦର ସାମ୍ନା କରିବାକୁ ପଡ଼ିପାରେ ବୋଲି ଚୀନ୍ ସତର୍କ କରାଇଛି । ସ୍ଥିତି ବିଗୁଡିଥିବା ବେଳେ ଚୀନ୍ କୋଷ୍ଟଗାର୍ଡର ଏକ ଜାହାଜ ଜାପାନ ନିୟନ୍ତ୍ରଣରେ ଥିବା ସେନକାକୁ ଦୀପ ନିକଟରେ ଦେଖିବାକୁ ମିଳିଥିଲା । କିନ୍ତୁ ଜାପାନ ଏହି ଜାହାଜକୁ ତୁରନ୍ତ ସେହି ଅଞ୍ଚଳରୁ ବାହର କରିଥିଲା । ସେପଟେ ଜାପାନ ସମର୍ଥନରେ ଆମେରିକା ମଧ୍ୟ ଆଗକୁ ବାହାରିଛି । ଦୁଇ ଦେଶ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ବୁଝାମଣା ଅନୁସାରେ ଜାପାନ ଉପରେ କୌଣସି ବିପଦ ଆସିଲେ ଆମେରିକା ତାହାର ରକ୍ଷା କରିବ ବୋଲି କହିଛି । ତାଇୱାନ ମାମଲାରେ ଚୀନ୍ ଅଯଥା ଓ ବିନାକାରଣରେ ମୁଣ୍ଡ ପୁରାଉଛି ବୋଲି ଚୀନ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି ।

# ସାଉଦିରେ ୪୫ ଭାରତୀୟ ଶ୍ରଦ୍ଧାଳୁଙ୍କୁ କବର ଦିଆଯିବ

ରିଆଦ, ୧୮ ।୧୧(ଏଜେନ୍ସି): ସାଉଦି ଆରବର ମକ୍କା-ମଦିନା ହାଇୱେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଥିବା ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁଙ୍କ ମୃତ ଦେହ ଭାରତକୁ ଅଣାଯିବ ନାହିଁ । ଏମାନେ ସମସ୍ତେ ଉମରା ପାଇଁ ସାଉଦି ଯାଇଥିଲେ । ଧାର୍ମିକ ରୀତିନୀତି ଅନୁଯାଇ ସବୁ ୪୫ ଜଣ ଭାରତୀୟଙ୍କୁ ସାଉଦିରେ ହିଁ କବର ଦିଆଯିବ ବୋଲି ତେଲଙ୍ଗାନା ମନ୍ତ୍ରୀମଣ୍ଡଳ ନିଷ୍ପତ୍ତି ନେଇଛି । ପ୍ରତ୍ୟେକ ପୀଡିତ ପରିବାରରୁ ଦୁଇଜଣ ଲେଖାଏ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ସାଉଦି ଯିବେ ବୋଲି ସରକାରଙ୍କ ତରଫରୁ କୁହାଯାଇଛି । ସାଉଦିର ନିୟମ ଅନୁସାରେ ମୃତକଙ୍କୁ ଭାରତ ଆଣିବା କଷ୍ଟକର ମନେ ହେଉଛି । ତେଣୁ ମଦିନାର ଜନ୍ନତୁଲ ବକିରେ ମୃତକ ଭାରତୀୟଙ୍କୁ କବର ଦିଆଯିବାର ବିକଳ୍ପ ପ୍ରଦାନ କରାଯିବ । ସେହିପରି ମୃତକଙ୍କ ପରିବାରକୁ ତୁରନ୍ତ ଅନୁକମ୍ପାମୂଳକ ରାଶି ମିଳିବା ମଧ୍ୟ କଷ୍ଟକର ମନେହେଉଛି । ସାଉଦିରେ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ସିଧାସଳଖ କୌଣସି ଅନୁକମ୍ପାମୂଳକ ରାଶି ଦିଆଯାଇ ନଥାଏ । ଯଦି ଟ୍ୟାଙ୍କର ଡ୍ରାଇଭର କିମ୍ବା କମ୍ପାନୀର ତ୍ରୁଟି ପ୍ରମାଣିତ ହୁଏ ଓ ପୁଣି ପରିବାର ଲୋକେ ଆଇନଗତ ଦାବି କରିବେ ତାହାଲେ ଅନୁକମ୍ପା ରାଶି ମିଳିବାର ସମ୍ଭାବନା ରହିଛି । ଏହି ପ୍ରକ୍ରିୟା ବହୁତ କଷ୍ଟକର ଓ ଏହା କେତେମାସ ଧରି ଚାଲିବ । ପୁଣି ହଜ୍ କିମ୍ବା ଉମ୍‌ରା ଯାତ୍ରା କରିବାକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ମୃତଦେହ ସାଉଦିରୁ ଫେରା ନଯିବାର ନିୟମ ରହିଛି । କିନ୍ତୁ ଯଦି ଅଣ ତୀର୍ଥଯାତ୍ରୀ ସାଉଦିରେ ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ମୃତହେହକୁ ଭାରତ ଫେରାଇଆଣିବାର ବିକଳ୍ପ ରହିଥାଏ ।

# ସାମ୍ନାକୁ ଆସିଲା ଆତ୍ମଘାତୀ ଉମରର ନୂଆ ଭିଡିଓ

## 'ଆତ୍ମଘାତୀ ଆକ୍ରମଣ ଦ୍ୱାରା ସହିଦ ହେବାର ମିସନ ଥିଲା'

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ନଭେମ୍ବର ୧୦ରେ ଆତ୍ମଘାତୀ ଆକ୍ରମଣ କରିଥିବା ଆତଙ୍କବାଦୀ ଉମର ମହମ୍ମଦ ଉରଫ ଉମର-ଉନ-ନବୀର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ବିସ୍ଫୋରଣ ପୂର୍ବରୁ ସେ ଏହି ଭିଡିଓ ସୁଟ୍ କରିଥିଲା ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି । ଏଥିରେ ସେ ଆତ୍ମଘାତୀ ଆକ୍ରମଣକୁ ନେଇ ନିଜର ମତ ଦେଇଥିଲା । ସେ ପୂର୍ବରୁ ହିଁ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଥିଲା । ଏହି ଭିଡିଓରେ ସେ ଖଣ୍ଡି ଇଂରାଜୀରେ କହିବାକୁ ପ୍ରୟାସ କରିଛି । ଏହା ଏକ ଆତ୍ମଘାତୀ ଆକ୍ରମଣ ନୁହେଁ, ଏହା

- ଆତ୍ମଘାତୀ ଆକ୍ରମଣରୁ ଓହରି ଯାଇଥିଲା ଜସିର
- ଅଲ୍ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ପରିବାର ଗୃହବନ୍ଦୀ
- ୧୦ ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ ଜବତ

ସହିଦ ହେବାର ଏକ ମିଶନ ବୋଲି ସେ କହିଛି । ତେବେ ଏହାକୁ ନେଇ ବିରୋଧାଭାଷ ସୃଷ୍ଟି ହୋଇଛି । ଉମର ହିଁ ଲାଲ୍‌କିଲ୍ଲା ନିକଟରେ ଆଇ-୨୦ କାର୍‌ରେ ବିସ୍ଫୋଣ କରିବା ସହ ନିଜକୁ ଉଡାଇ ଦେଇଥିଲା । ଏଥିରେ ୧୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୬ ଜଣ ଡାକ୍ତର ସାମିଲ ରହିଛନ୍ତି । ଏହି ମାମଲରେ ଯାଞ୍ଚ ଏଜେନ୍ସିଗୁଡିକ ଏହି ଟେରର ମଡ୍ୟୁଲର ବାକି ସଦସ୍ୟ ଓ



ବୈଷୟିକ ଭାବେ ସମର୍ଥନ କରୁଥିବା ନେଟ୍‌ୱର୍କକୁ ସାମ୍ନାକୁ ଆଣିବାକୁ ପ୍ରୟାସରେ ରହିଛି । ସେପଟେ ଆତଙ୍କବାଦୀମାନେ ଡ୍ରୋନ୍ ଓ ରକେଟ୍ ମାଧ୍ୟମରେ ଆକ୍ରମଣ କରିବାକୁ ଚାହୁଁଥିଲେ ବୋଲି ସୋମବାର ହୋଇଥିବା ଯାଞ୍ଚରୁ ଜଣାପଡ଼ିଛି ।

ତେଣେ ଏହି ମାମଲାରେ ଏବେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଦିଲ୍ଲୀ ବିସ୍ଫୋରଣରେ ଉମରର ଅନ୍ୟତମ ସହଯୋଗୀ ଜସିର ବିଲାଲ ଓରଫ୍ ଦାନିଶକୁ ଗତକାଲି ଶ୍ରୀନଗରରୁ ଗିରଫ କରାଯାଇଥିଲା । ସେ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରଥମ ପସନ୍ଦ ଥିଲା । କିନ୍ତୁ ସେ ଏହା କରିବାକୁ ମନା କରିଥିଲା । ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡରେ ରହୁଥିବା ଜସିରକୁ ଏହି କାର୍ଯ୍ୟପାଇଁ ଉମର ପ୍ରବର୍ତ୍ତାଇଥିଲା । ରାଜନୀତି ବିଜ୍ଞାନର ଛାତ୍ର ଥିବା ଜସିରକୁ ୨୦୨୩ରୁ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରବର୍ତ୍ତାଯାଉଥିଲା । ତାକୁ ମଧ୍ୟ ବୈଷୟିକ ସହାୟତା ପ୍ରଦାନ କରାଯାଉଥିଲା । ଗରିଫ ହୋଇଥିବା ଡାକ୍ତରଙ୍କୁ ପଚରାଉଚରା କରାଯିବା ପ୍ରକ୍ରିୟାରେ ଏହା ଜଣାପଡ଼ିଥିଲା । କିନ୍ତୁ ସେ ଆତ୍ମଘାତୀ ଆକ୍ରମଣ କରିବାକୁ ମନା କରିଥିଲା । ଏହା ଇସଲାମ ଧର୍ମରେ ପାପ ବୋଲି ସେ କହିଥିଲା । ୨୦୨୩ ଅକ୍ଟୋବରରେ କୁଲଗାଁଓରେ ଜସିରକୁ ଏକ ମସଜିଦ୍‌ରେ ଏହି ଟେରର ମଡ୍ୟୁଲ ସହ ପରିଚିତ କରାଯାଇଥିଲା । ଏହାପରେ ଫରିଦୋବାଦ୍‌ର ଅଲ ଫଲାହ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ା ଘରେ ତାକୁ ରଖାଯାଇଥିଲା । କିନ୍ତୁ ୨୦୨୫ ଏପ୍ରିଲ୍‌ରେ ସେ ଏହି ମଶନରୁ ଓହରିଯାଇଥିଲା । ଖରାପ ଆର୍ଥିକ ସ୍ଥିତି ଓ ଇସ୍‌ଲାମରେ ଆତ୍ମହତ୍ୟା ପାପର ଦ୍ୱାହି ଦେଇ ସେ ଓହରିଯାଇଥିଲା । ଏହାପରେ ଉମର ନିଜେ ଆତ୍ମଘାତୀ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲା । ଜସିରକୁ ଏନ୍‌ଆଇଏ ୧୦ ଦିନିଆ ବିଚାରବିଭାଗୀୟ ହେପାଜତକୁ ନେଇଛି ।

ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଯାଞ୍ଚ ଏଜେନ୍ସିଗୁଡିକ ଫରିଦାବାଦ୍‌ସ୍ଥିତ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟରେ ଚଢ଼ାଉ ଜାରି ରଖିଛି । ଆତଙ୍କବାଦ ମଡ୍ୟୁଲ ସହିତ ଜଡିତ ଡାକ୍ତର ନିସାର ଉଲ ହାସନର ଡାକ୍ତର ପତ୍ନୀ ଓ ଏମ୍‌ବିବିଏସ୍ କରୁଥିବା ଝିଅ ବିଶ୍ୱବିଦ୍ୟାଳୟ ପରିସରରେ ଗୃହବନ୍ଦୀ କରିଛି । ଏହାକୁ ବାଦ୍ ଦେଲେ ଏମ୍‌ବିବିଏସ୍‌ର ୧୦ ଜଣ ଛାତ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି ଓ ଏମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସର ବାହର ଯିବା ନେଇ ବାରଣ କରାଯାଇଛି । ମୋବାଇଲର କଲ୍ ଡିଟେଲ ରେକର୍ଡିଂ ଓ ଅନ୍ୟ ତଥ୍ୟଗୁଡିକର ଯାଞ୍ଚ କରାଯାଉଛି । ଡା ନିସାର ବିଶ୍ୱବିଦ୍ୟାଳୟ ମେଡିସିନ ବିଭାଗର ଫ୍ରଫେସର ଅଛନ୍ତି । ନିସାର ଦିଲ୍ଲୀ ବିସ୍ଫୋରଣ ସହିତ ଜଡିତ ଡା ଉମର, ଡା ମୁଜମ୍ମିଲ ଶକିଲ ଓ ଡା ଶାହିନ ସଇଦର ସମ୍ପର୍କରେ ଥିଲେ । ବିସ୍ଫୋରଣ ପରେ ନାସିର ଫେରାର ହୋଇଯାଇଥିଲା । ପରେ ପଶ୍ଚିମବଙ୍ଗରେ ତାଙ୍କୁ ଯାଞ୍ଚ ଏଜେନ୍ସି ଗିରଫ କରିଥିଲା । ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନେଟ୍‌ୱର୍କ ଅଂଶ ଥିଲା ନାସିର ।

# ଏସ୍‌ଆଇଆର୍‌କୁ ବିରୋଧ ବଢୁଛି

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ବାରଟି ରାଜ୍ୟରେ ହେବାକୁ ଥିବା ସେସ୍ସିଆଲ ଇଣ୍ଟେନସିଭ ରିଭିଜିନ (ଏସଆଇଆର)କୁ ନେଇ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଏକ ବୈଠକ କରାଯାଇଛି । ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହୋଇଥିଲେ । ଏହି ବୈଠକରେ ଏସ୍‌ଆଇଆର ବିରୋଧରେ

- ଆସନ୍ତା ସପ୍ତାହରେ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ
- ଭୋଟରଙ୍କୁ ହଟାଇବା ପ୍ରୟାସକୁ ବିରୋଧ କରିବୁ: ଖଡ୍‌ଗେ
- ଭୋଟର ତାଲିକା ସମୀକ୍ଷାକୁ ତାମିଲନାଡୁର ବୟକଟ୍

ଦିଲ୍ଲୀର ରାମଲୀଳା ମୈଦାନରେ ରାଲି କରିବାକୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ସପ୍ତାହରେ ଏହି ରାଲି ହେବ । ଆଜିର ବୈଠକରେ କଂଗ୍ରେସ ନେତା କେସି ବେଣୁଗୋପାଳ, ସମ୍ବନ୍ଧିତ ରାଜ୍ୟର କଂଗ୍ରେସ ପ୍ରଭାରୀ, ପ୍ରଦେଶ ଅଧ୍ୟକ୍ଷ ଏବଂ କଂଗ୍ରେସର ବିଧାନ ପରିଷଦ ନେତା ତଥା ସେହି ରାଜ୍ୟଗୁଡିକର ସିଡବ୍ଲ୍ୟୁସି ସଦସ୍ୟ ଏବଂ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଏହି ବୈଠକରେ ଖଡଗେ କହିଥିଲେ ଯେ ଭୋଟର ତାଲିକାରୁ ନାମ ହଟାଇବାକୁ ଦିଆଯିବ ନାହିଁ । ଗଣତାନ୍ତ୍ରିକ ସଂସ୍ଥାରୁ ଜନତାଙ୍କ ବିଶ୍ୱାସ ହ୍ରାସ ପାଉଥିବାବେଳେ ନିର୍ବାଚନ କମିଶନ (ଇସି)ଙ୍କ ଏଭଳି ଆଚରଣ ଅତ୍ୟନ୍ତ ନୈରାଶ୍ୟଜନକ । ବିଜେପି ଛତ୍ରଛାୟାରେ ରହି କାମ କରୁନାହୁଁ ବୋଲି ଇସିଙ୍କ ପକ୍ଷରୁ କହିବା ଉଚିତ । ବିଜେପି ଭୋଟ ଚୋରି ପାଇଁ ଏସ୍‌ଆଇଆରକୁ ଅସ୍ତ୍ର କରିବାକୁ ପ୍ରୟାସ କରୁଛି । ଯଦି ଇସି ଏହାକୁ ଅଣଦେଖା କରନ୍ତି ତେବେ ଏହା ଚୁପ୍ ହୋଇ ବସିବା ସହ ସମାନ ହେବ । ପ୍ରକୃତ ଭୋଟରଙ୍କୁ ହଟାଇବାରେ ଏବଂ ଜାଲ୍ ଭୋଟରଙ୍କୁ ସାମିଲ କରାଇବାକୁ ହେଉଥିବା ପ୍ରତ୍ୟେକ ପ୍ରୟାସ ପର୍ଦ୍ଦାଫାସ କରାଯିବ ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ପରେ କେରଳ ଏବଂ ତାମିଲନାଡୁରେ ଏସ୍‌ଆଇଆରକୁ ବିରୋଧ କରାଯାଉଛି । ତାମିଲନାଡୁର ବୁଥ୍ ଲେଭୁଲ ଅଫିସର (ବିଏଲଓ)ଙ୍କ ସହିତ ତହସିଲଦାର ସ୍ତରର ଅଧିକାରୀମାନେ ଏସ୍‌ଆଇଆରକୁ ବୟକଟ କରିବାକୁ ମଙ୍ଗଳବାର ଘୋଷଣା କରିଛନ୍ତି । ତାମିଲନାଡୁର ରାଜସ୍ୱ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି ଯେ କାର୍ଯ୍ୟଚାପ, କମ୍ ଲୋକ, ସମୟସୀମା ମଧ୍ୟରେ ସାରିବାର ଚାପ, ଅଧୁରା ପ୍ରଶିକ୍ଷଣ ଏବଂ ପାରିଶ୍ରମିକକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ । ସେହିପରି କେରଳ ସରକାର ମଧ୍ୟ ସ୍ଥାନୀୟ ପୌର ନିର୍ବାଚନରେ ଏସ୍‌ଆଇଆର ସ୍ଥଗିତ ରଖିବାକୁ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସ୍ଥାନୀୟ ନିର୍ବାଚନ ସହିତ ଏସ୍‌ଆଇଆର କରାଇବା କାଠିକର ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ଇସିଙ୍କ ସୂଚନା ଅନୁଯାୟୀ, ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏ ପର୍ଯ୍ୟନ୍ତ ୫୦.୧ କୋଟି ଏସଆଇଆର ଫର୍ମ ବଣ୍ଟା ଗଲାଣି ।

# ଦିଲ୍ଲୀ ବିସ୍ଫୋରଣ ଚେର ବାଂଲାଦେଶକୁ ଲମ୍ବିଛି

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଯାଞ୍ଚ ଏବେ ବାଂଲାଦେଶରେ ପହଞ୍ଚିଛି । ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ବିସ୍ଫୋରଣ ସହିତ ବାଂଲାଦେଶର ଅଲ-କାଏଦାର ସମ୍ପର୍କ ଥିବା ଜାଣିବାକୁ ପାଇଛି । ଏନ୍‌ଆଇଏ ଅନସରୁଲ୍ଲା ବାଂଲା ଟମ୍ (ଏବିଟି)ର ଜଣେ ସଦସ୍ୟ ଇଖତାରକୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି । ଏବେ ଭାରତ ଓ ବାଂଲାଦେଶ ସୀମାରେ ଥିବା ଜିଲ୍ଲାଗୁଡିକ ଉପରେ ଏନ୍‌ଆଇଏ ନଜର ରଖିଛି । ଇଖତାର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ବିସ୍ଫୋରକ ଯୋଗାଇବାର ଅଭିଯୋଗ ହୋଇଛି । ଏଥିସହ ବିସ୍ଫୋରଣ ସହ ସୀମାପାରର ସମ୍ପର୍କ ରହିଛି ବୋଲି ଏନ୍‌ଆଇଏ ବିଶ୍ୱାସ କରୁଛି । ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଏହି ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ଏନ୍‌ଆଇଏ ଏହାକୁ ବେଶ୍ ଗୁରୁତ୍ୱ ଦେଉଛି । ପାକିସ୍ତାନର ଲସ୍କର-ଇ- ତୋହିବା ସହ ପଶ୍ଚିମବଙ୍ଗର ମାଲଦା ଓ ମୁର୍ସିଦାବାଦର ମୌଲବାଦୀମାନେ ଭିଡିଓ କନପରେନ୍ସରେ ଯୋଗାଯୋଗ କରିଥିଲେ । ବିସ୍ଫୋରଣର କିଛିଦିନ ପୂର୍ବରୁ ସୈଫୁଲ୍ଲା ସହ ଯୋଗାଯୋଗ ହୋଇଥିଲା । ସୈଫୁଲ୍ଲା ସହ ବାଂଲାଦେଶ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ହୋଇଥିଲା । ଫଳରେ ସୀମାପାର ମୌଲବାଦୀ ନେଟ୍‌ୱର୍କ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି ।

# ହସିନାଙ୍କ ସମର୍ଥନରେ ବାଂଲାଦେଶ ବନ୍ଦ

ଢାକା, ୧୮ ।୧୧(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ (ଆଇସିଟି) ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ସୋମବାର ସାରା ଦେଶରେ ବନ୍ଦ ଡାକରା ଦିଆଯାଇଛି । ହସିନାଙ୍କ ପାର୍ଟି ଆୱାମୀ ଲିଗ୍ ଏହି ବନ୍ଦ ଡାକରା ଦେଇଛି । ଆସିଟିର ରାୟକୁ ଆୱାମୀ ଲିଗ୍ ପ୍ରତ୍ୟାଖାନ କରିଛି । ଏଥିସହ ପାର୍ଟି ମଧ୍ୟବର୍ତ୍ତୀକାଳୀନର ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି । ଆଇସିଟିର ଏହି ନିଷ୍ପତ୍ତି ତଥା ରାୟ ଏକପାଖିଆ ଓ ପକ୍ଷପାତପୂର୍ଣ୍ଣ ବୋଲି ଆୱାମୀ ଲିଗ୍‌ର ନେତା ଜାହାଙ୍ଗୀର କବୀର ନାନକ ପାର୍ଟି ଫେସବୁକ୍ ପେଜ୍‌ରେ ଏକ ଭିଡିଓ ଜାରି କରି କହିଛନ୍ତି । କୋର୍ଟଙ୍କ କାର୍ଯ୍ୟ ଓ ପ୍ରକ୍ରିୟା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ମକଦ୍ଦମା ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ଓ ନଭେମ୍ବର ୧୭ରେ ଅନ୍ତିବ ରାୟ ଦିଆଯାଇଥିଲା ଓ ଏହା କିପରି ସମ୍ଭବ ବୋଲି ସେ କହିଛନ୍ତି । ମାତ୍ର ଦୁଇମାସ ମଧ୍ୟରେ କୋର୍ଟରେ ୨୦ ଦିନ ଶୁଣାଣି ହୋଇଥିଲା । ୮୪ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୫୪ଜଣଙ୍କୁ ଶୁଣାଣିରେ ସାମିଲ କରାଯାଇଥିଲା । ମୁଖ୍ୟ ବିଚାରପତି ଏକମାତ୍ର ହେବ ଅନୁପସ୍ଥିତ ଥିଲେ । ତେଣୁ କିପରି ଏହି ରାୟ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ହସିନାଙ୍କ ବିରୋଧରେ ଦିଆଯାଇଥିବା ଏହି ରାୟକୁ ବାଂଲାଦେଶ ଲୋକ ସ୍ୱୀକାର କରୁନାହାନ୍ତି ବୋଲି ସେ କହିଛନ୍ତି ।




- ଆୱାମୀ ଲିଗ୍‌ର ବନ୍ଦ ଡାକରା, ୟୁନୁସଙ୍କ ଇସ୍ତଫା ଦାବି

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟଦେଇଛନ୍ତି । ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଡ଼ ନିର୍ଦ୍ଦେଶ ଦେଇ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ 'ପ୍ରାକୃତିକ ବିପର୍ଯ୍ୟୟ' ଘୋଷଣା କରିବାକୁ କହିଛନ୍ତି । ଏହା ଦ୍ୱାରା ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ, ପ୍ରାଶାସନିକ ଦାୟିତ୍ୱ ସ୍ପଷ୍ଟ ହେବ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଜରୁରୀ ସମ୍ବଳର ଉପଲବ୍ଧତା ବୃଦ୍ଧି ପାଇବ । ଜିମ୍ କାର୍ବେଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ସମ୍ବନ୍ଧିତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି ଆର ଗଭାଇ, ଜଷ୍ଟିସ ଏଜି ମସିହ ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ଖଣ୍ଡପୀଠ ସୋମବାର ଏହି ନିର୍ଦ୍ଦେଶ ଜାରି କରିଥିଲେ । ଜିମ୍ କାର୍ବେଟ ବେଧଡ଼କ ଗଛ କଟା ଏବଂ ବେଆଇନ ନିର୍ମାଣ କ୍ରମାଗତ ଭାବେ ଚିନ୍ତାର ପ୍ରସଙ୍ଗ ପାଲଟି ଥିଲା ।

ଖଣ୍ଡପୀଠ ଜୋର ଦେଇ କହିଥିଲେ ଯେ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ରାଜ୍ୟଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟକରନ୍ତୁ । ଶୀଘ୍ର ଏ ନେଇ ବିଜ୍ଞପ୍ତି ଜାରି କରନ୍ତୁ । ଏହା ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବନ୍ୟଜନ୍ତୁ ସହ ସଂଘର୍ଷରେ ପ୍ରାଣ ହରାଉଥିବା ଲୋକଙ୍କୁ ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ (ସିଏସଏସ-ଆଇଡିଡବ୍ଲ୍ୟୁଏଚ୍) ଅଧିନରେ ୧୦ ଲକ୍ଷ ଟଙ୍କା ଦେବା ବାଧ୍ୟତାମୂଳକ । ସାରା ଦେଶରେ ଏହି ସହାୟତା ରାଶି ସମାନ ହେବା ଉଚିତ । ଏହା ପ୍ରଦାନରେ କୌଣସି ବିଳମ୍ବ କିମ୍ବା ପ୍ରାଶାସନିକ ଜଟିଳତା ନ ରହିବା ଉଚିତ ।

ସୂଚନା ଅନୁଯାୟୀ ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟ ପୂର୍ବରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି । ଅନ୍ୟ ରାଜ୍ୟମାନଙ୍କୁ ତୁରନ୍ତ ଏପରି କରିବା ପାଇଁ କୋର୍ଟ କହିଛନ୍ତି । ସେହିପରି କୋର୍ଟ ମୂଲ୍ୟାଙ୍କନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ୬ ମାସ ମଧ୍ୟରେ ଏକ ମାର୍ଗଦର୍ଶିକା ଆଣିବାକୁ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟି (ଏନଟିସିଏ)ଙ୍କୁ କହିଛନ୍ତି । ଏ ନେଇ ଏନଟିସିଏ ରାଜ୍ୟଗୁଡ଼ିକ ଏବଂ ସେଣ୍ଟ୍ରାଲ ଏମ୍ପାୱାରଡ କମିଟି (ସିଇସି) ସହ ଆଲୋଚନା କରିବାରିବ । ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ କୋର୍ଟ ରାଜ୍ୟମାନଙ୍କୁ ୬ ମାସ ସମୟ ଦେଇଛନ୍ତି । ସେହିପରି ଏକ ଉଚ୍ଚ ସ୍ତରୀୟ କମିଟିର ପ୍ରସ୍ତାବକୁ କୋର୍ଟ ଗ୍ରହଣ କରିଛନ୍ତି । ଏହି କମିଟି ଫସଲ ହାନି, ପଶୁପାଳନ, ଆହତ ଏବଂ ମୃତ୍ୟୁ ସହିତ ଜଡ଼ିତ କ୍ଷତିକୁ ଭରଣା କରି କ୍ଷତିପୂରଣ ବ୍ୟବସ୍ଥାକୁ ଦକ୍ଷ, ସୁଗମ ଏବଂ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା । ରିଲିଫ ସହାୟତା ଦେବାରେ ବିଳମ୍ବ ହେଲେ ଜନତା ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇ ଥାଆନ୍ତି ।



# ସାଉଦିକୁ ଏଫ୍-୩୫ ବିମାନ ବିକ୍ରି କରିବ ଆମେରିକା

ୱାଶିଂଟନ, ୧୮ ।୧୧(ଏଜେନ୍ସି): ସାଉଦି ଆରବକୁ ଆମେରିକା ଏଫ୍-୩୫ ବିମାନ ବ୍ରିକି କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଏହି ବିମାନ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ସାମରିକ ବିମାନ ବିବେଚିତ ହେଉଛି । ଟ୍ରମ୍ପ ସାଉଦି ଆରବକୁ ଏକ ମହାନ ଭାଗୀଦାରି ବୋଲି କହିଛନ୍ତି । ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍) ମଙ୍ଗଳବାର ହ୍ୱାଇଟ୍ ହାଉସ୍ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆମେରିକା ବିମାନ ଦେବାକୁ ନିଷ୍ପତ୍ତି ନେଇଛି । ଗତ କେତଡେବର୍ଷ ହେବ ସାଉଦି ଏଫ୍-୩୫ ବିମାନ କ୍ରୟ କରିବାକୁ ଚାହିଁ ଆସୁଛି । ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ପାଖରେ ଏହି ବିମାନ ରହିଛି । ଆମେରିକୀୟ ସାଂସଦ ଚାହିଁଲେ ଏହି ବିମାନ କିଣାବିକା ପ୍ରକ୍ରିୟାକୁ ରୋକିପାରିବେ । କିନ୍ତୁ ସାଧାରଣତଃ ଏହା ହୋଇନଥାଏ । ଏଫ୍-୩୫ ୫ମ ପୀଢ଼ିର ଫାଇଟର ଜେଟ୍ ବିବେଚିତ ହେଉଛି । ଏହାକୁ ଲକ୍‌ହିଡ୍ ମାର୍ଟିନ କମ୍ପାନୀ ତିଆରି କରିଛି । ୨୦୦୬ରୁ ଏହି ବିମାନ ତିଆରି କରିବା ପ୍ରକ୍ରିୟା ଆରମ୍ଭ ହେଉଛି । ୨୦୧୫ରେ ଏହାକୁ ଆମେରିକା ବାୟୁସେନାରେ ସାମିଲ କରାଯାଇଥିଲା । ପେଣ୍ଟାଗନ ଇତିହାସରେ ଏହା ସବୁଠାର ଦାମୀ ବିମାନ । ଏଫ୍-୩୫ର ୩ଟି ଭେରିଆଣ୍ଟ ରହିଛି ଓ ଏଗୁଡିକର ମୂଲ୍ୟ ୭୦୦ରୁ ଆରମ୍ଭ କରି ୯୪୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ପୁଣି ଏଫ୍-୩୫କୁ ଅପରେଟ୍ କରିବା ପାଇଁ ପ୍ରତିଘଣ୍ଟା ୩୧. ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ ।

## ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଦୁର୍ନୀତି ଓ ଅପାରଗତାକୁ ପ୍ରଶ୍ରୟ ଦିଅନାହିଁ




■ ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି
■ ପ୍ରତି ୩-୪ ମାସରେ ଯୋଜନାର ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର,୧୮।୧୧(ସମିସ): ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ତେଣୁ ଅବହେଳା, ଦୁର୍ନୀତି ଓ ଅପାରଗତାକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ଜିଲ୍ଲାପାଳମାନେ ପ୍ରଦାନ କରନ୍ତୁ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରାଯିବା ଆବଶ୍ୟକ। ସେହିପରି ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ପ୍ରତି ତିନି ଚାରି ମାସରେ ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୋଧରେ ଧରପଗଡ଼କୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ ଓ ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବାନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

## ଧାନ କାଟିଲେଣି ଚାଷୀ

# ଏ ଯାଏଁ ହେଲାନି ସାଟେଲାଇଟ୍ ସର୍ଭେ

ପୁରୀ,୧୮।୧୧(ସମିସ): ପୁରୀ ଏକ କୃଷିବହୁଳ ଜିଲ୍ଲା। ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରିଥାନ୍ତି। ଅନେକ ପରିବାରର ମୁଖ୍ୟ ଆୟ ଧାନ ଚାଷ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏମିତି କିଛି ପରିବାର ରହିଛନ୍ତି ଯେଉଁମାନେ ବର୍ଷକୁ ଥରେ ଧାନ ଅମଳ କରି ନିଜେ ଖାଇବା ପାଇଁ ସାଇତି ରଖି ବଳକା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ସରକାରୀ ବାବୁ ଏଭଳି ବାସ୍ତବତାକୁ କିନ୍ତୁ ବୁଝିବା ଅବସ୍ଥାରେ ନାହାନ୍ତି। ଚାଷ ଓ ଚାଷୀଙ୍କ ପ୍ରତି ସେମାନେ ନିୟମିତ ଅବହେଳା କରିଆସୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାରେ ପ୍ରାୟ ସପ୍ତାହେ ହେବ ଧାନକଟା ଆରମ୍ଭ ହେଲାଣି। ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଫସଲ ବି ଭଲ ହୋଇଛି। ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧାନକୁ କିଭଳି ମଣ୍ଡିରେ ବିକ୍ରି କରିବେ, ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି। କାରଣ ଏଯାଏଁ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରି ନ ଥିବା ଜଣାପଡ଼ିଛି। କେବଳ ପଞ୍ଜୀପକରଣ କାମ ସାରି ବସି ପଡ଼ିଛି ବିଭାଗ।

ବିଭିନ୍ନ କୃଷି ସମବାୟ ସମିତି ଜରିଆରେ ଧାନ କିଣିବାକୁ ଦୀର୍ଘ ଦିନ ହେଲା ପଞ୍ଜୀକରଣ ସରିଥିଲେ ବି ଅନ୍ୟାନ୍ୟ ପ୍ରକ୍ରିୟା ଆଦୌ ଆରମ୍ଭ ହୋଇନାହିଁ। ଫଳରେ ମଣ୍ଡି ଖୋଲିବା ତ ବିଳମ୍ବ ହେବ, ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପାଇବା କଥା, ତାହା ଆଉ ପାଇବେ ନାହିଁ। ଅନ୍ୟପକ୍ଷରେ, କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ। ଏଭଳି ଆଶଙ୍କା ଦେଖାଦେଇଛି।

ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇରୁ ଚାଷୀ ପଞ୍ଜୀକରଣ କରାଗଲାଣି। ଅଗଷ୍ଟ ୨୫ରୁ ପଞ୍ଜୀକରଣ କାମ ଶେଷ ହୋଇଥିଲେ ବି ଆଜିଯାଏଁ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାମ ଶେଷ ହୋଇନାହିଁ। ଭାଲିଡେସନ ପରେ ସାଟେଲାଇଟ୍ ସର୍ଭେ କରାଯିବା କଥା।



■ ଧାନ ବିକିବାରୁ ବଞ୍ଚିତ ହେବେ ଚାଷୀ
■ ଟାର୍ଗେଟ ପରିମାଣ ହ୍ରାସ ଆଶଙ୍କା

ସାଟେଲାଇଟ୍ ସର୍ଭେ ପରେ କୃଷି ସେବା ସମବାୟ ସମିତି ଲ୍ୟାମ୍ପସ୍, ପାକ୍ସସ୍ତରରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବା କଥା। ଏହା ପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣରେ ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଟାର୍ଗେଟ ଦିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇ ନଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କଣାସ, ପିପିଲି, ନିମାପଡ଼ା ଆଦି ବ୍ଲକରେ ପ୍ରାୟ ସପ୍ତାହେ ହେବ ଧାନ କଟା ଆରମ୍ଭ ହେଲାଣି। ପାଖାପାଖି ୩୦ ପ୍ରତିଶତ ଧାନ କଟା ହେଲାଣି। ଆଉ ସପ୍ତାହକ ପରେ ୫୦ ପ୍ରତିଶତ ଧାନ କଟା ସରିଥିବ। ଏପରିସ୍ଥଳେ ସାଟେଲାଇଟ୍ ସର୍ଭେ କଲେ ଜମିରେ ତ ଧାନ ନ ଥିବ, କି ରିପୋର୍ଟ ଯିବ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଡିସେମ୍ବର ୨୦ ମଧ୍ୟରେ ମଣ୍ଡି ଖୋଲିବାର ଆକଳନ କରାଯାଉଥିଲେ ହେଁ ସେତେବେଳକୁ ସମସ୍ତ ପ୍ରକ୍ରିୟା ସାରିବାକୁ ହାତରେ ସମୟ ମଧ୍ୟ ନ ଥିବ। ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି। ଏଥିରେ ଚାଷୀ ଉପଯୁକ୍ତ ଟାର୍ଗେଟ ପାଇବା ଓ ଧାନ ବିକିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସରକାର ଗତବର୍ଷଠାରୁ ଇନ୍‌ପୁଟ୍ ସବ୍‌ସିଡି ମିଶାଇ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିଛନ୍ତି। ଚଳିତବର୍ଷ ମଧ୍ୟ ସେହିପରି ଧାନ କିଣାଯିବ। ଚଳିତବର୍ଷ ଚାଷରୁ ଭଲ ଦି' ପଇସା ରୋଜଗାର କରିବା ଆଶାରେ କିଛି ବି ଜମି ପଡ଼ିଆ ନ ରଖି ଚାଷୀ ଚାଷ କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ ଜମିରେ ଧାନ ଫସଲ ହୋଇଛି। ଉତ୍ତମ ପାଣିପାଗ ଯୋଗୁଁ ଜିଲ୍ଲାରେ ଭଲ ଫସଲ ବି ହୋଇଛି। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କିଛି ଧାନ ନଷ୍ଟ ହୋଇଥିବାବେଳେ ଚଳିତବର୍ଷ ସୁରୁଖୁରୁରେ ଅମଳ ହେବା ଆଶା କରାଯାଉଛି। ତେଣୁ ସରକାର ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟରଖି ମଣ୍ଡି ପ୍ରକ୍ରିୟା ବିଳମ୍ବିତ କରୁଥିବା ମଧ୍ୟ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହେଲାଣି।

# ବିଧାନସଭା ପରିଦର୍ଶନ କଲେ ୧୨ଟି ଦେଶର ୪୦ ଜଣ ପ୍ରତିନିଧି



ଭୁବନେଶ୍ୱର,୧୮।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଲୋକସଭା ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ) ପକ୍ଷରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ମଙ୍ଗଳବାର ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟପ୍ରଣାଳୀ ଏବଂ ବିଧି ବ୍ୟବସ୍ଥା ବାବଦରେ ଅବଗତ ହୋଇଛନ୍ତି। ବିଧାନସଭା ସଚିବାଳୟ ସମ୍ମିଳନୀ କକ୍ଷରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉଦଘାଟନ କରିଥିଲେ। ଉପସ୍ଥିତ ପ୍ରତିନିଧିମାନଙ୍କୁ ବାଚସ୍ପତି ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ ହୋଇପାରିଛି। ଏତଦ୍‌ବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ଦ୍ୱାରା ସମସ୍ତ କାର୍ଯ୍ୟକୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବାଚସ୍ପତି ଏହି ଅବସରରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓଡ଼ିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମକୁ ଆହୁରି ନିବିଡ କରିବା ପାଇଁ ଡ. ମହାଲିଙ୍ଗ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ବିଧାନସଭାର ଗବେଷଣା ନିର୍ଦ୍ଦେଶକ ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ପ୍ରାଇଡର ନିର୍ଦ୍ଦେଶକ ଏବଂ ବିଧାନସଭାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବହୁଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲା

# ପରିବାରର ୫ ଜଣଙ୍କୁ ଆଜୀବନ ସଜା

ରାୟଗଡ଼ା, ୧୮।୧୧(ସମିସ): ୨୦୧୪ ମସିହାରେ ରାୟଗଡ଼ା ସହରରେ ସଂଘଟିତ ବହୁ ଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଗୋଟିଏ ପରିବାରର ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲରେ ରହିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲେ, ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍। ୧୪ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଦୀର୍ଘ ୧୧ବର୍ଷ ପରେ ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୧୪ ଅଗଷ୍ଟ ୯ ରେ ରାୟଗଡ଼ା ସହରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ ଖଲାସି ରୂପେ କାର୍ଯ୍ୟ କରୁଥିବା ବୁଦୁରାବଲାସାର କେ. ଆପଲା ନାରାୟଣଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ ନେଇ ଉଦୟପ୍ଲାଜା ସିନେମା ହଲ ନିକଟରେ କୁକୁଡ଼ା ଫାର୍ମଠାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ମୃତକଙ୍କ ସମ୍ପର୍କୀୟ ଏ. ରାବଣା ରାୟଗଡ଼ା ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ଏହି ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ କିଶୋର-ଅଶୋକ

## ଜିଲ୍ଲାରେ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ ଓ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ଦେଲେ ପ୍ରସ୍ତାବ

ବାରିପଦା, ୧୮ ।୧୧(ସମିସ): ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କିଶୋର ବସା ଏବଂ ତାଙ୍କ ଭାଇ ତଥା ବିଶ୍ୱ ଯନ୍ତ୍ରୀ ମହାସଂଘ (ଡବ୍ଲ୍ୟୁଇଏଫଓ)ର ରଣନୈତିକ ଯୋଜନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ କାର୍ଯ୍ୟନିର୍ବାହୀ ଉପସଭାପତି ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ପୂର୍ବତନ ସଭାପତି ଇଞ୍ଜିନିୟର୍ ଅଶୋକ ବସା ମଙ୍ଗଳବାର ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।



■ ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ ଏଏସଆଇ ଅଧୀନକୁ ଅଣାଯାଉ
■ ୱାଟର ଆକ୍ସନ ଡିକେଡ୍ ୨୦୧୮-୨୮ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ

ସାକ୍ଷାତ ସମୟରେ ପ୍ରଫେସର୍ କିଶୋର ଓଡ଼ିଶାର ସାଂସ୍କୃତିକ ଓ ଆଦିବାସୀ ବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ରାଇରଙ୍ଗପୁରଠାରେ ଏକ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ(ଏନ୍‌ଆଇଟିଡି) ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ରାଇରଙ୍ଗପୁର ଓଡ଼ିଶା ସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବହୁସଂଖ୍ୟକ ଆଦିବାସୀ ଜନଗୋଷ୍ଠୀ କେନ୍ଦ୍ରୀଭୂତ ହୋଇଥିବାରୁ ଏହା ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରତିଷ୍ଠାନକୁ ହାଇଦରାବାଦର ଜାତୀୟ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଆଦର୍ଶରେ ଗଢ଼ି ତୋଳାଯାଇପାରିବ ବୋଲି ପ୍ରଫେସର୍ ବସା ମତପ୍ରକାଶ କରିଥିଲେ। ସେହିଭଳି ବାରିପଦାଠାରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଝୁମର ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ସମନ୍ୱୟର ପ୍ରତୀକ ବୋଲି ସେ କହିଥିଲେ। ଏହାଛଡ଼ା ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ଭେ(ଏଏସଆଇ) ଅଧୀନକୁ ଅଣାଯାଉ ବୋଲି ସେ ନିବେଦନ କରିଥିଲେ।

ଅନ୍ୟପଟେ ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ଉପରେ ଗୁରୁତ୍ୱ ଦେଇ ଜାତିସଂଘଙ୍କ ଦ୍ୱାରା ଘୋଷିତ "ୱାଟର ଆକ୍ସନ ଡିକେଡ୍ ୨୦୧୮-୨୦୨୮' ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି ୬,୧୧,୧୩ ଓ ୧୪)ରେ ଜଳର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ୨୦୩୦ ସୁଦ୍ଧା ଜଳ ଚାହିଦା ଯୋଗାଣର ଦ୍ୱିଗୁଣିତ ହେବ ଏବଂ ୨୦୫୦ ସୁଦ୍ଧା ଦେଶର ଜିଡିପିର ୬ପ୍ରତିଶତ ହ୍ରାସ ହେବାର ଆଶଙ୍କା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରି ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରି ଜଳ ନୀତିକୁ ପୁନର୍ଗଠନ କରିବାକୁ ସେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଏକ ବିସ୍ତୃତ ଟିପ୍ପଣୀ ମଧ୍ୟ ଇଞ୍ଜିନିୟର ବସା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ହିତରେ ନିଜ ନିଜ ମତାମତ ବ୍ୟକ୍ତିଗତ ଭାବେ ରଖିବାର ସୁଯୋଗ ଦେଇଥିବାରୁ ଉଭୟ ଯମଜ ଭାଇ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


# ଜଳପ୍ରପାତରେ ଭାସିଗଲେ ଦୁଇ ଛାତ୍ର

ଖଇରପୁଟ, ୧୮ ।୧୧ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଗୁମ୍ମାଝରଣ ଜଳପ୍ରପାତରେ ଆଜି ଏକ ଅଘଟଣ ଘଟିଛି। ଏଠାକୁ ବୁଲି ଆସିଥିବା ଦୁଇଜଣ ପର୍ଯ୍ୟଟକ ଗାଧୋଇବା ବେଳେ ଜଳପ୍ରପାତରେ ଭାସି ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଜେ. ଶ୍ରୀକାନ୍ତ ଓ ଲିଙ୍ଗରାଜ ମହାପାତ୍ର।



ସେମାନଙ୍କ ଘର ଜୟପୁରରେ ବୋଲି ସୂଚନା ମିଳିଛି। ଦୁହେଁ ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର ଛାତ୍ର। ମାଥିଲି ଦମକଳ ବାହିନୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

ସୂଚନା ଅନୁଯାୟୀ, ଶ୍ରୀକାନ୍ତ ଓ ଲିଙ୍ଗରାଜଙ୍କ ସମେତ କିଛି ଯୁବକ ଆଜି ଏହି ଜଳପ୍ରପାତ ନିକଟକୁ ବଣଭୋଜି କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଗାଧୋଉଥିବା ବେଳେ ଜଳପ୍ରପାତର ସ୍ରୋତରେ ଭାସି ଯାଇଥିଲେ। ଦୁଇଜଣ ପହଁରିପହଁରି ଫେରିଆସିଥିବା ବେଳେ ଶ୍ରୀକାନ୍ତ ଓ ଲିଙ୍ଗରାଜ ନିଖୋଜ ହୋଇଯାଇଥିଲେ।




# ଧ୍ୱସେଇଛି ରାଜ୍ୟ ସ୍କଲାର୍‌ସିପ୍ ପୋର୍ଟାଲ୍

## ଆବେଦନରୁ ବହୁ ଛାତ୍ରଛାତ୍ରୀ ବଞ୍ଚିତ ହେବାର ଆଶଙ୍କା

ଭୁବନେଶ୍ୱର, ୧୮ ।୧୧ (ସମିସ): ରାଜ୍ୟ ସ୍କଲାର୍‌ସିପ୍ ପୋର୍ଟାଲ୍‌ରେ ଛାତ୍ରବୃତ୍ତି ଆବେଦନ ସମୟରେ ଧୀମା ହେଉଛି। ଗୋଟିଏ ସାର୍ଟିଫିକେଟ୍ ଅପଲୋଡ୍ କରିବା ମଧ୍ୟରେ ସ୍ୱତଃ ଲଗ୍‌ଆଉଟ୍ ହୋଇଯାଉଛି। ଫଳରେ ଆବେଦନକାରୀ ଆଉ ଆଗକୁ ବଢ଼ି ପାରୁ ନାହାନ୍ତି। ପୁଣିଥରେ ମୂଳରୁ ଆରମ୍ଭ କରୁଛନ୍ତି। ଏପରିକି ବହୁ ଛାତ୍ରଛାତ୍ରୀ ଦିନ ତମାମ୍ ପ୍ରୟାସ କରିବା ପରେ ମଧ୍ୟ ଆବେଦନ କରିବାରେ ସଫଳ ହେଉ ନ ଥିବା ଅଭିଯୋଗ କରୁଥିବାରୁ ଛାତ୍ରବୃତ୍ତି ଆବେଦନରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ପୋଷ୍ଟ ମାଟ୍ରିକ୍ ସ୍କଲାରସିପ୍ ଆବେଦନ ସମୟରେ ଗୋଟିଏ ପୃଷ୍ଠାର ତଥ୍ୟ ପୂରଣ କରିବା ପରେ ଅନ୍ୟ ପୃଷ୍ଠାକୁ ଯିବା ପାଇଁ ବହୁ ସମୟ ଲାଗୁଛି। ଏପରିକି ଅଧିକାଂଶ ସମୟରେ ଅନ୍ୟ ପୃଷ୍ଠାକୁ ଯିବା ପୂର୍ବରୁ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ହୋଇ ଯାଉଛି। ଡକ୍ୟୁମେଣ୍ଟ ଅପଲୋଡ୍ କରିବା ପାଇଁ ସବୁଠାରୁ ବେଶି ସମସ୍ୟା ସୃଷ୍ଟି ହେଉଛି। ଅନୁରୂପ ଭାବେ ଇ-ମେଧାବୃତ୍ତି ଓ ଅନ୍ୟ ସମସ୍ତ ଆବେଦନ ସମୟରେ ସମାନ ଧରଣର ସମସ୍ୟା ସୃଷ୍ଟି ହେଉଥିବା ଛାତ୍ରଛାତ୍ରୀମାନେ ସ୍କ୍ରିନ୍‌ସଟ୍ ସହିତ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଗତମାସ ୨୪ ତାରିଖ ଠାରୁ ପ୍ରାୟ ୩ଦିନ ପର୍ଯ୍ୟନ୍ତ ଏହି ୱେବସାଇଟ୍ ସମ୍ପୂର୍ଣ୍ଣ ଭାବେ କ୍ରାସ୍ ହୋଇଯାଇଥିଲା। ମୂଳରୁ ୱେବସାଇଟ୍ ନ ଖୋଲିବାରୁ ଆବେଦନରୁ ବଞ୍ଚିତ ବହୁ ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ତଦନୁଯାୟୀ ଆବେଦନ ଅବଧି ବୃଦ୍ଧି କରାଯାଇଥିଲା। ହେଲେ ବାରମ୍ବାର ସମାନ ସମସ୍ୟାର ପୁନରାବୃତ୍ତି ହେଉଥିବାରୁ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୋର୍ଟାଲ୍ ପାଇଁ ଉଦ୍ଦିଷ୍ଟ ସହାୟତା ନମ୍ବରରେ ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁ ନଥିବାରୁ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହାସହ ଆବେଦନ ଅବଧି ସରିବା ପୂର୍ବରୁ ୱେବସାଇଟ୍‌କୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି।

ସକାଳ
THE SAKALA



## ପ୍ରତାପପୁର ସିଏଚସିରେ ରୋଗୀ କଲ୍ୟାଣ ସମିତି ବୈଠକ




କାଳିପଦା, ୧୮।୧୧ (ସମିସ): ବାଲିଆପାଳ ବ୍ଲକ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା, କର୍ମଚାରୀ ଅଭାବ, ପରୀକ୍ଷା ଗାରର ଉନ୍ନତି କରଣ, ପୁରୁଣା କୋଠାର ମରାମତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ପ୍ରୀତମ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧା ରଞ୍ଜନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, କସ୍ତୁରୀବାଳା ପାତ୍ର, ମନ୍ମଥ କୁମାର ଗିରି, ସ୍ଥାନୀୟ ଲୋକ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମେଡିସିନ ଦୋକାନରୁ ଟଙ୍କା ଚୋରି

ନୀଳଗିରି, ୧୮।୧୧ (ସମିସ): ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ନୀଳଗିରି ବଜାରରେ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ମେଡିସିନ ଦୋକାନରୁ ଟଙ୍କା ଚୋରି କରି ଜଣେ ଯୁବକ ଧରା ପଡ଼ି ଛେଚା ଖାଇଛି । ଆଜି ନୀଳଗିରି ପୋଡାଶୁଳ ଅଞ୍ଚଳର ଜଣେ ଯୁବକ ନୀଳଗିରି ଦୁର୍ଗା ମଣ୍ଡପ ନିକଟ ରଘୁନାଥ ମେଡିସିନ ଦୋକନରୁ ୪୦ରୁ ୫୦ ହଜାର ଟଙ୍କା ଚୋରି କରିଥିଲେ । ଯୁବକ ଜଣକ ମେଡିସିନ ଦୋକନକୁ ପୁର୍ବ ପ୍ରସ୍ତୁତି ମୁତାବକ ସେଠାରେ ଜଗି ରହିଥିଲେ । ଦୋକାନ ମାଲିକ ପାଣି ଆଣିବାକୁ ଯାଇଥିବା ବେଳେ ଯୁବକଜଣକ ଟଙ୍କା ଲୁଟ୍ କରିନେଇଥିଲେ ।



**ମାଡ଼ ଖାଇଲା ଯୁବକ**

ତେବେ ପୂର୍ବରୁ ଏହି ପ୍ରକାର ଅନେକ ଥର ଯୁବକ ଜଣକ ଚୋରି କରି ବନ୍ଧା ହୋଇଥିଲେ । ଚୋର ଜଣକ ଜଡିଦା ପଞ୍ଚାୟତ ଡେଙ୍ଗାଶାହି ଅଞ୍ଚଳର ଚୈତନ୍ୟ ସିଂ ବୋଲି ଜଣା ପଡ଼ିଛି । ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଛି । ସମସ୍ତ ଟଙ୍କାକୁ ନେଇ ନିକଟସ୍ଥ ଏନ.ଏ.ସି ମାର୍କେଟ କମ୍ପ୍ଲେକ୍ସ ବାଲିରେ ଲୁଚାଇ ରଖିଥିବା ବେଳେ ତାହା ସେ ନିଜେ ଯାଇ ସମସ୍ତଙ୍କ ଉପସ୍ଥିତିରେ ଖୋଲି ବାହାର କରି ଦେଇଥିବା ଜଣା ପଡ଼ିଛି ।

## ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ

ନୀଳଗିରି, ୧୮।୧୧ (ସମିସ): ନୀଳଗିରି ଗୁରୁକୁଳ ଭବନରେ ଶ୍ରୀଗୌରାଙ୍ଗ ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଜୟନ୍ତୀ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ବ୍ରହ୍ମଚାରୀଙ୍କ ଗୁଣଗାନ କରି ସେ ଶିକ୍ଷକମାନଙ୍କର ତ୍ରାଣକର୍ତ୍ତା ରୂପରେ ଅଭିହିତ କରିଥିଲେ । ଭାଗବତ ବେହେରା, ନିରଞ୍ଜନ ବିଶ୍ୱାଳ, ବିଦ୍ୟାଧର ନାୟକ, ଭାସ୍କର ମିଶ୍ର, ନିରଞ୍ଜନ ରାଉତ, ସୁରେନ୍ଦ୍ର ପୃଷ୍ଟି, ସାରଥି ବେହେରା ଓ ବହୁ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ରହି ତାଙ୍କ ଗୁଣଗାନ କରିଥିଲେ । ସମ୍ପାଦକ ବସନ୍ତ ଖୁଣ୍ଟିଆ ଭୁବନେଶ୍ୱରଠାରେ ବ୍ରହ୍ମଚାରୀଙ୍କ ୧୨୧ତମ ଜୟନ୍ତୀ ବୈଠକରେ ଯୋଗଦେଇଥିଲେ । ତାଙ୍କୁ ସେଠାରେ ପୁନଃର୍ବାର ରାଜ୍ୟ କାର୍ଯ୍ୟକାରୀ ସଭାପତି ରୂପେ ନିର୍ବାଚିତ କରାଯାଇଥିବାରୁ ଉପସ୍ଥିତ ଥିବା ସଦସ୍ୟମାନେ ରାଜ୍ୟସଂଘକୁ ସାଧୁବାଦ ଜଣାଇଛନ୍ତି ।

# ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପାଚିକାଙ୍କ ବିକ୍ଷୋଭ

ବାଲେଶ୍ୱର,୧୮।୧୧(ସମିସ)




ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ ଆନୁକୂଲ୍ୟରେ ପାଚିକାମାନଙ୍କ ମୌଳିକ, ସାମ୍ବିଧାନିକ ୭ ଦଫା ଦାବି ପୂରଣ ପାଇଁ ବିରାଟ ବିକ୍ଷୋଭ ରାଲି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ରାଲି ବାଲେଶ୍ୱର ରେଲଷ୍ଟେସନ ନିକଟରୁ ବାହାରି ସହରର ମୁଖ୍ୟ ବଜାର ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ପରେ ସେଠାରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ପାଚିକାମାନଙ୍କ ପ୍ରତି ଲଗାତାର ଅଣଦେଖା କରାଯାଉଥିବା ନେଇ କ୍ଷୋଭ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତୁରନ୍ତ ୭ ଦଫା ଦାବି ପୂରଣ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

୩୦ ବର୍ଷ ଧରି ଶିକ୍ଷା ଭିତ୍ତିଭୂମିରେ ମଧ୍ୟାହ୍ନଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ କାର୍ଯ୍ୟ କରିଆସୁଥିବା ପାଚିକାମାନଙ୍କ ଏଯାଏଁ ନିଯୁକ୍ତି ପତ୍ର ହୋଇନଥିବା ଯୋଗୁଁ ତୁରନ୍ତ ନିଯୁକ୍ତି ପତ୍ର ଯୋଗାଇ ଦିଆଯାଉ, ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ହିସାବରେ ପାଚିକା ମାନଙ୍କୁ ମାସିକ ପାରିଶ୍ରମିକ ୧୩,୮୦୦ ଟଙ୍କା ପ୍ରଦାନ, ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି ପାଚିକାଙ୍କ ନିଯୁକ୍ତି ଏବଂ ଅବସରକଥାକୁ ବିଚାର କରୁଥିବା ବେଳେ ଉକ୍ତ କ୍ଷେତ୍ରରେ ନିଜେ ସରକାର ଅନ୍ତର୍ଭୁକ୍ତ ରହି ସିଧାସଳଖ ଭାବେ ମାଆମାନଙ୍କ କଥା ବୁଝିବା ପାଇଁ ଦାବି ରଖାଯାଇଛି । ଯୋଜନା ଆରମ୍ଭରୁ ଖୁବ୍ କମ୍ ପାରିଶ୍ରମିକରେ କାମ କରୁଥିବା ମାଆ ମାନଙ୍କୁ ସମ୍ମାନ ସ୍ୱରୂପ ତାଙ୍କ ପରିବାରର ଜଣକୁ ଉକ୍ତ କ୍ଷେତ୍ରରେ ପୁନଃ ଥଇଥାନ କରିବା ସହ ଅବସରକାଳୀନ ଭତ୍ତା ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରଦାନ, ମାଆ ମାନଙ୍କର ପାରିଶ୍ରମିକ ମାସର ପ୍ରଥମ ସପ୍ତାହରେ ଦିଆଯାଉ, ସମସ୍ତ କ୍ଷେତ୍ରରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ୧୨ମାସର ଦରମା ଦିଆଯାଉଥିବା ବେଳେ କେବଳ ପାଚିକାମାନଙ୍କୁ ବର୍ଷତମାମ କାର୍ଯ୍ୟରତ ଥିଲାବେଳେ ୧୦ ମାସର ଦରମା ଦିଆଯାଇଥିବା ବିଷୟକୁ ନିନ୍ଦା କରିବା ସହିତ ତାହାକୁ ପରିବର୍ତ୍ତନ କରି ୧୨ ମାସର ଦରମା ପ୍ରଦାନ, ମାଆମାନଙ୍କ ସାମାଜିକ ସ୍ୱୀକୃତି ତଥା ସମ୍ମାନ ସ୍ୱରୂପ ରକ୍ତ କାର୍ଯ୍ୟକ୍ଷେତ୍ରରେ ଏଯାଏଁ ପରିଚୟପତ୍ର ଦିଆଯାଇନଥିବା ବେଳେ ବିଧିବଦ୍ଧ ବୈଧ ପରିଚୟ ପତ୍ର ପ୍ରଦାନ ପାଇଁ ଦାବି କରାଯାଇଛି । ଆଗାମୀ ଶୀତକାଳୀନ ଅଧିବେଶନ ପୂର୍ବରୁ ଏ ସମସ୍ତ ଦାବିକୁ ପୂରଣ କରିବା ପାଇଁ ଆଜିର ବିକ୍ଷୋଭ ଓ ସମାବେଶ ଜରିଆରେ ସରକାରଙ୍କୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲ୍ଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ମାଆ ମାନଙ୍କ ତିନି ମାସର ପାରିଶ୍ରମିକ ବାକି ରଖିଥିବାବେଳେ ତୁରନ୍ତ ଉକ୍ତ ବକେୟାକୁ ପ୍ରଦାନ କରିବାକୁ ଦାବି କରାଯାଇଛି । ଯଦି ସମସ୍ତ ଦାବିକୁ ଆଗାମୀ

**୭ ଦଫା ଦାବି ପୂରଣ ନ ହେଲେ ବିଧାନସଭା ଘେରଉ ଚେତାବନୀ**

ବିଧାନସଭା ପୂର୍ବରୁ ସରକାର ପୂରଣ ନ କରନ୍ତି ତାହେଲେ ବିଧାନସଭା ଆଗରେ ବିରାଟ ବିକ୍ଷୋଭ ଓ ସମାବେଶ କରିବାକୁ ସଂଘ ତରଫରୁ ଘୋଷଣା କରାଯାଇଛି । ଆଜିର ବିକ୍ଷୋଭରେ ମୁଖ୍ୟ ଉପଦେଷ୍ଟା ପ୍ରଦୀପ ନାୟକ, ରାଜ୍ୟ ସାଧାରଣ ସମ୍ପାଦିକା ସୁମିତ୍ରା ରଥ, ରାଜ୍ୟ ସମ୍ପାଦକ ଜଗନ୍ନାଥ ମୁଦୁଲି, ରାଜ୍ୟ ସଂଯୋଜକ ବିଜୟ ରଥ, ବାଲେଶ୍ୱର ଜିଲ୍ଲା ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦିକ ମଞ୍ଜୁଲତା ଶଙ୍ଖୁଆ, ଜିଲ୍ଲା କୋଷାଧକ୍ଷ କନକଲତା ବାରିକ, ଜିଲ୍ଲା ଉପଦେଷ୍ଟା ଖଗେଶ୍ୱର ମହାରଣାଙ୍କ ସମେତ ଶତାଧିକ ପାଚିକା ଉପସ୍ଥିତ ରହିଥିଲେ ।

## ଭୋଗରାଇରେ ଏକତା ଗଣଦୌଡ଼

ଭୋଗରାଇ, ୧୮।୧୧ (ସମିସ) : ସ୍ୱାଧୀନତା ସଂଗ୍ରାମୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ସାରା ଦେଶରେ ପାଳିତ ହେଉଛି ଏକତାର ଗଣଦୌଡ଼ । ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବିଧାନସଭା କ୍ଷେତ୍ରକୁ ନେଇ ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ କରାଯାଇଥିଲା । ୪ ବ୍ଲକରୁ ୧୦ ହଜାରରୁ ଉର୍ଦ୍ଧ ଛାତ୍ରୀଛାତ୍ର, ଯୁବକ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବିଭିନ୍ନ ଅନୁଷ୍ଠାନ, ପ୍ରଶାସନ ଓ ହେବିୱେଟ ନେତାମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଚନ୍ଦନେଶ୍ୱର ମହାଦେବ ମନ୍ଦିର ଠାରୁ ସକାଳ ୧୦ ଟାରୁ ଏକତାର ଗଣଦୌଡ଼କୁ ଶୁଭାରମ୍ଭ କରିଥିଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଥାନାଛକ ହେଲିପେଡ ପଡିଆରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ସେଠାରେ ଏକତାର ଗଣ ଦୌଡର ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଭୋଗରାଇର ପ୍ରସିଦ୍ଧ ଶ୍ରଦ୍ଧା କ୍ରିଏଟିଭ ଅଫ ଆର୍ଟ୍ସ କଳାକାର ମାନଙ୍କ ପକ୍ଷରୁ ଆକର୍ଷଣୀୟ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ ଜିଲ୍ଲା ପରିଷଦର କାର୍ଯ୍ୟକାରିଣୀ ଅଧିକାରୀ ତଥା ନୀଳଗିରି ଉପଜିଲାପାଳ ଡ. ମୁଧୁସ୍ମିତା ସାମନ୍ତରାୟ, ବାଲେଶ୍ୱର ଉପଜିଲାପାଳ ଶିବ ମାଲବୀୟ, ଅତିରିକ୍ତ ଉପଜିଲାପାଳ ହେମନ୍ତ ସିଂ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସଂଜୟ ରାଉତ, ସହକାରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ, ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ଥାନାଧିକାରୀ ରୋହିତ ବଳ, ଭୋଗରାଇ ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକ, ଭାଜପା ନେତା ପ୍ରଦୀପ ପଣ୍ଡା, ସିପ୍ରା ବାଜପେୟୀ, ଆଶିଷ ପାତ୍ର, ବ୍ରଜ ପ୍ରଧାନ, ସମୀର ମହାନ୍ତି, ଅଂଶୁମାନ ମହାନ୍ତି, ରବୀନ୍ଦ୍ର ଅଣ୍ଡିଆ, ଅରବିନ୍ଦ ବେହେରା, ରାଧାକାନ୍ତ ପ୍ରଧାନ କାର୍ଯ୍ୟକ୍ରମରେ ସାମିଲ ଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ଡିସେମ୍ବର ୧୨ରେ ବାଲେଶ୍ୱର ଉତ୍ସବ

ବାଲେଶ୍ୱର, ୧୮।୧୧ (ସମିସ): ବାଲେଶ୍ୱରର ଯୁବ ପିଢ଼ିଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ଏବଂ ବାଲେଶ୍ୱରର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ବାଲେଶ୍ୱର ଉତ୍ସବ କମିଟି ପକ୍ଷରୁ ଚଳିତ ବର୍ଷ ଡିସେମ୍ବର ୧୨ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ଧରି ବାଲେଶ୍ୱର ପୁରୁଣା ଷ୍ଟାଡିୟମ୍ ପଡିଆରେ ବାଲେଶ୍ୱର ଉତ୍ସବ ଅନୁଷ୍ଠିତ ହେବ । ଚଳିତ ସଂସ୍କରଣରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଷ୍ଟଲ ମାନ ଉକ୍ତ ଉତ୍ସବରେ ସାମିଲ ହେବେ । ଷ୍ଟଲ ବୁକିଙ୍ଗ ନିମନ୍ତେ ୯୬୯୨୨୦୨୨୪୭ ମୋବାଇଲ ନମ୍ବରକୁ ଯୋଗାଯୋଗ କରି ବ୍ୟବସାୟୀ ମାନେ ଷ୍ଟଲ ବୁକିଂ କରି ପାରିବେ । ଏହି ଉତ୍ସବକୁ ବ୍ୟାପକ ଭାବେ ଆୟୋଜନ ନିମନ୍ତେ ବ୍ଲକ, ପୌରାଞ୍ଚଳ ଓ ବିସ୍ଥାପିତ ଅଞ୍ଚଳ ସ୍ତରୀୟ ବିଦ୍ୟାଳୟ ଓ ମହାବଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା ଭଳି ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେବେ । ଚଳିତ ବର୍ଷ ଆୟୋଜକ କମିଟି ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ କରାଯିବ । ଆସନ୍ତା ଡିସେମ୍ବର ୧ରୁ ୭ ତାରିଖ ମଧ୍ୟରେ ଏକ ନିର୍ଦ୍ଧିଷ୍ଟ ସାମାଜିକ ବାର୍ତ୍ତାକୁ ନେଇ ଜିଲ୍ଲାର ସବୁ ବର୍ଗର ପିଢିଙ୍କ ମଧ୍ୟରେ ଏକ ରିଲସ୍ ପ୍ରତିଯୋଗିତା ଆୟୋଜନ କରାଯାଇଅଛି । ଯେଉଁ ମାନେ ରିଲସ ରେ ଭାଗ ନେବେ ସେମାନେ ବାଲେଶ୍ୱର ଉତ୍ସବ ଇନ୍‌ଷ୍ଟାଗ୍ରାମ ଆଇଡିରେ ଟ୍ୟାଗ କରିପାରିବେ କିମ୍ବା ଆୟୋଜକଙ୍କ ନିକଟକୁ ପଠାଇ ପାରିବେ । ତନ୍ମଧ୍ୟରୁ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମଞ୍ଚ ଉପରେ ପୁରସ୍କୃତ କରାଯିବାର ବ୍ୟବସ୍ଥା ହୋଇଛି । ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ୟୁଟ୍ୟୁବର୍ସ ମିଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଓଲିଉଡ ଓ ବଲିଉଡର କଳାକାର ମାନେ ସଙ୍ଗୀତ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ଦର୍ଶକମାନଙ୍କୁ ବିମୋହିତ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା




ପଞ୍ଚଲିଙ୍ଗେଶ୍ୱର, ୧୮।୧୧(ସମିସ): ଔପଦା ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅଧୀନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ ପାଳନ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ ଅଶ୍ୱିନୀ କୁମାର ମଉଗଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିଶୁ ଦିବସ ତଥା ବିଜ୍ଞାନ ମେଳା ସଭାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଅବସରରେ ଶିଶୁ ଦିବସ ପାଳନ ହୋଇଥିଲା । ଏହା ପରେ ବିଦ୍ୟାଳୟରେ ବିଜ୍ଞାନ ମେଳାକୁ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ଅନୁଜିଜ୍ଞା ପ୍ରଧାନ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଆଧୁନିକ ଯୁଗରେ ବିଜ୍ଞାନର ଆବଶ୍ୟକତା ବିଷୟରେ ଉପସ୍ଥିତ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୟାଧର ପରିଡା, ଟ୍ରଷ୍ଟି ଜୟନ୍ତ କୁମାର ଦ୍ୱିବେଦୀ, ରବୀନ୍ଦ୍ର କୁମାର ପଣ୍ଡା, ରାମଚନ୍ଦ୍ର ମହାକୁଡ଼ ମଞ୍ଚାସିନ ରହି ଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜ୍ୟୋତି ରଞ୍ଜନ ବେହେରା ଏବଂ ସମସ୍ତ ଅପା ଭାଇଙ୍କ ସହଯୋଗରେ ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ମାନଙ୍କୁ ନେଇ ଅନୁଷ୍ଠିତ ବିଜ୍ଞାନ ମେଳାରେ ସର୍ବ ମୋଟ ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶେଷରେ ଉପାଧ୍ୟାକ୍ଷା ସାଗରୀକା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳଗିରିରୁ ବଦଳିଲେ ବିବାଦୀୟ ସହକାରୀ ଯନ୍ତ୍ରୀ

ନୀଳଗିରି, ୧୮।୧୧ (ସମିସ): ବହୁ ବାଦବିବାଦରେ ଲିପ୍ତ ନୀଳଗିରି ବ୍ଲକର ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାପାଳ ଚିଠି ନମ୍ବର ୪୮୨୯ତା ୧୭/୧୧/୨୫ମୂଳେ ଭୋଗରାଇକୁ ବଦଳି କରାଯାଇଛି । ବଦଳି ଆଦେଶ ପାଇବା ପରେ ନୀଳଗିରି ବିଡିଓ ତାଙ୍କୁ ତୁରନ୍ତ ରିଲିଭ୍ କରିଦେଇଥିବା ଜଣାପଡ଼ିଛି । ଶ୍ରୀ ଉପାଧ୍ୟାୟଙ୍କ ସ୍ଥାନରେ ରେମୁଣା ବ୍ଲକର ସହକାରୀ ଯନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ଉପାଧ୍ୟାୟଙ୍କ ଦୁର୍ନୀତି, ତେଲ ଚୋରିର ଘଟଣା ଲୋକଲୋଚନକୁ ଆସିଥିଲା । କିଛିଟା ସତ୍ୟତା ପ୍ରମାଣିତ ପରେ ଶ୍ରୀ ଉପାଧ୍ୟାୟଙ୍କୁ ଜିଲ୍ଲାପାଳ ବଦଳି କରିଥିବାର ଜଣାପଡ଼ିଛି । ଯନ୍ତ୍ରୀ ଉପାଧ୍ୟାୟ ନୀଳଗିରି ଆଇଟିଡିଏରେ କାର୍ଯ୍ୟରତ ଥିବାବେଳେ ସରକାରୀ ତେଲ ବିଲ୍ ନେଇ ସରକାରୀ ଗାଡ଼ିରେ ତେଲ ନ ପକାଇ ନିଜଗାଡିରେ ଡିଜେଲ ବଦଳରେ ପେଟ୍ରୋଲ ପକାଇବା ସିସି ଟିଭିରେ କଏଦ୍ ହୋଇ ଘଟଣା ଲୋକଲୋଚନକୁ ଆସିଥିଲା । ପରେ ଜିଲ୍ଲାପାଳ ତଦନ୍ତ କରିବାକୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନୀଳଗିରି ଉପଜିଲ୍ଲାପାଳ ତଦନ୍ତ କରି ଘଟଣାର ସତ୍ୟତା ଜାଣି ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ତଦନ୍ତ ରିପୋର୍ଟକୁ ଆଧାର କରି ଶ୍ରୀ ଉପାଧ୍ୟାୟଙ୍କ ବଦଳି କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ । ଏହି ଆଧାରରେ ରାଜ୍ୟ ସରକାର ଶ୍ରୀ ଉପାଧ୍ୟାୟଙ୍କ ବଦଳି କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କୁ ବଦଳି କରିଛନ୍ତି ।

## ଡାକ୍ତର ତ୍ରିନାଥ ପାଲଙ୍କ ଶ୍ରଦ୍ଧାଞ୍ଜଳି ସଭା



ନୀଳଗିରି, ୧୮।୧୧ (ସମିସ): ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଡ଼ା. ତ୍ରିନାଥ ପାଲ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଉପଖଣ୍ଡ ଚିକିତ୍ସା ଳୟ ର ମୁଖ୍ୟ ଡାକ୍ତର ସରୋଜିନୀ ପ୍ରଧାନ ସଭାପତିତ୍ୱ କରିଥିଲେ । ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ସଭାରେ ଡାକ୍ତର ରାମକୃଷ୍ଣ ସାହୁ, ଶୁଭ୍ରାଂଶୁ ଶେଖର ପରିଡା, ଅଭୀପସା ମହାନ୍ତି, ରାଧା ପ୍ରସାଦ ମିଶ୍ର, ଶିବାଶିଷ ନାୟକଙ୍କ ସମେତ ଡାକ୍ତରଖାନା ର ସମସ୍ତ କର୍ମଚାରୀ ଯୋଗ ଦେବା ସହିତ ରକ୍ତଦାତା ସଂଘ ର ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ରବି ରାଉତ, ତପସ୍ୱିନୀ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଲୋକ ସାମିଲ ହୋଇଥିଲେ । ଡକ୍ଟର ତ୍ରିନାଥ ପାଲ ନିଜର ଦୁଇଟି ଚକ୍ଷୁ ଦାନ କରି ସମସ୍ତଙ୍କ ମନ ଓ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ନେଇଛନ୍ତି ବୋଲି କୁହାଯାଇ ପାରିବ । ଏହି ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ମାନେ ମତ ପ୍ରକାଶ କରିଥିଲେ । ତାଙ୍କ ମୃତ୍ୟୁ ନୀଳଗିରି ରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଅପୂରଣୀୟ ରହିବ । ତାଙ୍କ ସମୟରେ ରକ୍ତ କେନ୍ଦ୍ରରେ ବହୁ ଉନ୍ନତି ସାଧନ ହୋଇଛି । ତାଙ୍କର ଅବର୍ତ୍ତମାନରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ସେବା ରେ ବହୁ ବାଧା ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ । ତାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ରକ୍ତଦାତା ସଂଘ ତରଫରୁ ସରକାରଙ୍କ ଠାରେ ଦାବି କରାଯାଇଛି । ଡା. ଶୁଭ୍ରାଂଶୁ ଶେଖର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଡା. ତ୍ରିନାଥ ପାଲଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧୮।୧୧(ସମିସ): ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଡାକ୍ତର ତ୍ରିନାଥ ପାଲଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡାକ୍ତର ଅମୂଲ୍ୟ ଦାସ, ସଞ୍ଜିବ ପ୍ରଧାନ, ଶୁଭ୍ରାଂଶୁ ପରିଡ଼ା, ସୁଜିତ ମହାପାତ୍ର, କ୍ଷୀରୋଦ ପାଳ, ଜିତେନ ସୋରେନ, ରାଜେନ୍ଦ୍ର ସିଂହ, ଗୁରୁଦାସ ମହାପାତ୍ର, ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଡା. ପାଲଙ୍କ ସ୍ମୃତିଚାରଣ କରିଥିଲେ । ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପାଲ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓପିଡିରେ ରୋଗୀ ଦେଖୁଥିବା ସମୟରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ ।

## ମାନୁନାହାନ୍ତି ନିୟମ; ପୁଣି ରାସ୍ତାକଡ଼ରେ ଛେଳି କଟା

କାଳିପଦା, ୧୮।୧୧ (ସମିସ): ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ଏବେ ଖୁଲମଖୁଲା ଭାବେ ଶହ ଶହ ଛେଳି କଟାଯାଇ ବିକ୍ରି କରାଯାଉଛି । ଏହାର ଖରାପ ପ୍ରଭାବ ଛୋଟ ଶିଶୁ ମାନଙ୍କ ଉପରେ ପଡୁଛି । ରାସ୍ତାର ସିମୁଳିଆ ଛକ, ହସ୍ପିଟାଲ ଛକ, ଗେଙ୍ଗୁଟିଆ ଛକ, ଘଣ୍ଟିଆଡ଼ି ଛକ, ଦାନ୍ତୁଣିଦା ଛକ, ଦେଭୋଗ ଛକ ଆଦିରେ ଦୈନନ୍ଦିନ ଛେଳି କଟା ଯାଇ ବ୍ୟବସାୟୀ ଖୁବ ଫାଇଦା ଉଠାଉଛନ୍ତି । ପ୍ରଶାସନ ଓ ପୁଲିସ ସମସ୍ତ ଜାଣି ମଧ ନୀରବ ରହୁଛନ୍ତି । ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବରିଷ୍ଠ ନାଗରିକ ପରିଷଦ, ସ୍ୱେଚ୍ଛାସେବୀ ମହିଳା ସଂଗଠନ ଛେଳି କଟା ଜନଗହଳି ରାସ୍ତା କଡ଼ରୁ ବନ୍ଦ କରିବା ନେଇ ପ୍ରଶାସନ ଓ ପୁଲିସକୁ ବାରଂବାର ଜଣାଇବା ସତ୍ତ୍ୱେ କୌଣସି ପ୍ରତିକାର ହେଉ ନାହିଁ । ଗଲା ଦୁଇ ବର୍ଷ ତଳେ ରାସ୍ତା କଡରେ ଛେଳି କଟା ବନ୍ଦ ନେଇ ଗଣ୍ଡଗୋଳ ହୋଇ ଥିଲା । ସେତେବେଳେ ନିଷ୍ପତି ହୋଇ ଛେଳି କଟା ଦୈନିକ ସିମୁଳିଆ ମାର୍କେଟର ଦକ୍ଷିଣ ପଟରେ ହୋଇ ଆସୁଥିଲା । ମାତ୍ର ଏବେ ତାହାକୁ ଉଲ୍ଲଂଘନ କରି କେତେକ ମୁଖ୍ୟ ରାସ୍ତାରେ ଛେଳି କାଟୁଛନ୍ତି । ସେହିପରି ବାଲିଆପାଳ କମର୍ଦ୍ଧା, ବାଲିଆପାଳ କାଳିପଦା, ବାଲିଆପାଳ ଲଙ୍ଗଳେଶ୍ୱର ଆଦି ରାସ୍ତା କଡରେ ଅବାଧରେ ଛେଳି କଟା ହେଉଛି । ପ୍ରଶାସନ ଓ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସୀତାରାମ ଦେହୁରୀ, ପ୍ରଭାକର ଦେ, ଲକ୍ଷଣ କୁମାର ବେହେରା, ସୁଦର୍ଶନ ଦାସ, ଖଗେଶ୍ୱର ଗିରି, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସଦାନନ୍ଦ ସାହୁ, ସୁମତି ମଣ୍ଡଳ, ରତ୍ନାକର ମଙ୍ଗରାଜ, ଗଗନ ବିହାରୀ ଧଳ, ସୁନନ୍ଦା ପଢ଼ିଆରୀ, ଦୁଃଖହରି ପ୍ରହରାଜ ପ୍ରମୁଖ ଦୃଢ଼ ଦାବି କରିଛନ୍ତି ।

## ଅଲାଲପୁର ମୁଖ୍ୟରାସ୍ତା ଶୋଚନୀୟ

# ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ଜଳେଶ୍ୱର, ୧୮।୧୧ (ସମିସ)



ଜଳେଶ୍ୱର ମ୍ୟୁନିସିପାଲଟିର ୧୬ନଂ ୱାର୍ଡ ଅଲାଲପୁର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବାରୁ ଏହାର ପ୍ରତିକାର ଲାଗି ଗ୍ରାମବାସୀ ଦାବି କରିଛନ୍ତି । ରାସ୍ତା ଓ ଗାଡୱାଲ ଅବିଳମ୍ବେ ନ ହେଲେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି । ଘଟଣାରୁ ପ୍ରକାଶ, ଜଳେଶ୍ୱର ମ୍ୟୁନିସିପାଲିଟିର ୧୬ନଂ ୱାର୍ଡ ଅଲାଲପୁରର ମୁଖ୍ୟ ରାସ୍ତାର ଦୁର୍ଗାଦାସ ଭଂଜ ଘରଠାରୁ ରାୟ ଛକ ପର୍ଯ୍ୟନ୍ତ ୭୦ମିଟର ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି । ରାସ୍ତା ପାଶ୍ୱର୍ରେ ଥିବା ଦାଣ୍ଡ ଗଡିଆ ରାସ୍ତା ଧୋଇଯିବା ପରେ ରାସ୍ତାଟି ବିପଦପୂର୍ଣ୍ଣ ହୋଇ ଯାଇଛି । ଏହି ରାସ୍ତା ଉପରେ ହରିଜନ ସାହି, ବୈଷ୍ଣବ ସାହି, ମଣିପାଟଣା, ବାଣିଦା, ଅଲାଲପୁର ଇତ୍ୟାଦିର ପ୍ରାୟ ୧ ହଜାର ପରିବାର ନିର୍ଭର କରନ୍ତି । ରାସ୍ତାର ଦୂରବସ୍ଥା ସଂପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଗତ ମାର୍ଚ୍ଚ ୨୮ରେ ମାତ୍ର ୨୦ମିଟର ଗାଡୱାଲ ଓ ରାସ୍ତାଲାଗି ୩ ଲକ୍ଷ ୬୩ ହଜାର ଟଙ୍କାର ଟେଣ୍ଡର ହୋଇଥିଲା । ବାକି ରାସ୍ତା ଲାଗି ଟେଣ୍ଡର ନ ହେଲେ ରାସ୍ତାର ସ୍ଥାୟିତ୍ୱ ଓ ଅନ୍ୟ କେତେକ ଅସୁବିଧା ସଂପର୍କରେ ଠିକାଦାର କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ । ଅଦ୍ୟାବଧି କାର୍ଯ୍ୟଟି ଆରମ୍ଭ ହୋଇନଥିବାରୁ ଚଳିତମାସ ୪ ତାରିଖରେ କେତେକ ଗ୍ରାମବାସୀ ଓ କାଉନ୍‌ସିଲର ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଧାରଣାରତ ଗ୍ରାମବାସୀଙ୍କୁ ଡିସେମ୍ବର ଶେଷ ସୁଦ୍ଧା ସମାପ୍ତ ହେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଆଜି ଏ ସମ୍ପର୍କରେ ସଂଜୟ ରାୟ, ପ୍ରଦୀପ ବାରିକ, ପାର୍ଥବୀର ଦେ, ପଦ୍ମଲୋଚନ ମଣ୍ଡଳ, ପ୍ରଦୋଶ ଜେନା, ତପୁ ଭୂୟାଁ, ଶିଭକୁମାର ଚାନ୍ଦ, ଉମେଶ ପରିଡା, ନାରାୟଣ ରାଜ, ପ୍ରଶାନ୍ତ ଦାସ, ଗଣେଶ କୁଣ୍ଡ, ପପୁ ଜେନା, କାଳିଚରଣ କୁଣ୍ଡ ପ୍ରମୁଖ ଗ୍ରାମବାସୀ ରାସ୍ତାର ବାକିଥିବା ୫୦ମିଟର ଗାଡୱାଲ ଓ ରାସ୍ତାର କାର୍ଯ୍ୟାଦେଶ ଲାଗି ଦାବି ଜଣାଇବା ସହିତ ଆସନ୍ତା ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସଂପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଅନ୍ୟ ଦୁଇଜଣ ଠିକାଦାରଙ୍କୁ ବାକି ଥିବା ୫୦ମିଟର ରାସ୍ତା ଲାଗି କାର୍ଯ୍ୟାଦେଶ ଦିଆଯାଇଥିବା କହିଛନ୍ତି । ଅବିଳମ୍ବେ କାର୍ଯ୍ୟଟି ଶେଷ ହେବ ବୋଲି ସୂଚନା ଦେଇଛନ୍ତି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ହଟିଲା ୩୦ରୁ ଅଧିକ ଉଠାଦୋକାନ

- ପୋଷ୍ଟ ଅଫିସ ନିକଟରୁ କୋର୍ଟ ପାଚେରୀ ଶେଷ ଯାଏଁ ହେଲା ଉଚ୍ଛେଦ
- ବୁଧବାର ମଧ୍ୟ ହେବ ଉଚ୍ଛେଦ







ବାଲେଶ୍ୱର,୧୮ ।୧୧(ସମିସ)

କିଛି ଦିନ ପୂର୍ବରୁ ସମସ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ ହେବା ନେଇ ସୂଚନା ଦିଆଯାଇଥିଲା । ଚଳିତ ମାସ ୬ ତାରିଖ ଏବଂ ୧୭ ତାରିଖ ଦିନ ମଧ୍ୟରେ ଘୋଷଣା କରାଯାଇଥିଲା । ତଥାପି ଦୋକାନ ଉଠିଲା ନାହିଁ। ଆଜି ପୌରପାଳିକା ପକ୍ଷରୁ ଜେସିବି ପହଞ୍ଚିବା ପରେ ଦୋକାନୀମାନେ ଦୋକାନ ଉଠାଇବା ଆରମ୍ଭ କରିଥିଲେ । ପରେ ଜେସିବି ବାଉଁଶ ଦେଇ ତିଆରି ହୋଇଥିବା ଦୋକାନ ଭାଙ୍ଗିବା ଆରମ୍ଭ କରିଥିଲା । ଆଜି ବାଲେଶ୍ୱର ପୌରପାଳିକା ପକ୍ଷରୁ ଫକୀରମୋହନ ପୋଷ୍ଟ ଅଫିସ ନିକଟରୁ କୋର୍ଟ ପାଚେରୀର ଶେଷ ଯାଏଁ ଉଚ୍ଛେଦ କରିଛି । ତଥାପି ଅଧା ରହିଯାଇଛି ଉଚ୍ଛେଦ ପ୍ରକ୍ରିୟା । ୩୦ରୁ ଅଧିକ ଦୋକାନ ଘର ଆଜି ଉଚ୍ଛେଦ କରାଯାଇଛି । ଆସନ୍ତା କାଲି ମଧ୍ୟ ଉଚ୍ଛେଦ ହେବ ବୋଲି ସୂଚନା ମିଳିଛି । କୋର୍ଟର ପାଚେରୀ ପାଖରୁ ରେଲୱେ ଟ୍ରାକ୍ ଯାଏଁ ଆସନ୍ତା କାଲି ଉଚ୍ଛେଦ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି ।

ଜବରଦଖଲ ଉଚ୍ଛେଦ ଯେତେ ଥର ହେଉଛି ପୁଣି ସେତେ ଥର ସେଇ ଜଗାରେ କିଛି ଦିନ ପରେ ବସି ଯାଉଛନ୍ତି ଉଠା ଦୋକାନୀ । ସେମାନଙ୍କୁ ଥଇଥାନ ନକରି ଉଚ୍ଛେଦ କରାଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ନେଇ ଅନେକ ମତପ୍ରକାଶ କରିଛନ୍ତି । ସେହିପରି ଆଜି ବାଲେଶ୍ୱର ପୌରପାଳିକା ପକ୍ଷରୁ ଫକୀରମୋହନ ଗୋଲେଇରୁ ଫାଣ୍ଡି ଛକ ପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି । ବିଶେଷକରି ଜିଲ୍ଲା ଦୌରାଜଜ୍ ପାଚେରୀ କଡରେ ଡ୍ରେନ୍ ଉପରେ ଦୋକାନ ଖୋଲିଥିବା ଦୋକାନକୁ ଆଜି ଜେସିବି ଦ୍ୱାରା ଭଙ୍ଗା ଯାଇଛି । ତେବେ ଉଚ୍ଛେଦ କରାଯିବା ନେଇ କିଛି ଦିନ ପୂର୍ବରୁ ଘୋଷଣା ମଧ୍ୟ କରାଯାଇଥିଲା । ହେଲେ କେହି ଶୁଣୁନଥିଲେ । ଫକୀରମୋହନ ଗୋଲେଇ ପୋଷ୍ଟ ଅଫିସ ନିକଟରୁ ଆରମ୍ଭ କରି କୋର୍ଟ ଶେଷ ପାଚେରୀ ଯାଏଁ ଆଜି ଜବରଦଖଲ ଉଚ୍ଛେଦ କରାଯାଇଛି । ଫକୀରମୋହନ ଗୋଲେଇ ଉଡନ୍ତା ପୋଲ ଯେତେବେଳେ ମରାମତି ହେଇଥିଲା, ସେତେବେଳେ ଉଡନ୍ତା ପୋଲ ତଳେ ଥିବା ଶତାଧିକ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା । ମାତ୍ର ଧୀରେ ଧୀରେ ଫାଣ୍ଡି ଛକରେ ପୁଣି ଶତାଧିକ ଦୋକାନୀ ତା ତଳେ ବସିବା ଆରମ୍ଭ କରିଲେ । ସହରର ଫାଣ୍ଡି ଛକ ଏକ ଜନଗହଳିପୂର୍ଣ୍ଣ ସ୍ଥାନ । ବର୍ଷ ତମାମ ସେଠାରେ ଗହଳି ସହିତ ଜାମ୍ । ଗୋଟିଏ ପଟେ ଫଳ ଦୋକାନୀ ଫାଣ୍ଡି ଛକ ମୁଖ୍ୟ ରାସ୍ତାରେ ବେପାର କରୁଥିବା ବେଳେ ଅନ୍ୟପଟେ କିଛି ଦୋକାନୀ ଡ୍ରେନ୍ ଉପରେ ଦୋକାନ କରିଛନ୍ତି । ତେବେ ପ୍ରଥମେ ଫଳ ଦୋକାନୀଙ୍କୁ ସେଠାରୁ ସ୍ଥାନାନ୍ତର ପାଇଁ ପୌରପାଳିକା ପକ୍ଷରୁ ଆଇଟିଆଇ ଛକରେ ଭେଣ୍ଡିଂ ଜୋନ୍ ନିର୍ମାଣ ହେଲା । କିଛି ଫଳ ଦୋକାନୀ ଉଠିଗଲେ ହେଲେ କିଛି ଦୋକାନୀ ଉଠିଲେ ନାହିଁ । ଫଳରେ ଫାଣ୍ଡି ଛକ ଏବଂ ଉଡନ୍ତା ପୋଲ ତଳେ ସେମିତି ଦୋକାନ ଖୋଲାଗଲା । ଧୀରେ ଧୀରେ ଜାମ୍ ମଧ୍ୟ ବଢିଲା । ଯାତାୟାତ କରିବା ବି କଷ୍ଟକର ହେଲା । ଏ ନେଇ ବାରମ୍ବାର ମଧ୍ୟ ଖବର ପ୍ରକାଶ ପାଇଛି । ବାଲେଶ୍ୱର ପୌରପାଳିକା କିଛି ଦିନ ପୂର୍ବରୁ ଉଚ୍ଛେଦ ହେବା ନେଇ ଦୋକାନୀଙ୍କୁ ସୂଚନା ଦେଇଥିଲେ । ଆଜି ସକାଳୁ ଆରମ୍ଭ ହୋଇଥିଲା ଉଚ୍ଛେଦ । ଜେସିବି ଦ୍ୱାରା ବାଉଁଶ ଦୋକାନ ଭଙ୍ଗା ଯାଇଥିଲା । କିଛି ଦୋକାନୀ ନିଜ କ୍ୟାବିନ୍ ଆଗୁଆ ଉଠାଇ ନେଇଥିଲେ । ହେଲେ ଆଜି ଫାଣ୍ଡି ଛକ ଫଳ ଦୋକାନୀଙ୍କୁ ସେଠାରୁ ଉଚ୍ଛେଦ କରାଯାଇ ନାହିଁ ।

ଏ ବାବଦରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି, ଆଜି ଉଚ୍ଛେଦ ହେବା ନେଇ ଆମେ ୬ ତାରିଖରୁ ଘୋଷଣା କରିଛୁ । ସବୁ ଜବରଦଖଲ ଉଚ୍ଛେଦ ହେବ । ଫାଣ୍ଡି ଛକ ବି ଉଚ୍ଛେଦ ହେବ ଶୀଘ୍ର । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୌରପାଳିକା କର୍ମଚାରୀ, ସହଦେବଖୁଣ୍ଟା ଥାନା ଆଇଆଇସିଙ୍କ ସହଯୋଗରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା । ଆସନ୍ତାକାଲି ମଧ୍ୟ ଉଚ୍ଛେଦ ହେବ । କାରଣ ଆଜି ମଧ୍ୟ ଉଚ୍ଛେଦ କାମ ସମ୍ପୂର୍ଣ୍ଣ ହୋଇପାରିନି' ବୋଲି ଏନଫୋର୍ସମେଣ୍ଟ ଅଫିସର ସୂଚନା ଦେଇଛନ୍ତି । ବ୍ରିଜ୍ ତଳେ କେହି ଆଉ ଦୋକାନ ଖୋଲିବେ ନାହିଁ । ସେଥିପାଇଁ ସବୁ ଉଚ୍ଛେଦ କରାଯାଇଛି । ବର୍ତ୍ତମାନ ପାଇଁ ଫାଣ୍ଡି ଛକ ଫଳ ଦୋକାନୀଙ୍କୁ ସାଇଡ୍ କରାଯାଇ ରାସ୍ତା କରାଯାଇଛି । ହେଲେ ଆଗାମୀ ଦିନରେ ସମସ୍ତଙ୍କୁ ଆଇଟିଆଇ ଛକକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି । ଉଚ୍ଛେଦକୁ ନେଇ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା । ଉଠା ଦୋକାନୀ ଆହୁରି ସମୟ ମାଗୁଥିବା ବେଳେ ପୌରପାଳିକା ପକ୍ଷରୁ ଅନେକ ଦିନରୁ ସମୟ ଦିଆଯାଇଥିବା କୁହାଯାଇଛି । ସେଥିପାଇଁ ଆଜି ଜେସିବି ଲଗାଇ ଗୋଟିଏ ପରେ ଗୋଟିଏ ଦୋକାନ ଘର ଭାଙ୍ଗି ଦିଆଯାଇଛି । ଦେଖିବାକୁ ବାକି ରହିଲା ଯେ ଫାଣ୍ଡି ଛକ ମୁଖ୍ୟ ରାସ୍ତାରୁ କେବେ ଉଚ୍ଛେଦ କରାଯାଉଛି ।

## ସଦର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବାଲେଶ୍ୱର,୧୮ ।୧୧(ସମିସ): ସଦର ବ୍ଲକର ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ "ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାର ଉଦ୍ଦେଶ୍ୟ ମତ୍ସ୍ୟଚାଷ ଓ ପଶୁସଂପଦ ପ୍ରତି ଚାଷୀମାନଙ୍କ ଆଗ୍ରହ, କୌଶଳ ଓ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ରେମୁଣା ବିଧାୟକଙ୍କ ପ୍ରତିନିଧି ଲମ୍ବୋଦର ପ୍ରଧାନ, ପଞ୍ଚାୟତ ସମିତି ସଦର ଅଧକ୍ଷା ସୁନୀତା ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରବିନାରାୟଣ ପଟ୍ଟନାୟକ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶ୍ରୀ ରେଶ୍ମା ରାଣୀ ସିଂ ଉପସ୍ଥିତ ଥିଲେ । ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ମେଳାରେ ବିଭିନ୍ନ ବିଭାଗର ମୋଟ ୧୪ଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପିତ ହୋଇଥିଲା । ପ୍ରାଣୀ ସମ୍ପଦ ବିକାଶ ବିଭାଗର ୪, ମତ୍ସ୍ୟ ବିଭାଗର ୪, ପଞ୍ଜିକରଣ ୨, କୃଷି ବିଭାଗ ୧, ଉଦ୍ୟାନ କୃଷି ବିଭାଗ ୧, ମିଶନ ଶକ୍ତି ୧ ଓ ଓମ୍ଫେଡ ର ୧ଟି ଷ୍ଟଲ ପ୍ରଦର୍ଶିତ ହେଇଥିଲା । ମେଳାରେ ମୋଟ ୮ ଜଣ ସଫଳ ଚାଷୀଙ୍କୁ ପ୍ରାଣୀ ସମ୍ପଦ ବିଭାଗର ୪ ଓ ମତ୍ସ୍ୟ ବିଭାଗର ୪ ଜଣଙ୍କୁ ଏକ ହାଜର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଏହା ସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଅନ୍ୟ ୪ ଜଣ ଉତ୍ସାହୀ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ବ୍ଲକ୍ କଳା ସଂସ୍କୃତି ସଂଘର ଅନୁବନ୍ଧିତ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା ଓ ନାଟ୍ୟ ପରିବେଷଣ କରାଯାଇଥିଲା । ଚାଷୀ ବିଭାଗୀୟ ଅଧିକାରୀମାନଙ୍କ ସହ ମତ ବିନିମୟ ଅଧିବେଶନରେ ଚାଷୀମାନେ ତାଙ୍କ ଅଭିଜ୍ଞତା ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ସଦର ବ୍ଲକର ୩୭ ପଞ୍ଚାୟତର ମୋଟ ୭୪୦ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀ ଏହି ମେଳାରେ ଯୋଗଦେଇଥିଲେ ।

## ବ୍ଲାଷ୍ଟିଂ ବେଳେ ପଥର ବାଜି ମହିଳା ଗୁରୁତର

ସୋର,୧୮ ।୧୧(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମହାଲ ପଥର ଖାଦାନରେ ପଥର ବ୍ଲାଷ୍ଟିଂ ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଗୋବିନ୍ଦପୁର ଗ୍ରାମର ସରସ୍ୱତୀ ମଲିକ ଆଜି ଅପରାହ୍ଣରେ ବିଲରେ ଧାନ କାଟୁଥିବା ବେଳେ ପାହାଡରେ ପଥର ଫଟା ଯାଇଥିଲା । ଏହି ସମୟରେ ଏକ ପଥର ସରସ୍ୱତୀଙ୍କ ଅଣ୍ଟାରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।



ମାଣବସା ଗୁରୁବାର ପାଇଁ ଫାଣ୍ଡିଛକରେ ନୂଆ ଧାନ ବିକ୍ରି

## ୩୦ରେ ଅସ୍ମିତା ଆଥଲେଟିକ ଲିଗ୍




ବାଲେଶ୍ୱର,୧୮ ।୧୧ (ସମିସ): ଦେଶର ପ୍ରତ୍ୟେକ ଜିଲ୍ଲାରେ ମହିଳାଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ବିଭାଗ,ଭାରତୀୟ ଦୌଡ଼ ସଂଘ ଓ ଭାରତୀୟ ଖେଳ ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ୧୪ ଓ୧୬ବର୍ଷ ବାଳିକାମାନଙ୍କ ମଧ୍ୟରେ ଦୌଡ଼କୁଦ ପ୍ରତିଯୋଗିତା 'ଅସ୍ମିତା ଆଥଲେଟିକ ଲିଗ ୨୦୨୫' ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ସଂଘକୁ ଏଥି ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି କ୍ରମରେ ଆସନ୍ତା ୩୦ତାରିଖରେ ବାଲେଶ୍ୱର ଜିଲ୍ଲାସ୍ତରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ସ୍ଥାନୀୟ ପରମିଟ ପଡ଼ିଆରେ ଦିବସ ବ୍ୟାପୀ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ୬୦ମିଟର ଦୌଡ, ୬୦୦ମିଟର ଦୌଡ,୫ମିଟର ଲମ୍ବ ଡ଼ିଆଁ, ଉଚ୍ଚ ଡ଼ିଆଁ, ଏକ କିଲୋ ସଟପୁଟ ବ୍ୟକ ଥ୍ରୋ ପ୍ରଭୃତି ଖେଳକୁ ସମ୍ବଳିତ ୩ଟି ଟ୍ରାଇଥଲୋନରୁ ଗୋଟିଏ ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ । ଏହା ବ୍ୟତିତ କିଡସ ଜାଭେଲିନ ଥ୍ରୋ ଏବଂ୧୬ବର୍ଷରୁ କମ ବାଳିକାଙ୍କ ପାଇଁ ଡିସକସ ଥ୍ରୋ,ଷ୍ଟାଣ୍ଡି ସଟପୁଟ ଓ ଜାଭେଲିନ ଥ୍ରୋ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସୂଚନା ଦେଇଛନ୍ତି । ଏହାଛଡା ଜିଲ୍ଲାର ସମସ୍ତ ବ୍ଲକକୁ ନେଇ ଜଣାଯାଇଥିବା ବେଳେ ସମସ୍ତ ବ୍ଲକରୁ ଖେଳାଳିମାନେ ଭାଗନେବେ ବୋଲି ମଧ୍ୟ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅମର କୁମାର ମହାନ୍ତି, ଦିଲ୍ଲୀ କୁମାର ନାୟକ ଓ ଜଗଦିଶ ଚନ୍ଦ୍ର ବେହେରା,ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, କୋଷାଧକ୍ଷ ବିଷ୍ଣୁ ପ୍ରସାଦ ମହାନ୍ତି, ସହ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ,ସଞ୍ଜୟ କୁମାର ଲେଙ୍କା, ଜନ୍ମେଜୟ ଦେ, ନିମାଇ ଚରଣ ରାଉତରାୟ, କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ସୁଜୟ ଆଚାର୍ଯ୍ୟ,ସଞ୍ଜୟ ଗିରି, ରବିନ ମିତ୍ର, ରବୀନ୍ଦ୍ର ସାହୁ ଓ ଅକ୍ଷୟ ଆଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା କୃଷକ ସଭା କମିଟି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଖଇରା,୧୮ ।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଓଡିଶା କୃଷକ ସଭା କମିଟି ପକ୍ଷରୁ ୪ ଦଫା ଦାବି ସମ୍ବଳିତ ଏକ ସ୍ମାରକ ମଙ୍ଗଳବାର ଅପରାହ୍ନରେ ଖଇରା ବିଡିଓ ନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଛି । ଦାବି ମଧ୍ୟରେ ନଭେମ୍ବର ୩୦ ସୁଦ୍ଧା ସମସ୍ତ ଧାନମଣ୍ଡି ଖୋଲିବା, ବିଭିନ୍ନ ଆଳରେ ରେସନ କାର୍ଡ କାଟିବା ବନ୍ଦକରି ନୂତନ ଆବେଦନକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା, ସମସ୍ତ ଭତ୍ତାଧାରୀଙ୍କୁ ୩ହଜାର ଟଙ୍କା ପ୍ରଦାନ, ବିଦ୍ୟୁତର ଘରୋଇକରଣକୁ ବନ୍ଦ କରିବା ସହ ୩ ଶହ ୟୁନିଟ ମାଗଣା ବିଜୁଳି ପ୍ରଦାନ ଇତ୍ୟାଦି ଦାବି ଅନ୍ତର୍ଭୁକ୍ତ । କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ସିତାଂଶୁ ସେନାପତି, ଜିଲା ସମ୍ପାଦକ ଦିଲ୍ଲୀପ ଗିରି, ଖଇରା କମିଟି ସଭାପତି ଭଗବାନ ଦାସ, ଜଗତାନନ୍ଦ ମହାପାତ୍ର, ମୂରଲୀଧର ବେହେରା, ଦାମୋଦର ସେନାପତି, ଦୟାନିଧି ବେହେରା ଓ ସମ୍ପାଦକ ଉତ୍ତମ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ଅବସରରେ ବିଡିଓଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

## ୧୦ କେଜି ଗଞ୍ଜେଇ ଜବତ

- ବାଇକ ସହ ବେପାରୀ ଗିରଫ

ବାଲେଶ୍ୱର/ରାଜଘାଟ, ୧୮ ।୧୧(ସମିସ): ବସ୍ତା ଅଞ୍ଚଳରେ ଜଣେ ବେପାରୀ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଖବର ପାଇ ମୋବାଇଲ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ତା'ଠାରୁ



୧୦କେଜିରୁ ଅଧିକ ଗଞ୍ଜେଇ ସହ ନଗଦ ୩୫ହଜାର ଟଙ୍କା ଜବତ କରାଯାଇଛି । ଏଥିସହ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଏକ ବାଇକ ମଧ୍ୟ ଜବତ ହୋଇଛି । ଗିରଫ ହୋଇଥିବା ବେପାରୀ ଜଣକ ହେଲେ ସିଂଲା ଥାନା ସାହାଦା ଗ୍ରାମର ମନୋରଞ୍ଜନ ନାଥ(୩୬) । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗିରଫ ବେପାରୀକୁ କୋର୍ଟ ଚାଲାଣ କରିଛି । ବସ୍ତା ବ୍ଲକ ମୁକୁଳିସି ଛକଠାରେ ଜଣେ ବ୍ୟକ୍ତି କିଛି ଗଞ୍ଜେଇ ନେଇ ବେପାର କରୁଥିବା ଖବର ମୋବାଇଲ ଅବକାରୀ ବିଭାଗ ପାଇଥିଲା । ବିଭାଗ ପକ୍ଷରୁ ଏକ ଟିମ ଗଠନ କରାଯାଇ ତୁରନ୍ତ ସେଠାରେ ଚଢ଼ଉ ହୋଇଥିଲା । ଚଢ଼ାଉ ବେଳେ ସାହାଦା ଗ୍ରାମର ମନୋରଞ୍ଜନ ତାଙ୍କ ବାଇକରେ ୧୦କେଜି ୫ଶହ ଗ୍ରାମ ଗଞ୍ଜେଇ ରଖି ବେପାର କରିବାକୁ ଯାଉଥିଲେ । ଅବକାରୀ ବିଭାଗ ଉକ୍ତ ଗଞ୍ଜେଇକୁ ଜବତ କରିବା ସହ ତା ନିକଟରେ ଥିବା ୩୫ହଜାର ୪ଶହ ଟଙ୍କାକୁ ମଧ୍ୟ ଜବତ କରିଛି । ଜବତ ଗଞ୍ଜେଇର ମୂଲ୍ୟ ଏକ ଲକ୍ଷ ୫ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

### ବାଲେଶ୍ୱର ଡିଏଚ୍‌ଏଚ୍ ଡାକ୍ତରଙ୍କ ସଫଳତା

## ସାପ କାମୁଡ଼ାରେ ଆକ୍ରାନ୍ତ ୭ ଦିନର ଶିଶୁକୁ ବଞ୍ଚାଇଲେ

ବାଲେଶ୍ୱର,୧୮ ।୧୧(ସମିସ)






ମାତ୍ର ସାତ ଦିନର ଶିଶୁକନ୍ୟାକୁ ମୃତ୍ୟୁ ମୁଖରୁ ବଞ୍ଚାଇ ଏକ ନୂଆ ଜୀବନ ଦେଇଛନ୍ତି ଡାକ୍ତର । ଏକ ବିଷାକ୍ତ ସାପ ସାତ ଦିନର ଝିଅକୁ କାମୁଡିବା ପରେ ମୃତ୍ୟୁ ସହର ଲଢେଇ କରୁଥିଲା କୁନି ଝିଅ । ଝିଅକୁ ଧରି ସିଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଯାଇଥିଲେ । ବାପା ମାଆଙ୍କ ଆକୁଳ ନିବେଦନ ଆଗରେ ଏପରି ଏକ ବିରଳ ଘଟଣାରୁ କୁନି ଝିଅକୁ ବଞ୍ଚାଇ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି । ସେଥିପାଇଁ ଡାକ୍ତର ଅରୁଣ ଗିରିଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପୁରସ୍କୃତ କରିଛନ୍ତି । ଏହା ବାଲେଶ୍ୱର ଜିଲ୍ଲା ଡିଏଚ୍‌ଏଚ୍ ଡାକ୍ତରଙ୍କ ମହାନ ତଥା ବିରଳ ସଫଳତା । ଏହି ଘଟଣା ଅତ୍ୟନ୍ତ ବିରଳ । ଏହି ଘଟଣା ଓଡ଼ିଶାରେ ପ୍ରଥମ ଥର ଏବଂ ଭାରତରେ ଦ୍ୱିତୀୟ ଥର ବୋଲି କୁହାଯାଉଛି ।

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅର୍ନ୍ତଗତ ବଳବୁଦ୍ଧି ଗ୍ରାମର ବବିତା ଦାସ । ଗତ ଅଗଷ୍ଟ ମାସ ୫ ତାରିଖର ଘଟଣା । ରାତି ପ୍ରାୟ ୭.୩୦ରେ ବବିତା ଦାସଙ୍କ ସାତ ଦିନର ଝିଅର ମୁଣ୍ଡକୁ ସାପ କାମୁଡିଥିଲା । ପରିବାର ଲୋକ ଶିଶୁକୁ ରାତି ୯.୩୦ ମିନିଟ୍ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏସ୍ ଏନ୍ ସି ୟୁ (ସ୍ପେଶାଲ ନ୍ୟୁ ବର୍ଣ୍ଣ କେୟାର ୟୁନିଟ୍) କୁ ନେଇ ଆସିଥିଲେ । ସେତେବେଳେକୁ ଶିଶୁର ଅବସ୍ଥା ବହୁତ ଜଟିଳ ଥିଲା । ପାଟିରୁ ଫେଣ ବାହାରୁ ଥିବା ବେଳେ ଦେହ ନୀଳ ପଡ଼ିଯାଇଥିଲା । ସେଦିନ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି ଡ୍ୟୁଟିରେ ଥିଲେ । ଡାକ୍ତର ଶିଶୁ ଦେଖିବା ବେଳେ ତାହାର ଅବସ୍ଥା ଜଟିଳ ଥିଲା । ହେଲେ ଡାକ୍ତର ଅରୁଣ ଚିକିତ୍ସା କରି ଶିଶୁର ଜୀବନ ବଞ୍ଚାଇଛନ୍ତି । ଡାକ୍ତର ଅରୁଣଙ୍କ କହିବା ଅନୁସାରେ, ମୋର ୩୦/୩୫ ବର୍ଷ କ୍ୟାରିୟର ଭିତରେ ଏତେ ଛୋଟ ପିଲାକୁ ସାପ କାମୁଡିବା ଘଟଣା ମୁଁ କେବେ ଦେଖିନି କି ଚିକିତ୍ସା ବି କରିନି । କିନ୍ତୁ ମୁଁ ଜାଣିଥିଲି ଯେ ସାପ କାମୁଡ଼ିଲା ବଡ ଲୋକଙ୍କୁ ଯେଉଁ ଇଞ୍ଜେକସନ ଏଏସଭି ଦିଆଯାଏ ତାହାକୁ ଏକାଥରେ ୧୦ଟା ଦେବା ଆରମ୍ଭ କରିଲି । କିନ୍ତୁ ଏହା ପୂର୍ବରୁ ଶିଶୁର ବାପାଙ୍କ ସହ ଅନୁମତିରେ । ଯେହେତୁ ପିଲାର ଅବସ୍ଥା ଜଟିଳ ଥିଲା । ସେଥିପାଇଁ କିଛି ଘଟିପାରେ । କିନ୍ତୁ ଏଏସଭି ଦେଲେ ହୁଏତ ପିଲା ବଞ୍ଚିଯାଇପାରେ । ପିଲାର ବାପା ରାଜି ହେବା ପରେ ମୁଁ ଚିକିତ୍ସା ଆରମ୍ଭ କରିଲି । ଇଞ୍ଜେକସନ ଦେବାର ଘଣ୍ଟାଏ ପରେ ପିଲା କାନ୍ଦିବା ଆରମ୍ଭ କରିଲା । ପାଟିର ଫେଣ କମିବା ସହ ଦେହର ନୀଳ ବି କମିଗଲା । ପ୍ରାୟ ଦୁଇ ଘଣ୍ଟା ପରେ ପିଲା ଖାଇବା ପାଇଁ କାନ୍ଦିଲା ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠୁ ପୁରସ୍କୃତ ହେଲେ ଡାକ୍ତର ଅରୁଣ

ଆମେ ପିଲାକୁ ତା ମାଆକୁ ଦେଇଦେଲୁ । ସେ କ୍ଷୀର ପିଇଲା । ଆମେ ପାଞ୍ଚ ଦିନ ଯାଏଁ ପିଲାକୁ ହସପିଟାଲରେ ରଖିବା ପରେ ଡିସଚାର୍ଜ କରିଲୁ । ଦୁଇ ମାସ ପରେ ସେ ପିଲା ଚେକ୍ ଅପ୍ ପାଇଁ ଆସିଥିଲା । ସେ ଏବେ ପୁରା ସୁସ୍ଥ ଅଛି । ଏତେ ଛୋଟ୍ ପିଲାକୁ ବିଷାକ୍ତ ସାପ କାମୁଡିବା ଏକ ବିରଳ ଘଟଣା । ଏପରି ଜଟିଳ ଘଟଣାକୁ ଚିକିତ୍ସା କରିଥିବାରୁ ନ୍ୟୁ ବର୍ଣ୍ଣ ୱିକ୍‌ରେ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି ।

ସକାଳ
THE SAKALA

# ସମ୍ପାଦକୀୟ



କେବଳ ଟଙ୍କାପଇସା ହୋଇଗଲେ ସଫଳତା ମିଳିବ ନାହିଁ; ଟଙ୍କା ଉପାର୍ଜନ କରିବାର ସ୍ୱାଧୀନତା ଦ୍ୱାରା ହିଁ ସଫଳତା ମିଳିଥାଏ।

-ନେଲସନ ମଣ୍ଡେଲା

## ଜମି ଝାମେଲା

ଜମି କିଣାବିକା ସମ୍ପର୍କିତ ଦଲିଲ୍‌ର ପଞ୍ଜିକରଣ(ରେଜିଷ୍ଟ୍ରେସନ୍ ଅଫ୍ ସେଲ୍‌ଫ ଡିଡ୍) ଉକ୍ତ ଜମିର ମାଲିକାନା ପ୍ରମାଣପତ୍ର ଭାବେ ସ୍ୱୀକୃତ ହେବ ନାହିଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ୍ ମାସରେ ଦେଇଥିବା ରାୟକୁ ପୁଣି ଗତ ୭ ତାରିଖରେ ଦୋହରାଇଛନ୍ତି। ସମ୍ମାନସ୍ପଦ ଅଦାଲତ ବିଭିନ୍ନ ଦୃଷ୍ଟିରୁ ତର୍ଜମା କରି ଉପରୋକ୍ତ ରାୟ ଦେଇଥିବେ। କିନ୍ତୁ ଏହାଦ୍ୱାରା ବିଚରା କ୍ରେତାଟିଏ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ତାହା ବୋଧହୁଏ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇନାହିଁ। ତୃଣମୂଳସ୍ତରରେ ଏଭଳି ଅନେକ ସମସ୍ୟା ରହିଛି, ଯାହାକୁ ଅଦାଲତଙ୍କ ଉପରୋକ୍ତ ରାୟ ଅଧିକ ଜଟିଳ କରିବାର ଆଶଙ୍କା ରହିଛି।

ସମ୍ପ୍ରତି ଜମିଜମା ସଂକ୍ରାନ୍ତରେ ପ୍ରଚଳିତ ଆଇନଗୁଡ଼ିକ ହେଲା ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ-୧୮୮୨(ଯାହା ବଳରେ ବିକ୍ରି, ଉପହାର, ଲିଜ୍ ଓ ମୋର୍ଟଗେଜ୍ ଆକାରରେ ଜମି ହସ୍ତାନ୍ତର କରାଯାଇପାରିବ), ଇଣ୍ଡିଆନ୍ ଷ୍ଟାମ୍ପ ଆକ୍ଟ-୧୮୯୯(ଯେଉଁଥିରେ ସରକାର ପଞ୍ଜୀକରଣ ବାବଦ ଟିକସରେ ଭାଗୀଦାର ହେବେ) ଓ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮ (ଯାହା ବଳରେ ଦଲିଲ୍ ପଞ୍ଜୀକୃତ ହେବ)। ଉପରୋକ୍ତ ତିନିଟି ଯାକ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ, ଯାହା ଫଳରେ କିଏ କାହାକୁ ବିକ୍ରି କଲା ତାହା ରେକର୍ଡଭୁକ୍ତ ହେବ। କିନ୍ତୁ ଜମିର ପ୍ରକୃତ ମାଲିକ କିଏ ତାହା ଏହି ପ୍ରକ୍ରିୟାରେ ପ୍ରମାଣିତ ହୋଇପାରିବ ନାହିଁ କି ସବରେଜିଷ୍ଟ୍ରାର ଜମିର ମାଲିକାନା ଆରୋପିତ କରିବା ପାଇଁ ଅଧିକୃତ ନୁହନ୍ତି।

ସାମ୍ପ୍ରତିକ ତଞ୍ଚକତାପୂର୍ଣ୍ଣ ଦୁନିଆରେ ଅସାଧୁ ଦଲାଲ୍‌ମାନେ ଗୋଟିଏ ଜମିକୁ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରିଦେଉଥିବାର ଉଦାହରଣ ବଢ଼ିବାରେ ଲାଗିଛି। ବାହୁବଳ, ଅର୍ଥବଳ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଟିଏ ଜମି ଉପରେ ଅଧିକାର ଜାହିର କରିପାରୁଥିବା ବେଳେ ନ୍ୟାୟପୂର୍ଣ୍ଣ ଓ ଆଇନାନୁମୋଦିତ ପ୍ରକ୍ରିୟାରେ କଷ୍ଟାର୍ଜିତ ଧନରେ ଜମି ଖଣ୍ଡିଏ କିଣିଥିବା ବିଚରା ସାଧାରଣ ଲୋକଟିଏ ସବୁଆଡୁ ନିରାଶ ହେଉଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଅସାଧୁ ଅମଲାମାନଙ୍କ କାରସାଦୀରେ ବିଚରା ସାଧାସିଧା ଲୋକଟିଏ ଜମି କିଣିବା ପରେ ମଧ୍ୟ ପଟା ବା ମ୍ୟୁଟେସନ୍ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଯଦି ସେ ଏହା ମଝିରେ ଆର୍ଥିକ ଆବଶ୍ୟକତା ପାଇଁ କିଣିଥିବା ଜମି ଖଣ୍ଡିକ ବିକିବାକୁ ଚାହେଁ ତେବେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ରାୟ ଆଧାରରେ ମାଲିକାନା ପାଇ ନଥିବାରୁ ବିକ୍ରି କରିବାର ଯୋଗ୍ୟ ହେବ କି ନାହିଁ ତାହା ଆଇନଗତ ଜଟିଳତା ସୃଷ୍ଟି କରିବ। ଫଳରେ ମହତ୍ ଉଦ୍ଦେଶ୍ୟରେ ଅଦାଲତ ଦେଇଥିବା ରାୟ ଗରିବ ଲୋକଟିର ବିପକ୍ଷରେ ଯିବ। ଏଣୁ ଆମେ ଅଦାଲତଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ତୃଣତୂଳସ୍ତରର ସମସ୍ୟାକୁ ହୃଦୟଙ୍ଗମ କରି ରାୟ ଯେପରି ଗରିବ ଅସହାୟ ଲୋକଟିର ହିତରେ ଆସିପାରିବ ସେଭଳି ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ହେଲେ ଆଇନ ମିତ୍ରମାନେ ଏ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ରାୟରେ ବିହିତ ସଂଶୋଧନ ପାଇଁ ସାଧୁ ଉଦ୍ୟମ କରିପାରିବେ।

## ହସିନା-ଅଡୁଆ ବଢ଼ିଲା

ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସେଠାକାର ଏକ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଭାରତ ପାଇଁ ଅଡୁଆ ବଢ଼ିଛି। ଆନ୍ତର୍ଜାତିକ ଆଇନ୍ ଓ ଭାରତ-ବାଂଲାଦେଶ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ବାଧ୍ୟ ନୁହେଁ। କିନ୍ତୁ କୂଟନୈତିକ ସମ୍ପର୍କର ସୁରକ୍ଷା ଦୃଷ୍ଟିରୁ ଅନୌପଚାରିକ ପ୍ରତ୍ୟର୍ପଣ ଭାରତ ପାଇଁ ଅଧିକ ନୈତିକ ତର୍କସମ୍ମତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ସେହିଦେଶରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ତେଣୁ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟ ନୁହେଁ। ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୂନ ଏକବର୍ଷରୁ ଊର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ସେହିପରି ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଞ୍ଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। ହସିନାଙ୍କ କ୍ଷେତ୍ରରେ ଉପରୋକ୍ତ ସଞ୍ଜ୍ଞା ଲାଗୁ ହେଉଥିବାରୁ ଆନ୍ତର୍ଜାତିକ ଆଇନ ଭାରତ ସପକ୍ଷରେ ଅଛି।

ଏ ସବୁର ଊର୍ଦ୍ଧ୍ୱରେ ସାମ୍ପ୍ରତିକ ଦ୍ରୁତପରିବର୍ତ୍ତନଶୀଳ ଭୂ-ରାଜନୈତିକ ଓ କୂଟନୈତିକ ସ୍ଥିତି ଦୃଷ୍ଟିରୁ ହସିନା ପ୍ରସଙ୍ଗ ଭାରତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦଲାଇ ଲାମାଙ୍କୁ ରାଜନୈତିକ ଆଶ୍ରୟ ଦେଇ ଭାରତ ଯେପରି ଚୀନ୍ ଯୁଦ୍ଧର ସମ୍ମୁଖୀନ ହୋଇଥିଲା ତାହାର ପୁନରାବୃତ୍ତି ଶେଖ୍ ହସିନାଙ୍କ ପ୍ରସଙ୍ଗରେ ହେବା ଅସମ୍ଭବ ନୁହେଁ। ସାମରିକ ଶକ୍ତି ଦୃଷ୍ଟିରୁ ବାଂଲାଦେଶ ଏକ ଦୁର୍ବଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଚୀନ୍ ଓ ପାକିସ୍ତାନ ଶରଣରେ ଥିବାରୁ ବଳଶାଳୀ ହେବାକୁ ଅଧିକ ସମୟ ଲାଗିବ ନାହିଁ। ଏହି ସୁଯୋଗରେ ବାଂଲାଦେଶକୁ ମୋହରା କରି ଚୀନ୍ ଓ ପାକିସ୍ତାନ ଉତ୍ତର-ପୂର୍ବ ଦିଗରୁ ଭାରତ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଇତିମଧ୍ୟରେ ବାଂଲାଦେଶର କାମଚଳା ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଗ୍ର ହେଉଛି। ତେଣୁ ହସିନା ପ୍ରସଙ୍ଗରେ ଅଧିକ ଆକ୍ରମଣାତ୍ମକ ହେବା ଅସ୍ୱାଭାବିକ ନୁହେଁ। ଭାରତ ଯେଉଁ ଦେଶକୁ ଜନ୍ମ ଦେଇଥିଲା ସେହି ଦେଶଠାରୁ ପୁଣି ଏକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ନ ହେଉ।

# ଛଦ୍ମ-ରାଜନୀତିର କପଟ-ରୋମାଞ୍ଚ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ରୋମାଞ୍ଚ ଅନୁଭବ କରିବା, ସାଦା ଭାଷାରେ କହିଲେ ଲୋମଟାଙ୍କୁରା ସୀତ୍କାରଟିଏ ଅନୁଭବ କରିବା ଆଦୌ ଏମିତି କିଛି ବିରଳ ଅନୁଭବଟିଏ ନୁହେଁ। ଏମିତି ବି କୁହାଯାଇପାରେ ସବୁ କିସମର ମାନବିକୀ ପ୍ରତିକ୍ରିୟାମାନଙ୍କ ଭିତରେ ଏ 'ରୋମାଞ୍ଚ' ପ୍ରତିକ୍ରିୟାଟି, ଏ ଲୋମଟାଙ୍କୁରା ପ୍ରତିକ୍ରିୟାଟି ହେଉଛି ବୋଧହୁଏ ବେଶୀ ଗଣତାନ୍ତ୍ରିକ। ଅର୍ଥାତ୍ ରାଜାପ୍ରଜା, ନାରୀପୁରୁଷ ବା ଜାତିଧର୍ମ ନିର୍ବିଶେଷରେ ଏ ପ୍ରତିକ୍ରିୟାଟି ତା'ର ସାର୍ବଜନିନତା ଜାହିର କରିଥାଏ। କବି ହୁଅନ୍ତୁ କି ଅକବି, ରାଜନେତାଏ ହୁଅନ୍ତୁ କି ପାଗଳ ପ୍ରେମିକ ହୁଅନ୍ତୁ କି ନଛୋଡ଼ବନ୍ଧା ମିଛୁଆ ହୁଅନ୍ତୁ -ସଭିଙ୍କର ନିର୍ଭେଜାଲ ଗଣତାନ୍ତ୍ରିକ ମୌଳିକ ଅଧିକାର ହେଉଛି ଠିକଣା ପାଣିପାଗ ପାଇଲେ ଆପଣା ଦେହର ଥାନଅଥାନରେ ସୋରିଷ ପ୍ରମାଣ ହେଉ କି କୁଆପଥର ପ୍ରମାଣ ହେଉ, ଟାଙ୍କୁରିତ ଆବୁ ମେଞ୍ଚାଏ ମେଞ୍ଚାଏ ଗଜୁରେଇ ଆଣିବା।

କଳାବାଦଲ ତଳେ ପୁଞ୍ଜାଏ ଧୋବ ଫରଫର ବଗବଗୁଲି ଉଡ଼ିଯିବା ଦେଖିଲେ ଶିଶିରଭିଜା ଶରତ ସକାଳେ ଅଭିମାନିନୀ ଶେଫାଳି ଫୁଲଙ୍କ ଆଲୁଳାୟିତ ଭୂମିଲଗ୍ନ-ମୁଦ୍ରା ଦେଖିଲେ କବିମାନଙ୍କ ଲୋମଟାଙ୍କୁରି ଉଠିଥାଏ - କେତେବେଳେ ଘନ ଆବେଗର ଆତିଶଯ୍ୟରେ ତ ଆଉ କେତେବେଳେ ନଶ୍ୱରତାର ଚିନ୍ତନରେ, ଅନିତ୍ୟତାର ଭୟବିଜଡ଼ିତ କରୁଣ ଉପଲବ୍ଧିରେ। ପ୍ରଥମ ପ୍ରେମର ମହ୍ଲାର ରାଗର ଟୁନା ଟୁନା ଉର୍ମିରେ ଧୋଇ ହୋଇଗଲେ ରୋମାଞ୍ଚ, ବରଫଶୀତଳ ଝରଣାଜଳର ଲାଜୁଆ ଛୁଆଁରେ ରୋମାଞ୍ଚ ଏବଂ ନିର୍ଜନ ପ୍ରହରରେ ଗାଁ ଶ୍ମଶାନର ଅଶ୍ୱତ୍ଥ ବୃକ୍ଷର ପତ୍ରଗହଳିରେ ଅମାନିଆ ପବନ ରଚୁଥିବା ଶବ୍ଦ ଭଉଁରୀରେ ବି ରୋମାଞ୍ଚ। ଅପ୍ରତ୍ୟାଶିତ ଆନନ୍ଦ, ଅପ୍ରତ୍ୟାଶିତ ଭୟ, ଆତଙ୍କ ଓ ଛାତିକୁ ରୁନ୍ଧି ପକାଉଥିବା କୋହଉଚ୍ଛୁଳା ଆବେଗ ପରି ସ୍ୱାଭାବିକ ମାନବୀୟ ପ୍ରବୃତ୍ତିସବୁର ଏମିତି ଗୋଲ୍‌ଗୋଲ୍ ଅକ୍ଷରମାନ ଲେଖି ହୋଇଯାନ୍ତି ଅତି-ସଂବେଦୀ ଦେହାଚ୍ଛାଦିତ ଚର୍ମପୃଷ୍ଠାରେ। ଜମା କିଛି ବିରଳ କି ଅନାହୂତ ନୁହେଁ ଏ ରୋମାଞ୍ଚ, ଏ ଲୋମଟାଙ୍କୁରାର ସିରିସିରି ସ୍ପନ୍ଦନ। କିନ୍ତୁ ବିରଳ ବା ଅନାହୂତ ନିଶ୍ଚୟ ଯେତେବେଳେ କେହିଜଣେ ଆପଣାର ମନ୍ଦ ଉଦ୍ଦେଶ୍ୟଟିକୁ ଗୁପ୍ତ ରଖି ସର୍ବସାଧାରଣରେ ବଖାଣି ବସେ ତା'ର ଲୋମଟାଙ୍କୁରାର ଗାଥା, ଯେତେବେଳେ ଯେଉଁ କଥା କି ଘଟଣା ଯୋଗୁଁ ତା'ର ଲୋମଟାଙ୍କୁରେଇ ଯାଇଥିଲା, ଯେଉଁ ଉତ୍ସରୁ ତା' ଦେହର ସେ ଅନ୍ୟଥା ଟାଆଁସା ଚର୍ମ ଉପରେ ଲୋମଟାଙ୍କୁରାର ଚଅଁର ପବନ ଖେଳି ଯାଇଥିଲା, ସେ କଥା, ସେ ଘଟଣା ଓ ଉତ୍ସ କୌଣସି ସଚ୍ଚା ମଣିଷକୁ ତିଳପ୍ରମାଣେ ବି ଚହଲେଇ ଦେବନାହିଁ କିମ୍ବା ଯଦି ବା ଚହଲେଇ ଦେବ, ସେଇଟା ସତ -ରୋମାଞ୍ଚଜନିତ ନହୋଇ ହେବ କେବଳ ନିରୋଳା ବିରକ୍ତିଜନିତ। କାରଣ ସଚ୍ଚା ମଣିଷ ଜଣକ ଅତି ସହଜରେ ହଂସ ପରି ପାଣିରୁ କ୍ଷୀର ଅଲଗା କରିଦେଇଥାଏ, ସତ କାନ୍ଦଣା ଓ କୁମ୍ଭୀର କାନ୍ଦଣାର ଫରକଟିକୁ ବୁଝିଯାଇଥାଏ ଏବଂ ବୁଝି ବି ଯାଇଥାଏ ସତ୍‌ପ୍ରେମ, ସତ୍‌ଭାବ ଓ ସଦିଚ୍ଛା ପ୍ରେରିତ ଉଚ୍ଚାରଣର ଶ୍ରବଣରେ ଯେଉଁ ଲୋମଟାଙ୍କୁରାର ଅନୁଭବଟି ହୋଇଥାଏ, ତା'ର ଉତ୍ସ ସବୁବେଳେ ଖାଦହୀନ, ସବୁବେଳେ ଛଳନା-ନିର୍ମୋକରହିତ ଓ ବିଶୁଦ୍ଧ ଆବେଗପୂର୍ଣ୍ଣ।

କବି, ଭାବୁକ ଓ ଚିନ୍ତକ, ପ୍ରେମଭାବ ବା ମମତ୍ୱବୋଧରେ ସଦା ପୁଲକିତ ମଣିଷମାନେ ରୋମାଞ୍ଚିତ ହୋଇଥା'ନ୍ତି ବାରବାର। ସେମାନଙ୍କର ଏ ଅନୁଭବର ଉତ୍ସ ଅନେକ ସମୟରେ ଖୁବ୍ ମହନୀୟ, ଶୋଭନୀୟ, ଖୁବ୍ ପୂତପବିତ୍ର। ସରସୀ ଜଳରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭାରେ ମୋହିତ ହୋଇ କବି ରୋମାଞ୍ଚିତ ହୁଏ ଓ ଗାଇ ଉଠେ: 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି'; ନଗାଧିରାଜ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡର ଅନନ୍ୟ ସୌନ୍ଦର୍ଯ୍ୟର ସୁମରଣା କରି କବି ଗାଇ ଉଠେ; 'ସୁଜଳାଂ ସୁଫଳାଂ ଶସ୍ୟଶ୍ୟାମଳାଂ' ବା 'ସର୍ବେଷାଂ ନୋ ଜନନୀ ଭାରତ ବର୍ଷେ'; 'ବସୁଧୈବ କୁଟୁମ୍ବକମ୍'ର ସାରତତ୍ତ୍ୱଟି ବୁଝିଥିବା କବି ଗାଇଉଠେ: 'ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱ ହିତେ ତା'ର ପ୍ରତି ପ୍ରାଣବିନ୍ଦୁ' ଓ ପ୍ରତିଟି ମଣିଷର ଦୁଃଖକୁ ନିଜର କରିଥିବା କବି ଗାଇ ଉଠେ: 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ / ଜଗତ ଉଦ୍ଧାର ହେଉ'। ରୋମାଞ୍ଚର ଶିହରଣରେ ଆମେ ଥରି ଉଠୁ ଉଡ୍ଡୀୟମାନ ତ୍ରିରଙ୍ଗାର ଅବଲୋକନରେ, ଥରି ବି ଉଠୁ ଯେତେବେଳେ ସ୍ୱାଧୀନତା ଦିବସର ମାହେନ୍ଦ୍ର ବେଳାରେ ଆମେ ଶୁଣିଥାଉ 'ଏ ମେରେ ୱତନ କେ ଲୋଗୋ'। ଏ ରୋମାଞ୍ଚସବୁ ସ୍ୱର୍ଗୀୟ ରୋମାଞ୍ଚ। ସତ୍-ରୋମାଞ୍ଚ ସବୁର ଉତ୍ସ ହେଉଛି ଆମକୁ କିୟତ୍‌କ୍ଷଣ ପାଇଁ ସ୍ତବଧ୍ କରି ଦେଇଥିବା ଭାବାବେଗ, ଆମକୁ ବିମୋହିତ କରି ଦେଉଥିବା ସୌନ୍ଦର୍ଯ୍ୟ କିମ୍ବା ଆମର ମାନବତାକୁ ଉଜ୍ଜ୍ୱଳ, ପ୍ରଖର, ଜାଗରିତ କରିଦେଉଥିବା ପ୍ରେମ- ସେ ପ୍ରେମ ଦେଶପ୍ରେମ ହୋଇପାରେ, ବିଶ୍ୱପ୍ରେମ ହୋଇପାରେ, ହୋଇପାରେ ବି ଉଚ୍ଚାଙ୍ଗ ଭାବାଦର୍ଶର ପ୍ରେମ କିମ୍ବା ମହାନ୍ ସମ୍ବିଧାନ ପ୍ରତି ଆମର ସମ୍ମାନ, ଆନୁଗତ୍ୟ ଓ ଅଖଣ୍ଡ ପ୍ରେମ। ଏ ଧରଣର ରୋମାଞ୍ଚମାନ ସର୍ବଦା ବନ୍ଦନୀୟ ଓ ସେଥିପାଇଁ ବର୍ଣ୍ଣନୀୟ ମଧ୍ୟ - ସର୍ବସାଧାରଣରେ ହେଉ କି ଏକ କ୍ଷୁଦ୍ର ଅନ୍ତରଙ୍ଗ ମହଲରେ ହେଉ। କିନ୍ତୁ ଘୋର ବିଡ଼ମ୍ବନାର କଥା ଯେ ବର୍ତ୍ତମାନର ଏ 'ପୋଷ୍ଟ-ଟ୍ରୁଥ୍', ଏ 'ଫେକ୍ ବା ଡିପ୍‌ଫେକ୍' ର କାଳଖଣ୍ଡରେ, ଏ ଉଗ୍ର-ଦକ୍ଷିଣ ବା ଉଗ୍ର-ବାମ ଆଦର୍ଶରେ ଭ୍ରଷ୍ଟ-ମୋହିତ ମଣିଷଙ୍କ ଭିଡ଼ ଭିତରେ ପକ୍କା ଅଭିନୟ-ପ୍ରବଣ ଏମିତି କେତେ କେତେ ତଥାକଥିତ ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଆମେ ଦେଖୁଛେ, ଯେଉଁମାନେ ହଠାତ୍ ଆଦ୍ୟ ଆଷାଢ଼ର ବ୍ରାହ୍ମଣୀ ବେଙ୍ଗମାନଙ୍କ ପରି ଲମ୍ଫ ମାରିବା ଆରମ୍ଭ କରି ଦେଉଛନ୍ତି ଗୋଟିଏ ରାଜନୈତିକ ମଞ୍ଚରୁ ଅନ୍ୟ ଏକ ରାଜନୈତିକ ମଞ୍ଚକୁ; ଯେଉଁମାନେ ଆପଣାକୁ ସବୁପ୍ରକାର ଦୋଷବୋଧରୁ ମୁକ୍ତ କରିଦେବା ପାଇଁ ଏମନ୍ତ ଲମ୍ଫପ୍ରଦାନ, ଏମନ୍ତ 'ବୋଧିପ୍ରାପ୍ତି' ଓ ତଦ୍‌ଜନିତ 'ରୋମାଞ୍ଚ'ର କଥା ଓ ଗାଥାମାନ ବଖାଣି ବସୁଛନ୍ତି ସେମାନଙ୍କୁ ଅପର୍ଯ୍ୟାପ୍ତ ବିସ୍ମୟ, ଅପର୍ଯ୍ୟାପ୍ତ ଅବିଶ୍ୱାସର ସହ ଦେଖୁଥିବା, ଶୁଣୁଥିବା ଶ୍ରୋତା ବା ଦର୍ଶକମାନଙ୍କ ଆଗରେ।

ବିଜ୍ଞାନ କହେ, 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ରୂପକ ଦୈହିକ ବ୍ୟାପାରଟିର ମୂଳରେ ରହିଛି ଆମର 'ଜେନିଟିକ୍' ବା 'ଜୈବ-କୋଷୀୟ' ସ୍ମୃତି; ରହିଛି ବି ବିବର୍ତ୍ତନୀୟ ଇତିହାସର ପ୍ରଥମ ପର୍ଯ୍ୟାୟମାନଙ୍କରେ ଆଦିମ ମଣିଷ ଭୋଗିଥିବା ଭିନ୍ନ ଭିନ୍ନ ଦୈହିକ କ୍ରିୟା-ପ୍ରତିକ୍ରିୟାମାନଙ୍କର ସ୍ମୃତି। ଆଦିମ ମଣିଷର ଶରୀର ଥିଲା ଲୋମବହୁଳ ଏବଂ ଯାବତୀୟ ପ୍ରାକୃତିକ ଦୁର୍ବିପାକ ଭିତରେ ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଭୟ, ଆତଙ୍କସବୁକୁ ସାମ୍ନା କରୁଥିବାବେଳେ 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ଥିଲା ଲୋମଶ ମଣିଷର ସ୍ୱାଭାବିକ ଦୈହିକ ପ୍ରତିକ୍ରିୟା। ବାଘର ହେଣ୍ଟାଳ ଶୁଣିଲେ ଆଦିମ ମଣିଷର ଲୋମସବୁ ଠିଆ ହୋଇ ଯାଉଥିଲେ। ଏବେ କିନ୍ତୁ କତିପୟ ଅତ୍ୟାଧୁନିକ ମଣିଷମାନଙ୍କର ଲୋମସବୁ ଠିଆ ହୋଇଯାଉଛନ୍ତି ମାଇକ୍ରୋଫୋନ୍ ଆଗରେ ସେମାନେ ମିଛ ଆଦର୍ଶ, ମିଛ ଦେଶାତ୍ମବୋଧର ବନ୍ଦନା ଗାଉଥିବା ବେଳେ। ଏଣୁଅ ପରି ବାରମ୍ବାର ରଙ୍ଗ ବଦଳାଇବାରେ ଓସ୍ତାଦ କେତେଜଣ ଏବେ ଯେଉଁ 'ରୋମାଞ୍ଚ'ର ସିରିସିରି ଦହନ ଅନୁଭବ କରୁଛନ୍ତି, 'ଲୋମଟାଙ୍କୁରା'ର କଣ୍ଟକାଘାତ ସେମାନେ ଥରେ କେବେ ନିଶ୍ଚୟ ଭୋଗିଥିଲେ ବୋଲି କୋହକମ୍ପିତ ସ୍ୱରରେ ଉଦ୍‌ଗାରି ପକାଉଛନ୍ତି, ସେ ସବୁ ତୁଚ୍ଛା ମିଛ ରୋମାଞ୍ଚ, ମିଛ ଲୋମଟାଙ୍କୁରା। ସେମାନଙ୍କର ଏ ଦୈହିକ (ମାନସିକ ବି) ଅନୁଭବ ହୋଇଥାଏ କେବେ କେଉଁଠି କେଉଁ ମଞ୍ଚରେ କାହା ତୁଣ୍ଡରୁ ଘୃଣା, ଅସୂୟା ଓ ସାଂପ୍ରଦାୟିକତାର ବିଷମୟ ଭାଷଣବାଜି ଶୁଣିବା ପରେ ବା କାହା ତୁଣ୍ଡରୁ ଧର୍ମ, ସଂସ୍କୃତି ଓ ରାଷ୍ଟ୍ରପ୍ରେମ ନାମରେ ବିଭାଜନକାରୀ ମତମନ୍ତବ୍ୟମାନ ଶୁଣିବା ପରେ। ଏମାନଙ୍କର ଏ ଅନୁଭବ ହୋଇଥାଏ ବିକୃତ ଆବେଗ, ବିକୃତ ଆବେଶସବୁର ପ୍ରାବଲ୍ୟ ଯୋଗୁଁ ଏବଂ ଖାସ୍ ସେଥିଯୋଗୁଁ ଏ ଅନୁଭବ ପୂରାପୂରି ଶସ୍ତା, ପୂରାପୂରି ସାଧାରଣ, ଏପରିକି ପୂରାପୂରି ଖାଦହୀନ ଭାବରେ ହାସ୍ୟୋଦ୍ଦୀପକ ମଧ୍ୟ।

କଟାଫଳମାନଙ୍କର ଥାଳିଏ 'ସାଲାଡ୍'ର ଦର୍ଶନରେ କିମ୍ବା କୌଣସି ବିକ୍ରୟଯୋଗ୍ୟ ଲୋଭନୀୟ ଚିଜ ଉପରେ ମସ୍ତବଡ଼ ଆକର୍ଷଣୀୟ 'ଡିସକାଉଣ୍ଟ' ବା 'ରିହାତି'ଟିଏ ପାଇଲେ ଯେମିତି କେତେ କେତେ ଅବୋଧମଣିଷଙ୍କର ଲୋମଟାଙ୍କୁରି ଉଠିଥାଏ ଲଜ୍ଜାହୀନ ସୁଖବୋଧରେ, ସେମିତି ଏମାନଙ୍କର ବି ହୋଇଥାଏ ଠିକଣା ପାଣିପାଗରେ, କିମ୍ବା ଠିକଣା ମଞ୍ଚମାନଙ୍କରେ ଠିଆ ହୋଇଥିବା ବେଳେ। ମିଛ-ରୋମାଞ୍ଚ, ମିଛ ଲୋମଟାଙ୍କୁରା ବନ୍ଦନୀୟ କେବେ ନୁହେଁ, ତେଣୁ ବର୍ଣ୍ଣନୀୟ ବା କେମିତି ହେବ? ଯଦି ଏମିତି କପଟ-ରୋମାଞ୍ଚରେ କିଏ କେବେ ଥରି ଉଠିଥିବ, ସିଏ ଅନ୍ୟ କିଛି ହୋଇପାରେ, କିନ୍ତୁ କେବେ କ'ଣ ସିଏ ମଧୁ, ଗୋପବନ୍ଧୁ କି ଭୀମଭୋଇଙ୍କ ପରି ଜଣେ ସଚ୍ଚା ମଣିଷ, ଜଣେ ଶୁଦ୍ଧସୁବର୍ଣ୍ଣ ମଣିଷ ହୋଇପାରିବ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଅପମିଶ୍ରଣର ସାମ୍ରାଜ୍ୟ

**ସୁଧାଂଶୁ ପାତ୍ର**

ପୁଷ୍ଟିକର ଖାଦ୍ୟ ଅମୃତ ସମାନ, ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ। କିନ୍ତୁ ଆଜି ଦେଶବାସୀଙ୍କ ସୁସ୍ଥ ଓ ନିରାମୟ ଜୀବନ ଏବେ ମୁନାଫାଖୋର ଅପମିଶ୍ରଣକାରୀ ବେପାରୀଙ୍କ ହାତରେ। ଏହାର ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଭେଜାଲ କଫ୍ ସିରପ୍ ଖାଇ ୨୩/୨୫ ଶିଶୁଙ୍କ ମୃତ୍ୟୁ ଘଟଣା। କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରି କଲେ ଯେ ୨ ବର୍ଷରୁ କମ୍ ବୟସର ଶିଶୁକୁ କଫ୍ ଶିରପ୍ ଦେବା ଉଚିତ ନୁହେଁ। ବିଜ୍ଞପ୍ତି ଜାରି କରି ସରକାର ତାଙ୍କ ଦାୟିତ୍ୱ ସାରିଦେଲେ।

ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଏବଂ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟରେ ମିଳୁଛି। ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଦେଶରେ ଦୈନିକ ୭୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାର ଭରପୂର ଫାଇଦା ଉଠାଉଛନ୍ତି ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ। ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ। ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରିଖିବା କଷ୍ଟକର। ଅପମିଶ୍ରଣର ଏହି ଗୋଲକଧନ୍ଦା ଓ ଅର୍ଥ ରୋଜଗାରର ଲାଳସାରେ ସମାଜରେ ସାମୂହିକ କ୍ଷତି ଘଟୁଛି। ଅପମିଶ୍ରିତ ଖାଦ୍ୟ ଗ୍ରହଣ ଫଳରେ ଯକୃତ, ଅଗ୍ନାଶୟ, ବୃକକ୍, ହୃତପିଣ୍ଡ ଉପରେ ସାଂଘାତିକ ପ୍ରଭାବ ପଡୁଛି।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ ବୋଲି ଜଣାପଡ଼ିଛି। ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷାମାନ ନିୟମାବଳୀ ପୂରଣ କରିପାରୁନାହିଁ। ଦୁଗ୍ଧଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ। ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା। ଯାହାକି ଘରଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ରୋଜଗାର କରିପାରୁଥିଲା। ମାତ୍ର ଏବେ ସମୟ ବଦଳିଛି। ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ। ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶାଇ ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଥିପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି।

କିଛିଦିନ ତଳେ ଦୁଗ୍ଧ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡବିଧାନ ହୋଇଛି। ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ। ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି। କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଉତ୍ପାଦନରେ ସୀମିତ ନାହିଁ। ଏହା ଆଇସକ୍ରିମ, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ସାମିଲ୍ ହେଲାଣି। ଅପମିଶ୍ରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ କୋହଳ ଦଣ୍ଡ ଓ ଜୋରିମାନା ଆଦାୟରେ ସୀମିତ ରହୁଥିବାରୁ ଅପମିଶ୍ରଣକାରୀ ମୁନାଫାଖୋର ବେପାରୀ ଏହାକୁ ଖାତିର ନକରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧର ପରିସର ବୃଦ୍ଧି ପାଉଛି। କେତେକ କ୍ଷେତ୍ରରେ ଏହାକୁ ଦୃଢ଼ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ପାଇଁ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ।

ଏହି ପରିପ୍ରେକ୍ଷୀରେ ବେଳ ଥାଉଥାଉ ସାବଧାନ ନ ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ। ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ। ତେଣୁ ଏହା ବିରୁଦ୍ଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣକୁ ଦେଶରୁ ସମୂଳେ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମାନା ସହ ଦୋଷୀଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍।

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

# ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ନୀଳାଚଳରେ ବିଶାଳ ମନ୍ଦିର ଏବଂ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାପନ ଉତ୍ସବ ବ୍ରହ୍ମାଙ୍କ ପୌରୋହିତ୍ୟରେ ମହାସମାରୋହରେ ସମାପନ ହେଲା। ଦେବତାମାନେ ନିଜ ନିଜର ବାହାନ ଆରୋହଣ କରି ସ୍ୱର୍ଗପୁରକୁ ଫେରିଗଲେ। ନିମନ୍ତ୍ରିତ ଅତିଥିମାନେ ନିଜ ନିଜ ରାଜ୍ୟକୁ ବାହୁଡ଼ି ଗଲେ। ପୁରୋହିତ ବ୍ରହ୍ମା ମଧ୍ୟ ରାଜାଙ୍କୁ ଆଶୀର୍ବାଦ କରି ମେଲାଣି ନେଲେ। ଶେଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ କେବଳ ଦୁଇଜଣ ଦଣ୍ଡାୟମାନ ଥିଲେ - ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା।

ରାଜା ଅପଲକ ନୟନରେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଚାହିଁ ରହିଥା'ନ୍ତି। ଧାର ଧାର ଆନନ୍ଦାଶ୍ରୁ ଆଖିରୁ ବୋହି ଚାଲିଥାଏ। 'କାହିଁ ମାଳବ କାହିଁ ଉତ୍କଳ, ସେଠାରୁ ଆସି ଶିବିର ସ୍ଥାପନ କରି ଏକସହସ୍ର ଅଶ୍ୱମେଧ ଯଜ୍ଞ କରିବା, ସୁଦୂର ବିନ୍ଧ୍ୟ ପର୍ବତରୁ ପଥର ସଂଗ୍ରହ କରି ମନ୍ଦିର ନିର୍ମାଣ କରିବା, ମହାଦାରୁରେ ବୁଢ଼ା ବଢ଼େଇ ଦ୍ୱାରା ବିଗ୍ରହ ନିର୍ମାଣ କରିବା ଓ ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ଆଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରିବା- ଏ ସବୁ ରାଜାଙ୍କୁ ସ୍ୱପ୍ନ ପରି ଲାଗୁଥିଲା। ସେ ବିଶ୍ୱାସ କରି ପାରୁ ନ ଥିଲେ ଯେ ଏତେସବୁ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା କେବଳ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇଥିଲା ବୋଲି ଚିନ୍ତା କରି ରାଜା ଠାକୁରଙ୍କ ଉଦ୍ଦେଶ୍ୟରେ ଭୂମିଗତ ପ୍ରଣାମ କଲେ। ରାଜାଙ୍କୁ ଦେଖି ରାଣୀ ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ସମୟରେ ମହାପ୍ରଭୁ କହିଲେ - 'ବତ୍ସ ଇନ୍ଦ୍ରଦ୍ୟୁମ୍ନ! ମୋତେ ପ୍ରତିଷ୍ଠାପନ କରି ତୁମେ ମୋର ମହାନ ଭକ୍ତମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲ। ଜଣେ ପରମ ବୈଷ୍ଣବ ରୂପେ ଯୁଗଯୁଗକୁ ତୁମର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ମୁଁ ଏହି ଧାମରେ ନିତ୍ୟ ବିରାଜମାନ କରିବି। ମୁଁ ଯେପରି ଚିରନ୍ତନ ଏ ଧାମ ସେହିପରି ଚିରନ୍ତନ। ଭକ୍ତ ମୁଖରେ ତୁମର ନାମ ମଧ୍ୟ ଚିରନ୍ତନ ହେବ। ବର୍ତ୍ତମାନ ମୁଁ ତୁମକୁ ଏକ ବର ଦେବାକୁ ଚାହେଁ। ତୁମେ ତୁମର ଇଚ୍ଛାନୁସାରେ ବର ମାଗି ପାର।'

'ମହାପ୍ରଭୁ! ଏ ଅକିଞ୍ଚନକୁ ଆପଣ ସ୍ୱଦେହରେ ଦର୍ଶନ ଦେଇଛନ୍ତି। ସେତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କୌଣସି ବରର ଆବଶ୍ୟକତା ନାହିଁ।' ଇନ୍ଦ୍ରଦ୍ୟୁମ୍ନ ଭାବବିଗଳିତ ସ୍ୱରରେ କହିଲେ। ମହାପ୍ରଭୁ କହିଲେ- 'କିନ୍ତୁ ତୁମକୁ କିଛି ଦେବା ପାଇଁ ମୋ ମନରେ ଆଗ୍ରହ ଅଛି। ମୋର ଇଚ୍ଛା ପୂରଣ କରିବା ପାଇଁ ତୁମକୁ ମୋତେ କିଛି ମାଗିବାକୁ ପଡ଼ିବ।' ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ- 'ପ୍ରଭୁ! କିଛି ମାଗିବା ପାଇଁ ଯେବେ ମୁଁ ନିର୍ଦ୍ଦେଶିତ ହୁଏ, ତା' ହେଲେ 'ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନ ଥିବେ ଗୋସାଇଁ / ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର, ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର।' ମହାପ୍ରଭୁ 'ତଥାସ୍ତୁ' କହି ଇନ୍ଦ୍ରଦ୍ୟୁମ୍ନଙ୍କ ବର ଦେଲେ। କିନ୍ତୁ ରାଣୀ ଗୁଣ୍ଡିଚା ରାଜାଙ୍କୁ କହିଲେ- 'ମହାରାଜ! ଆପଣ ଏ କି ବର ପ୍ରାର୍ଥନା କରି ନେଲେ? ଆମେ ଅପୁତ୍ରିକ ହେଲେ, ଆମକୁ ପୁତ୍ ନର୍କରୁ ଉଦ୍ଧାର କରିବ କିଏ? ଆମର ମରଣ ପରେ ଆମକୁ ଶ୍ରାଦ୍ଧ ଦାନ କରିବ କିଏ? ଆପଣ ଏ ବର ଫେରେଇ ନେବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ।'

ରାଣୀଙ୍କର ଅଭିଯୋଗ ମହାପ୍ରଭୁ ଶୁଣୁଥିଲେ। ରାଜା କିଛି କହିବା ଆଗରୁ ସେ କହିଲେ- 'ମାତା! ଥରେ ବର ଦେଲା ପରେ ଆଉ ତା'ର ପରିବର୍ତ୍ତନ ସମ୍ଭବ ହୁଏ ନାହିଁ। କିନ୍ତୁ କାଳକାଳକୁ ମୁଁ ତୁମ ଦୁହିଁଙ୍କୁ ପିତାମାତା ରୂପେ ସ୍ୱୀକାର କରୁଛି ଏବଂ ମୋତେ ତୁମର ପୁତ୍ର ରୂପେ ଘୋଷଣା କରୁଛି। ମୋର ପୂର୍ବଜନ୍ମର ପିତାମାତାଙ୍କ ସହ ମୁଁ ତୁମ ଦୁହିଁଙ୍କୁ ସମାନ ଆସନ ପ୍ରଦାନ କରୁଛି। ଦେବ ଦୀପାବଳୀ ତିନିଦିନ ମୁଁ ଆପଣମାନଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ପ୍ରଥମ ଦିନ ମୋର ବାମନାବତାରର ପିତାମାତା ଅଦିତି ଓ କାଶ୍ୟପଙ୍କୁ, ଦ୍ୱିତୀୟ ଦିନ ରାମାବତାରର ପିତାମାତା ଦଶରଥ ଓ କୌଶଲ୍ୟାଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୃତୀୟ ଦିନ ମୁଁ ମୋର କୃଷ୍ଣାବତାରର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦାଙ୍କ ସହ ତୁମ ଦୁଇଜଣଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୁମେ ଏଠାରେ ମୋତେ ପ୍ରତିଷ୍ଠାପନ କରି ଥିବାରୁ ଧର୍ମ ବିଚାରରେ ମୋର ପିତାମାତା ପଦବାଚ୍ୟ ହେଲ। ତୁମକୁ ସେ ମର୍ଯ୍ୟାଦା ପ୍ରଦାନ କରି ମୁଁ ସଂସାରକୁ ଏକ ବାର୍ତ୍ତା ଦେବାକୁ ଚାହେଁ। ତା' ପରେ ସବୁବର୍ଷ ଘୋଷଯାତ୍ରା ସମୟରେ ମୁଁ ନଅ ଦିନ ପାଇଁ ତୁମ ମନ୍ଦିରରେ ଅବସ୍ଥାନ କରି ତୁମର ମାତୃସ୍ନେହ ଲାଭ କରିବି।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା**

## ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ କଲା ଏନ୍ଆଇଏ

ଭୁବନେଶ୍ୱର,୧୮ ।୧୧(ସମିସ): କଟକ ଲିଙ୍କ୍ ରୋଡ୍‌ରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) । ମୋଟ ୧୦ଜଣ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି ।

ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ କଟକ ଲିଙ୍କ୍ ରୋଡ୍ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ଖବର ପାଇଥିଲା । ସେଠାରୁ ଜଣେ ୧୬ବର୍ଷୀୟା ନାବାଳିକାକୁ ଉଦ୍ଧାର କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଥିଲା ।

**ନିଯୁକ୍ତି ଲୋଭରେ ଆଣି ଦେହ ବେପାରରେ ଲଗାଇଥିଲେ**

ନାବାଳିକାର ଘର ବାଂଲାଦେଶ ହୋଇଥିବା ବେଳେ ଦଲାଲ ତାକୁ ଚାକିରି ଲୋଭରେ କଟକ ଆଣିଥିଲା । ଏଠାରେ ରଖିବା ମଧ୍ୟରେ ସେକ୍ସ ରାକେଟରେ ନିୟୋଜିତ କରି ଦଲାଲମାନେ ମୋଟା ଅଙ୍କର ଟଙ୍କା କମାଉଥିଲେ ବୋଲି ଜଣାପଡ଼ିଥିଲା । ମଧୁପାଟଣା ଥାନା ପୁଲିସ କେସ୍ ନଂ ୩୦୭/୨୪ ରେ ମାମଲା ରୁଜୁ କରିଥିଲା । ଏହି ଘଟଣାରେ କମିସନରେଟ ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କମିସନରେଟ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା ।

ତେବେ ଏହି କାରବାର ପଛରେ ଅନ୍ତର୍ଜାତୀୟ ରାକେଟ କାମ କରୁଥିବା ଜାଣିବା ପରେ କମିସନରେଟ ପୁଲିସ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲା । ନାବାଳିକାଜଣଙ୍କ ବାଂଲାଦେଶୀ ଓ ଏହା ଏକ ମାନବଚାଲାଣ ମାମଲା ହୋଇଥିବାରୁ ପରବର୍ତ୍ତୀ ସମୟରେ ଏନ୍ଆଇଏ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା । ଏନ୍ଆଇଏ ତଦନ୍ତ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଓ ଆର୍ଥିକ କାରବାର ଖୋଳତାଡ଼ କରିବା ପରେ ଆଉ ଦୁଇ ଜଣଙ୍କ ସଂପୃକ୍ତି ମିଳିଥିଲା । ଏନ୍ଆଇଏ ଆହୁରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଦୁର୍ବଳ ଆର୍ଥିକ ସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନାବାଳିକାକୁ ଚାକିରି ଆଳରେ କଟକ ନେଇ ଆସିଥିଲେ । ଏଠାରେ ନାବାଳିକାକୁ ରଖି ସେକ୍ସ ରାକେଟରେ ନିୟୋଜିତ କରିଥିଲେ ବୋଲି ଏନ୍ଆଇଏ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା । କମିସନରେଟ ପୁଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଏନ୍ଆଇଏ । ପୋକ୍ସୋ ଆକ୍ଟ ୨୦୧୨ ଓ ମାନବ ଚାଲାଣ ଆଇନ ୧୯୫୬ ଆଧାରରେ ଭୁବନେଶ୍ୱରସ୍ଥିତ ଏନ୍ଆଇଏର ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଛି ଚାର୍ଜସିଟ୍ । ଘଟଣାର ଅଧିକ ତଦନ୍ତ ମଧ୍ୟ ଜାରି ରହିଥିବା ଏନ୍ଆଇଏ ପକ୍ଷରୁ କୁହାଯାଇଛି ।

**■ ଆଇନଜୀବୀ ପୀତବାସ ହତ୍ୟା ମାମଲା**

## ମଦନ ଦଲେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ଆବେଦନ

ବ୍ରହ୍ମପୁର, ୧୮ ।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଲେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ତାଙ୍କ ଓକିଲ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି । ସମ୍ବିଧାନର ଧାରା ୨୧ ଓ ୨୨ ଅନୁଯାୟୀ ମଦନ ଦଲେଇଙ୍କ ନାମରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ୧୬୧ରେ ରେକର୍ଡ ହୋଇଥିବା ବୟାନରେ ମଧ୍ୟ ତାଙ୍କ ନାମ ନଥିବା ଦର୍ଶାଇଛନ୍ତି ତାଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ । ସେହିଭଳି ଭାରତୀୟ ନ୍ୟାୟ

**ପିଟିସନ ଉପରେ ଶୁଣାଣି ସହ ରାୟ ପ୍ରକାଶ ଆଜି**

ସଂହିତାର ଧାରା ୪୭ ଓ ୪୮ ପ୍ରକାରେ ମଧ୍ୟ ପୁଲିସ ମଦନଙ୍କୁ ଗିରଫ ସମୟରେ କୌଣସି ଉଚିତ ତଥ୍ୟ ଓ କାରଣ ଉପସ୍ଥାପନ କରିନଥିବା ସେ ତାଙ୍କ ପିଟିସନ୍‌ରେ ଦର୍ଶାଇଛନ୍ତି । ଏହି ପିଟିସନ୍ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ ହୋଇଥିବା ବେଳେ ଶୁଣାଣି ପାଇଁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ । ଫଳରେ ଏହି ପିଟିସନ୍ ଉପରେ ଆସନ୍ତା ବୁଧବାର ୧୯ ତାରିଖରେ ଶୁଣାଣି ସହ ରାୟ ପ୍ରକାଶ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଆଇନଜୀବୀ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି । ଅନୁରୂପ ଏକ ପିଟିସନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ମଧ୍ୟ ପୂର୍ବରୁ ଦାଖଲ ହୋଇଥିବା ବେଳେ କୋର୍ଟ ତାହାକୁ ନିଜର କ୍ଷମତା ବାହାରେ ଦର୍ଶାଇ ଖାରଜ କରିଥିଲେ । ବର୍ତ୍ତମାନ ଏହି ପିଟିସନର ଶୁଣାଣି ପରେ କି ରାୟ ଆସୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର ।

## ଝାରସୁଗୁଡ଼ାରୁ ଧରା ହେଲେ ୧୨ ସାଇବର୍ ଠକ

ଝାରସୁଗୁଡ଼ା, ୧୮ ।୧୧(ସମିସ): ଝାରସୁଗୁଡ଼ା ପୁଲିସ ଆଜି ଏକ ସାଇବର୍ ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ୧୨ ସଦସ୍ୟଙ୍କୁ ଗିରଫ କରିଛି । ସେମାନେ ହେଲେ, ଝାରସୁଗୁଡ଼ାର ସୋନୁ ମଣ୍ଡଳ ଓରଫ୍ ଟିଙ୍ଗା (୨୩), ଶୁଭମ ପ୍ରସାଦ (୨୧), ଶିଭମ୍ ସାହୁ (୨୦), ଅଭୟ ଘୋଷ (୨୦), ସମୀର ସୁନା ଓରଫ ମନୁ

**୬୧ଟି ପାସ୍‌ବୁକ, ୪୧ଟି ଏଟିଏମ୍, ୯୦ଟି ମୋବାଇଲ ଫୋନ ଜବତ**

(୨୦), ଏମ୍. ଜଗଦୀଶ୍ୱର ରାଓ ଓରଫ୍ ଚିଣ୍ଟୁ(୧୯), ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ (୨୪), ନରେଶ ବାଗ ଓରଫ୍ ବାବୁ(୨୫), ଧୀରଜ ଗରଡ଼ିଆ (୧୯), ରାଉରକେଲାର ଅଭିରାଜ ଶାହ (୨୬) । ଏମାନଙ୍କ ସହ ଆଉ ୨ଜଣ ନାବାଳକ ମଧ୍ୟ ଗିରଫ ହୋଇଛନ୍ତି । ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୬୧ଟି ପାସବୁକ୍, ୪୧ଟି ଏଟିଏମ୍ କାର୍ଡ, ୯୦ଟି ମୋବାଇଲ, ଗୋଟିଏ କାର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି । ଝାରସୁଗୁଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି । ଘଟଣାର ଅଧିକ ତଦନ୍ତ ଚାଲିଛି, ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି କହିଛନ୍ତି ।




ସୂଚନାନୁଯାୟୀ, ଗେମିଂରୁ ରୋଜଗାର କରିବାକୁ କହି ଏମାନେ ଲୋକଙ୍କୁ ଚୂନ ମାରୁଥିଲେ । ଗରିବ, ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ । ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ନୂଆ ସିମ୍‌କାର୍ଡ ଆକ୍ଟିଭ୍ କରୁଥିଲେ । ଏଥିପାଇଁ ସେମାନେ ୫ହଜାର ଟଙ୍କା ଲୋଭ ଦେଖାଉଥିଲେ । ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସେମାନେ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ବସିଥିବା ସାଇବର୍ ଠକଙ୍କୁ ବିକିଦେଉଥିଲେ । ସାଇବର୍ ଠକମାନେ ଉକ୍ତ ସିମ୍ ଓ ଆକାଉଣ୍ଟ ବ୍ୟବହାର କରି ବଡ଼ ବଡ଼ ସାଇବର୍ ଅପରାଧ ଭିଆଉଥିଲେ । ଖାଲି ସେତିକି ନୁହେଁ, ସାଇବର୍ ଠକେଇରୁ ଉକ୍ତ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ମଧ୍ୟ ଏମାନେ ଉଠାଣ କରି ଠକଙ୍କ ଅନ୍ୟ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ । ଏମାନଙ୍କର ଲିଙ୍କ୍ ସାଇବର୍ ଠକଙ୍କ ହେଡ୍‌କ୍ୱାର୍ଟର୍ କୁହାଯାଉଥିବା ଝାଡ଼ଖଣ୍ଡ ଜାମତରା ସହ ଥିବା ପୁଲିସ କହିଛି । ସେହିପରି ବିହାର ଓ ରାଜସ୍ଥାନକୁ ମଧ୍ୟ ଏହି ସାଇବର ଠକେଇର ଚେର ଲମ୍ବିଛି । ଏକ ଚୋରି ମାମଲାର ତଦନ୍ତ ବେଳେ ମିଳିଥିବା ସୂତ୍ର ଆଧାରରେ ପୁଲିସ୍ ଏହି ଠକଙ୍କୁ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି ।

## ପୁଣି ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ!

ରେଢ଼ାଖୋଲ,୧୮ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ବାହାଲ ରେଞ୍ଜ ଅଧୀନ ବଡ଼କୁଡ଼ାଗ୍ରାମ ନିକଟସ୍ଥ ପାଳଦର ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରିଛି ବନ ବିଭାଗ । ଖବର ପାଇ ଘଟଣାସ୍ଥଳରେ ରେଢ଼ାଖୋଲ ଡିଏଫ୍‌ଓ, ସମ୍ବଲପୁର ଆରସିସିଏଫ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ, ଗତ କିଛି ଦିନ ହେବ, ରେଢ଼ାଖୋଲ ବନଖଣ୍ଡ ବିଭିନ୍ନ ଅଞ୍ଚଳ ଚାଷ ଜମିଗୁଡ଼ିକରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି । ହାତୀଟିର କିପରି ମୃତ୍ୟୁ ହେଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ବାର୍ହା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।


**AFFIDAVIT**

**I, Shreemati Ojha,** W/o.: Jitu Ojha, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6015, sworn before Executive Magistrate, Angul on Dt.17.11.2025 that from now onwards my daughters name Sonalika Ojha will be known as **Muni Ojha** for all future legal purposes.

**AFFIDAVIT**

I, **Jaiga Sahu,** W/o.: Brahmananda Sahu, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6016, sworn before Executive Magistrate, Angul on Dt.17.11.2025 that from now onwards my daughters name Pragyanparamita Sahoo will be known as **Prajna Paramita Sahu** for all future legal purposes.

**NAME CHANGE**

By virtue of an affidavit sworn before the Executive Magistrate, Tangi, Khordha CF.NO. 2682, dated 23/10/2025, I, **DEBDAS RAY**, S/o Bimal Ray resident of At: Gobardhanpur Colony Po: Bhusandpur, Ps - Tangi, Dist-Khordha, State- Odisha, Pin-752021 declare that I have changed my daughter's name from **KUMARI RIYA RAY** (Old Name) to **RIYA RAY** (New Name). Henceforth, she shall be known as **RIYA RAY** for all future purposes.

(Sd- **DEBDAS RAY**)

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 17/11/2025, I, Gayatri Choudhury, permanent resident of At: Bangarada, PO: Phasiguda, PS: Patapur, Dist. Ganjam, Odisha, currently residing at Plot No.1734/3740, Kalpana Flat Area, PO: BJB Nagar, PS: Laxmisagar, Bhubaneswar, Dist. Khordha, PIN: 751014, Odisha declare that I have changed the name of my daughter from Sunali Choudhury to Sonali Choudhury. Henceforth, she shall be known as Sonali Choudhury for all purposes.


## ରାଜ୍ୟରେ ହେବ ଆଉ ୪ ନୂଆ ତହସିଲ

ଭୁବନେଶ୍ୱର,୧୮ ।୧୧(ସମିସ): ରାଜ୍ୟରେ ଆଉ ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା ହେବ । ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲକୁ ବିଭକ୍ତ କରାଯାଇ ଏହି ନୂତନ ତହସିଲ୍ ସୃଷ୍ଟି କରାଯିବ । ଭୁବନେଶ୍ୱର ତହସିଲକୁ ବିଭକ୍ତ କରାଯାଇ ଆଉ ୨ ଟି ନୂଆ ତହସିଲ୍ ଖୋଲିବା ସହ କଟକ ଏବଂ ସମ୍ବଲପୁର ପାଇଁ ଆଉ ଗୋଟିଏ ଲେଖାଏଁ ନୂଆ ତହସିଲ୍ ପ୍ରତିଷ୍ଠା ହେବ । ବର୍ତ୍ତମାନ ଏହି ତହସିଲ୍‌ଗୁଡ଼ିକ ମହାନଗର ନିଗମ ଅଧିନରେ ଆସୁଛି । ମାତ୍ର ଏହି ତହସିଲ୍‌ଗୁଡ଼ିକର ଅଞ୍ଚଳ ପରିସୀମା, ଜନସଂଖ୍ୟା ଘନତ୍ୱ ବୃଦ୍ଧି ହେଉଛି । ଏଥିପାଇଁ ଅଞ୍ଚଳଗୁଡ଼ିକରେ ଜନସେବା ପ୍ରଦାନରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ଉପରୋକ୍ତ ଦିଗକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏହି ତହସିଲଗୁଡ଼ିକୁ ବିଭକ୍ତ କରି ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏହି ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇ ନୂତନ ତହସିଲ ସୃଷ୍ଟି ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି । ଏଥିରେ ଉପଯୁକ୍ତ ଯଥାର୍ଥତା ସହିତ ନୂତନ ତହସିଲର ପ୍ରସ୍ତାବିତ ସ୍ଥାନ ସହିତ, ଆର୍‌ଆଇ ସର୍କଲ ଏବଂ ଗ୍ରାମଗୁଡ଼ିକର ନାମ ସେମାନଙ୍କର ସମ୍ପୃକ୍ତ ପୋଷ୍ଟ ଆଦି ବିଷୟରେ ସୂଚନା ଦେବାକୁ କୁହାଯାଇଛି । ଏହି ପ୍ରସ୍ତାବରେ ନିର୍ବାଚିତ ପ୍ରତିନିଧି ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରି ଜନସାଧାରଣଙ୍କ ପାଇଁ ଭୌଗୋଳିକ ନିକଟତା ଏବଂ ପ୍ରଶାସନିକ ସେବା ପ୍ରଦାନର ସୁବିଧାକୁ ଧ୍ୟାନ ଦେବାକୁ କୁହାଯାଇଛି । ଏହାସହିତ ପ୍ରସ୍ତାବିତ ତହସିଲ ପାଇଁ କର୍ମଚାରୀଙ୍କ ଆବଶ୍ୟକତା, ଆର୍ଥିକ ପ୍ରଭାବ ମତାମତ ସହିତ ୭ ଦିନ ମଧ୍ୟରେ ସମ୍ପୃକ୍ତ ଆରଡିସି ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିବାକୁ କୁହାଯାଇଛି । ଏହି ନିର୍ଦ୍ଦେଶନାମାକୁ ଅତ୍ୟଧିକ ଜରୁରୀ ଭାବରେ ବିବେଚନା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ସାମିଲ ହେବ ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ

ଭୁବନେଶ୍ୱର,୧୮ ।୧୧(ସମିସ): ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଘଟଣାକୁ ପ୍ରାକୃତିକ ବିପର୍ଯ୍ୟୟ ଶ୍ରେଣୀଭୁକ୍ତ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଓ ଏହାସହିତ ଯଡ଼ିତ ଅନେକ ଘଟଣାକୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇଛି । ଯଦିଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପୂର୍ବରୁ ରାଜ୍ୟ ସରକାର ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଘଟଣାରେ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରି ଆସୁଛନ୍ତି, ମାତ୍ର ଏହି ଅର୍ଥରାଶି ବନ ବିଭାଗ ପ୍ରଦାନ କରୁଛି । ତେବେ ନୂଆ ନିୟମ କାର୍ଯ୍ୟକାରୀ ହେଲେ କ୍ଷତିପୂରଣ ରାଶି ପ୍ରଦାନ ଦାୟିତ୍ୱ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନକୁ ଟିବ ଏବଂ ଅର୍ଥରାଶି ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ପ୍ରଦାନ କରାଯିବ ।

ଅନ୍ୟପଟେ ରାଜ୍ୟରେ ବହୁ ପୂର୍ବରୁ ସାପ କାମୁଡ଼ା ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ ଏ ବାବଦକୁ ମୃତକଙ୍କ ପରିବାରକୁ କେବଳ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । ଏହାକୁ ନେଇ ବହୁ ଦିନରୁ ସରକାରୀ ବ୍ୟବସ୍ଥା ଓ ସାମାଜିକ କର୍ମୀଙ୍କ ମଧ୍ୟରେ ବିବାଦ ଆରମ୍ଭ ଲାଗି ରହିଛି । କାରଣ ବନ୍ୟପ୍ରାଣୀ ଆକ୍ରମଣରେ

- **■ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ ନିର୍ଦ୍ଦେଶ**
- **■ ସାପ କାମୁଡ଼ା ଜନିତ ମୃତ୍ୟୁ ଅନୁକମ୍ପା ରାଶିକୁ ନେଇ ଦ୍ୱନ୍ଦ୍ୱ**
- **■ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଅର୍ଥରାଶି ବଢ଼ିବ କି ନାହିଁ ପ୍ରଶ୍ନ**
- **■ ରାଜ୍ୟରେ ସାପକାମୁଡ଼ାରେ ବାର୍ଷିକ ଯାଉଛି ହଜାରେ ଜୀବନ**

ମଣିଷ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳୁଥିବା ବେଳେ ସାପ କାମୁଡ଼ା ମୃତ୍ୟୁ କ୍ଷେତ୍ରରେ ଏହି ରାଶି ୪ ଲକ୍ଷରେ ସୀମିତ ରହିଛି । ଭାରତୀୟ ବନ୍ୟ ପ୍ରାଣୀ ଆଇନ୍‌ରେ ମଣିଷକୁ ମାରିବା ଭଳି କ୍ଷମତା ରଖିଥିବା ସବୁ ସାପ ସିଡ୍ୟୁଲ୍ ୧ ଏବଂ ୨ ତାଲିକା ଅନ୍ତର୍ଭୁକ୍ତ ରହିଛନ୍ତି । ବିଷଧର ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ସିଡ୍ୟୁଲ୍-୧ ସାପ ଭାବେ ଗଣାଯାଉଥିବା ବେଳେ ସିଡିଲ୍ୟୁ-୧ ତାଲିକାରେ ହାତୀ, ବାଘ, କୁମ୍ଭୀର ମଧ୍ୟ ରହିଛନ୍ତି । ସେହିପରି ଚିତି, ରଣା, ଧୂଳିଆ ବୋଡ଼ା ଆଦି ସାପ ସିଡ୍ୟୁଲ-୨ରେ ରହିଥିବା ବେଳେ ହାତୀ, ବାଘ, ଭାଲୁ, କୁମ୍ଭୀର ଆଦିଙ୍କ ଭଳି ଏହି ସାପମାନେ ମଧ୍ୟ ମଣିଷଙ୍କ ଜୀବନ ନେବାର କ୍ଷମତା ରଖିଛନ୍ତି । ତେଣୁ ସାପ କାମୁଡାରେ କାହାରି ମୃତ୍ୟୁ ହେଲେ ମଧ୍ୟ ସମାନ ଭାବରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇ ଆସୁଛି । ଏଦୃଷ୍ଟିରୁ ସୁପ୍ରିମକୋର୍ଟଙ୍କ ଏହି ନୂତନ ନିର୍ଦ୍ଦେଶନାମା ଏହି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।

ରାଜ୍ୟରେ ବର୍ତ୍ତମାନ ବାର୍ଷିକ ହାରାହାରି ୧ ହଜାର ଲୋକ ସାପ କାମୁଡ଼ା ଜନିତ କାରଣ ପାଇଁ ମୃତ୍ୟୁମୁଖରେ ପଡୁଥିବା ବେଳେ ବନ୍ୟପ୍ରାଣୀ ଆକ୍ରମଣରେ ୧୩୦-୧୪୦ ଜଣଙ୍କ ଜୀବନ ଯାଉଛି । ତେଣୁ ଏହି ମୃତ୍ୟୁ ହ୍ରାସ ପାଇଁ ଅନୁକମ୍ପାମୂଳକ ରାଶି ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାର ଚିକିତ୍ସା ବ୍ୟବସ୍ଥାରେ ସଂସ୍କାର ଆଣିବା ଅଧିକ ଗୁରୁତ୍ୱ ସାଜିଛି । ତେଣୁ ସାପ କାମୁଡିବାର ପ୍ରଥମ ୫ ଦିନ ସରକାରୀ/ଘରୋଇ ସବୁ ଡାକ୍ତରଖାନାରେ ଚିକିତ୍ସା ମାଗଣା ପାଇଁ ମଧ୍ୟ ଦାବି ହୋଇ ଆସୁଛି । ମୁଖ୍ୟତଃ ଗାଁ ଗଣ୍ଡାରେ ଗୁଣିଆ ବ୍ୟବସ୍ଥାରେ ରୋକ୍ ଲଗାଇବା ଓ 'ଗୋଲ୍ଡେନ୍ ଆୱାର'ରେ ସାପକାମୁଡ଼ା ରୋଗୀ ହସ୍ପିଟାଲରେ ପହଞ୍ଚିପାରିଲେ ଏହି ସଂଖ୍ୟାକୁ ଯଥେଷ୍ଟ କମାଇ ଦିଆଯାଇପାରନ୍ତା । ଏହା ବ୍ୟତୀତ ସାପ କାମୁଡ଼ା ରୋଗୀଙ୍କ ପାଇଁ ଆଇସିୟୁ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଆଇସିୟୁର ଅଭାବକୁ ଭରଣା କରିବା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକରେ ଏଥିପାଇଁ ମାଗଣା ଚିକିତ୍ସା ଯୋଗାଇ ଦେଲେ ମଧ୍ୟ ଏହି ମୃତ୍ୟୁ ରୋକିବାରେ ବଡ଼ ସହାୟକ ହୋଇପାରନ୍ତା ବୋଲି ସ୍ନେକ୍ ହେଲ୍‌ପଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ।


**AFFIDAVIT**

I, Sushant Ranjan Chaini, S/o- Sudarshan Chaini, Resident of Plot No-54/1490, Flat No-207, Dream Avenue Apartment, Bhagabanpur, Patrapada, Bhubaneswar, Dist-Khurda, Odisha, Pin-752104 declare by this affidavit No. 949, dated-18/11/2025 that now onwards I shall be known as **SUSANTA RANJAN CHAINI** for all future purposes.

**AFFIDAVIT**

I, PURANDARA SAHU, aged about 42 years, S/o-Sidheswar Sahu, Resident of Vill: Majhipada, PO: Sonapur, Biramaharajpur, Dist.: Sonapur, Odisha, PIN-767017 declared by this Affidavit No.: 1484/2025, Dated: 18.11.2025. That now onwards I shall be known as **PURANDAR SAHU** for all future Purposes.

**AFFIDAVIT**

By virtue of an affidavit sworn before Executive Magistrate, Aska vide no.-1672 dtd.14.11. 2025 I, Rabindra Nahak, S/o-Late Nilamani Nahak resident of Vill./Po.- Baragan, Ps.- Koti-nada, Dist.- Ganjam, Odisha, Pin- 761111 state that, in my Aadhaar Card my name has been mentioned as Rabindra Nahak. In my passport my name has been mentioned as Rabindra Kumar Nahak. That **Rabindra Nahak** and **Rabindra Kumar Nahak** is one and same person.i.e. myself.

**AFFIDAVIT**

By virtue of an affidavit before the Notary Public, Titilagarh, on dated-16/11/2025. I, **Pramodini Naik** (applicant name), W/o Surendra Kumar Naik, permanent resident of AT- Bohidarpada W.N. 15, PO-Titilagarh, PS- Titilagarh, Dist-Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shennhamai Naik** (old name) to **Sneha Mayee Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sneha Mayee Naik** (new name) for all future purposes.

**Pramodini Naik**

**AFFIDAVIT (for Minor)**

By virtue of an affidavit sworn before Executive Magistrate, Banpur, vide No.- 4176, dated 14/11/2025 I, Buti Jani, aged about 44 years, Address W/o-Biranchi Jani, At- Baguda, Po.-Damiabarabara, Ps.- Banpur, Dist.- Khordha, Odisha, Pin-752035 declare that, I have changed the name of my son from **Rajendra Jani** to **Rajesh Jani**. Henceforth, he shall be known as **Rajesh Jani** for all purposes.

Rajesh Jani

**AFFIDAVIT**

I, Swetapadma Patnaik, aged about 46 years, W/o-shivnarayan Pattanaik, resident of At- Plot No-379, Cuttack Road, Bomikhal, Budheswari, Ps-Laxmisagar, Bhubaneswar, Dist- Khurda, Odisha, Pin-751006 declare by this affidavit No. 2252, dtd-16/11/2025, that now onwards I shall be known as **SWETAPADMA PATTNAIK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Athagarh on dated, 27.10.2025, I Gobinda Sundi, resident of vill- Orda ( Gobara), Po- Gobara , Ps- Gurudijhatia Dist- Cuttack, Odisha, PIN-754028 declare that I have changed my name from Gobind Sundi to Gobinda Sundi . Henceforth, I shall be known as **GOBINDA SUNDI** for all purposes.

**AFFIDAVIT**

By virtue of an affidavit (CF No.02, dtd- 18/11/2025) sworn before the Executive Magistrate, Padampur. I, **Brundabana Rana,** S/o Shashikanta Rana, resident of At- Padampur (Kapsila), Po-Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Brundaban Rana** (old name) to **Brundabana Rana** (new name). Henceforth, I shall be known as **Brundabana Rana** (new name) for all purposes.

**Brundabana Rana**

**AFFIDAVIT**

Bikash kumar Agarwalla, S/O-Late Nanda kishore Agarwalla, Resident of ward no-2 Babusahi, po- Babusahi, ps-Baripada Town, Dist - Mayurbhanj -757001 Odisha, declared by this affidavit no-242,Dated-17/11/2025 that now onwards I shall be known as **BIKASH AGARWAL** for all future purpose.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୁଆରେ ହାରିଲେ...

କରିଥିଲେ ବୋଲି ମହିଳା ଅଭିଯୋଗ କରିଛନ୍ତି । ଯୌତୁକ ଆଣି ନଥିବାରୁ ଶଶୁର ବାରମ୍ବାର ଦୁଷ୍କର୍ମ କରୁଥିଲେ ବୋଲି ମହିଳା ଜଣକ ଥାନରେ ଅଭିଯୋଗ କରିଛନ୍ତି । ଏହାପରେ ଗର୍ଭପାତ କରିବାକୁ ଶଶୁର ଘର ଲୋକ ବାରମ୍ବାର ଚାପ ପକାଉଥିଲେ । ତାଙ୍କ ଉପରକୁ ଏସିଡ୍ ମାଡ଼ କରି ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା । କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ମୁକୁଳି ବାପାଘରକୁ ପଳାଇ ଆସିଥିଲେ । ବାପଘର ଲୋକଙ୍କ ସହାୟତାରେ ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି । ମାମଲା ପ୍ରତ୍ୟାହାର କରିବାକୁ ଶାଶୂଘର ଲୋକେ ତାଙ୍କ ବାପାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ସେ କହିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଆନ୍ଧ୍ରରେ ହେବ...

କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି କ୍ଲଷ୍ଟରରୁ ବାର୍ଷିକ ୧୦୦୦ଟି ପରବର୍ତ୍ତୀ ପିଢ଼ିର ବିମାନ ଉତ୍ପାଦନ କରାଯାଇପାରିବ । ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ । ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ । ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ । ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ । ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାକ୍ଟି ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ । ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ ।

### ଏସ୍‌ସିବିରେ ଲଜ୍ଜା...

ଏତଲା ଦେଇଥିଲେ । ଏହାପରେ ଏସ୍‌ସିବି ପରିସରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ମାନସକୁ ଗିରଫ କରିଥିଲା । ତାକୁ ଜେରା କରିବା ସମୟରେ ସେ ପୁଲିସ ସାମ୍ନାରେ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି । ମାତ୍ରାଧିକ ମଦ୍ୟପାନ କରି ସେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଛି ବୋଲି ପୁଲିସ ସାମ୍ନାରେ କହିଛି । ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତାକୁ ଚାକିରିରୁ ବହିଷ୍କାର କରାଯିବା ପରେ ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି ।

### ଅମାନିଆ ବାବୁଙ୍କ...

ଉତ୍ତରଦାୟୀ ରହିବେ? ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି । ଏଦିଗରେ ନୟାଗଡ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଇଛନ୍ତି ? ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୯୬୦ କୋଟି ଟଙ୍କା ବରାଦ କରିଛନ୍ତି । ମାତ୍ର ଏଯାବତ୍ ଅଳ୍ପ କିଛି ବିଦ୍ୟାଳୟର ଭିତ୍ତିପ୍ରସ୍ତର ହୋଇଥିବା ବେଳେ ଯୋଜନାଟି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ । ବାବଦ ଅର୍ଥ ଆଗାମୀ ୪-୫ ମାସ ମଧ୍ୟରେ କିପରି ଖର୍ଚ୍ଚ ହେବ, ତାହା ଆମ ପାଇଁ ବଡ଼ ଆହ୍ୱାନ । ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପରି ଜନକଲ୍ୟାଣକାରୀ ଯୋଜନା ଆଜିଯାଏଁ ଆରମ୍ଭ ହୋଇପାରିଲା ନାହିଁ । ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବଜେଟ ଗୃହୀତ ହେବାକୁ ୮ ମାସ ପୂରି ସାରିଥିବା ବେଳେ ଆଉ ୪ ମାସ ପରେ ଆର୍ଥିକ ବର୍ଷ ସରିବାକୁ ଯାଉଛି । ଏଭଳି ଯୋଜନା ପାଇଁ ଯଦି ଦିଶା, ନିର୍ଦ୍ଦେଶ ପ୍ରସ୍ତୁତ ହୋଇପାରୁନାହିଁ, ତାହେଲେ ଜିଲ୍ଲାପାଳ ଏହାକୁ କିପରି କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି ।

ଏହା ସହ ସରକାରୀ ଯୋଜନା ଯେପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବ, ସେ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାର ସର୍ବାଧିକ ଆବଶ୍ୟକତା ଅଛି ବୋଲି ଉଲ୍ଲେଖ କରି ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୟ ଅନୁସାରେ ସମୀକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପୁନଶ୍ଚ ନିଜ ଅଭିଭାଷଣରେ ମାର୍ଚ୍ଚ ସିଣ୍ଡ୍ରୋମ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି ଯେ ମାର୍ଚ୍ଚ ମାସ ସିଣ୍ଡ୍ରୋମର ଅର୍ଥ ହେଉଛି ବର୍ଷ ସାରା କାମକୁ କଚ୍ଛପ ଗତିରେ ଚଲାଇବା ଏବଂ ମାର୍ଚ୍ଚ ମାସକୁ ଲକ୍ଷ୍ୟ ରଖି ନଭେମ୍ବର-ଡିସେମ୍ବରରୁ କାର୍ଯ୍ୟ ବେଗ ବଢ଼ାଇବା । ଏହି ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାକୁ ଚେଷ୍ଟା କରାଯାଏ । ମାତ୍ର ଏହା ସମ୍ଭବ ପର ହୋଇପାରୁ ନାହିଁ । ଏହାଦ୍ୱାରା କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି । ଏମିତି କଲେ ଆମେ ଆମ ଲକ୍ଷ୍ୟ ୨୦୩୬ ପ୍ରାପ୍ତ କରିପାରିବା ନାହିଁ । ଏହାକୁ ଆଗାମୀ ଦିନରେ ବନ୍ଦ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେହିପରି ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟନ୍ୱୟନରେ ଜିଲ୍ଲା ଜିଲ୍ଲା ମଧ୍ୟରେ ବହୁ ପାର୍ଥକ୍ୟ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କୁକୁଡା ପାଳନ ଯୋଜନା ୩୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ମାତ୍ର କେଉଁଠି ଯୋଜନା ୮୦ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବେଳେ କେଉଁ ଜିଲ୍ଲାରେ ୨୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି । ତେଣୁ ଅଧିକାରୀମାନେ ଏନେଇ ଉତ୍ତରଦାୟିତ୍ୱ ନିଅନ୍ତୁ । ତୃଣମୂଳସ୍ତରକୁ ନିୟମିତ ଗସ୍ତ କରି ଯୋଜନାର କାର୍ଯ୍ୟନ୍ୱୟନରେ ଆଉଟଷ୍ଟାଣ୍ଡିଂ ସ୍ତରରେ ପହଞ୍ଚିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### କୁଖ୍ୟାତ ମାଓନେତା...

ନିପାତ କରିବା ପାଇଁ ସୁରକ୍ଷାବାହିନୀକୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ । ଏହା ପରେ ଆନ୍ଧ୍ର, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମା ସ୍ଥିତ ମରେଡିମିଲ୍ଲିର ଘନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ମାତ୍ର କଣ୍ଟ ସରିବାର ୧୨ ଦିନ ପୂର୍ବରୁ ସୁରକ୍ଷାବାହିନୀକୁ ଏହି ସଫଳତା ମିଳିଛି । ଗତ ୨ ଦଶନ୍ଧି ମଧ୍ୟରେ ହିଡ଼ମା ଜଙ୍ଗଲରେ ରହି ସୁରକ୍ଷାବାହିନୀ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିଲା । ସେ ୨୬ରୁ ଅଧିକ ବଡ଼ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା । ଏଗୁଡ଼ିକ ମଧ୍ୟରେ ୨୦୧୦ ଦାନ୍ତେୱାଡ଼ା ଆକ୍ରମଣ ସାମିଲ ଥିଲେ । ଏଥିରେ ୭୬ ସିଆରପିଏଫ ଯବାନ ପ୍ରାଣ ହରାଇଥିଲେ । ଏହା ବ୍ୟତୀତ ୨୦୧୩ର ଝିରମ ଘାଟୀରେ ଚାରିପଟୁ ଘେରି ଆକ୍ରମଣ କରାଯାଇଥିଲା । ଏହି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା । ୨୦୨୧ରେ ସୁକମା-ବିଜାପୁରରେ ମଧ୍ୟ ଏଭଳି ଆକ୍ରମଣ କରାଯାଇ ୨୧ ଯବାନଙ୍କୁ ହତ୍ୟା କରାଯାଇଥିଲା । ହିଡ଼ମାକୁ ମାରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନରେ ସୁରକ୍ଷାବାହିନୀ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି । ୧୯୮୧ରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମିତ ହିଡ଼ମା ପିପୁଲ୍ସ ଲିବରେସନ ଗରିଲା ଆର୍ମୀର ନେତୃତ୍ୱ ନେଉଥିଲା । ସେ ସିପିଆଇ ମାଓବାଦୀର ପ୍ରମୁଖ ନିଷ୍ପତ୍ତି ନେଉଥିବା ସଂଗଠନ କେନ୍ଦ୍ରୀୟ କମିଟିରେ ମଧ୍ୟ ସାମିଲ ହୋଇଥିଲା । ସେ ଏହି ସଂଗଠନର ସବୁଠାରୁ ଯୁବ ଏବଂ ବସ୍ତର କ୍ଷେତ୍ରର ଏକମାତ୍ର ସଦସ୍ୟ ଥିଲା । ହିଡ଼ମା ମୁଣ୍ଡ ଉପରେ ୫୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ହିଡ଼ମାର ହତ୍ୟା ମାଓବାଦୀ ସଂଗଠନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇପାରେ । ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିବା ମାଓବାଦୀଙ୍କ ନିମନ୍ତେ ଆତ୍ମସମର୍ପଣ ବ୍ୟତୀତ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି । ପୂର୍ବରୁ ମଧ୍ୟ ଅନେକ ସଦସ୍ୟ ଆତ୍ମସମର୍ପଣ କରି ମୁଖ୍ୟ ଧାରାକୁ ଫେରିଛନ୍ତି ।

### ଶୀତରେ ଥରୁଛି...

ପୂର୍ବାନୁମାନ କରିଛି । ଗତ ୨୪ଘଣ୍ଟାରେ ରାଜ୍ୟରେ ଘ୍ର.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି । ଏଠାରେ ତାପମାତ୍ରା ୫.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡ଼ାରେ ୭.୭, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୮, ଅନୁଗୁଳରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି ।

## ଜଳେଶ୍ୱରବାସୀଙ୍କୁ ଦଇବ ସାହା

# ବାଲି ମାଫିଆଙ୍କ ଦୌରାତ୍ମ୍ୟ; ଆତଙ୍କିତ ନଦୀକୂଳବାସୀ

ଜଳେଶ୍ୱର ବ୍ଲକ, ୧୮।୧୧ (ସମିସ)



ଜଳେଶ୍ୱର ଅଞ୍ଚଳବାସୀଙ୍କୁ ଦଇବ ସାହା ନ ହେଲେ ଆସନ୍ତା ବର୍ଷକୁ ବନ୍ୟା ଦାଉରୁ କେହି ବି ବଞ୍ଚାଇ ପାରିବେ ନାହିଁ ବୋଲି ଜଳେଶ୍ୱର ନଦୀକୂଳରେ ବସବାସ କରୁଥିବା ଅଞ୍ଚଳବାସୀ ଅତି ଭୟ ଓ ଆତଙ୍କର ସହିତ ପ୍ରକାଶ କରିଛନ୍ତି। ଗତ ବର୍ଷ ଠାରୁ ଚଳିତ ବର୍ଷ ଅଧିକ ବାଲି ମାଫିଆ ମାନେ ସକ୍ରୀୟ ହୋଇ ବିଭିନ୍ନ ଜାଗାରେ ନଦୀବନ୍ଧ କାଟିବା ସହିତ ସହର ନିକଟ ରିଂ ରୋଡକୁ ନଷ୍ଟ କରିଚାଲିଛନ୍ତି। ପ୍ରତିଦିନ ଶହଶହ ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଓ ଡମ୍ପର ସାହାଯ୍ୟରେ ବାଲି ପରିବହନ ହେଉଛି। ନଦୀକୂଳ ବାସୀ ମାଇନିଂ ବିଭାଗ, ତହସିଲଦାର, ପୋଲିସ ଏପରିକି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଫଳରେ ବାଲି ମାଫିଆଙ୍କ ସାହସ ସତଗୁଣ ବଢ଼ିଯାଇଛି।

ଜଳେଶ୍ୱର ବ୍ଲକର ପ୍ରହରାଜପୁର, ଗୁଆଗଡିଆ ଠାରୁ ମାଳିଡିଆ ପର୍ଯ୍ୟନ୍ତ ଓ ଲକ୍ଷ୍ମଣନାଥ, ବିରେଶପୁର ଏବଂ ଜଳେଶ୍ୱର ପୌରାଂଚଳର ପାଞ୍ଚୁଘୁଣ୍ଟା, ପୀରଘାଟ ଠାରେ ପ୍ରତିଦିନ ଚାଲି ଉତ୍ତୋଳନ ଚାଲିଛି। ସହରର ବିଭିନ୍ନ ରାସ୍ତାକଡରେ ବାଲି ଗଚ୍ଛିତ କରାଯାଇଛି। ବର୍ତମାନ ପରିସ୍ଥିତ ଏପରି ହୋଇଛି ବାଲି ଉତ୍ତୋଳନଜାରୀଙ୍କ ସହିତ ତହସିଲ କର୍ମଚାରୀ, ପୁଲିସ, ମାଇନିଂ ଅଧିକାରମାନଙ୍କ ସହିତ କିଛି ନକଲି ଗଣମାଧ୍ୟମ ପ୍ରତିନିଧି ମିଳିତ ରହିଥିବାରୁ ଜନସାଧାରଣଙ୍କ ଅଭିଯୋଗ କୌଣସି ବିଭାଗ ଶୁଣୁନାହାନ୍ତି। ଏପରିକି ଜଲ୍ଲାପାଳଙ୍କୁ ଜଣାଇଲେ ମଧ କୌଣସୀ ପଦକ୍ଷେପ ନେଉ ନଥିବା ଗ୍ରାମବାସୀ ଜଣାଇଛନ୍ତି। ନଦୀକୂଳ ବାସୀ ବାଲି ମାଫିଆଙ୍କ ଡରରେ ପରିବାର ସହିତ ଦିନ କଟାଇଛନ୍ତି। ମାଫିଆ ମାନଙ୍କ ବିରୁଦ୍ଧରେ କେହି ସ୍ୱର ଉତ୍ତୋଳନ କଲେ ଧମକ ଦେଇ ମାରିଦେବାର ଭୟ ଦେଖାଇ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟାପାଣି ଆସିଥିଲେ ମଧ ମଜବୁତ ବନ୍ଧ ଓ ରିଙ୍ଗ ରୋଡ ପାଇଁ ପଂଚାୟତର ଗ୍ରାମ ଗୁଡିକ ଓ ଜଳେଶ୍ୱର ସହର ବାସୀ ବର୍ତ୍ତି ଯାଇଥିଲେ। ମାତ୍ର ଚଳିତବର୍ଷ ଯେପରି ଭାବେ ନଦୀ ଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ କରାଯିବା ସହିତ ନଦୀର ବନ୍ଧ ଓ ରିଙ୍ଗ ରୋଡକୁ ନଷ୍ଟ କରାଯାଇଛି ଆଗାମୀ ବର୍ଷ ପାଇଁ ମହାପ୍ରଳୟ ନିଶ୍ଚିତ ବୋଲି ନଦୀକୂଳ ବାସୀ ଚିନ୍ତା ପ୍ରକଟ କରିଛନ୍ତି।

# ଜଳେଶ୍ୱରରେ ବାଂଲାଦେଶୀ ଚିହ୍ନଟ ଦାବି

ଜଳେଶ୍ୱର ବ୍ଲକ, ୧୮।୧୧(ସମିସ): ଜଳେଶ୍ୱର ସହରଟି ପଡୋ଼ଶୀ ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବାରୁ ବାଂଲାଦେଶୀମାନଙ୍କ ଅନୁପ୍ରବେଶ ବଢ଼ି ଚାଲିଛି। ବର୍ତ୍ତମାନ ସମଗ୍ର ଦେଶରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଏସ. ଆଇ. ଆର ଲାଗୁ କରାଯାଇଛି। ଓଡ଼ିଶାର ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗରେ ଏହି ନିୟମ କାର୍ଯ୍ୟକାରୀ ହେଉଅଛି। ତେଣୁ ବହୁ ସଂଖ୍ୟକ ବାଂଲାଦେଶୀ ସୀମାନ୍ତ ଜଳେଶ୍ୱର ସହରର ବିଭିନ୍ନ ଜାଗା ମାନଙ୍କରେ ବସବାସ କରିବାକୁ ଲାଗିଲେଣି। ସୁବର୍ଣ୍ଣରେଖା ନଦୀ କୂଳେ କୂଳେ ଥିବା ବସ୍ତି ଅଞ୍ଚଳରେ ସରକାରୀ ଜମି କିମ୍ବା ଖାଲି ଜାଗାରେ ଥଇଥାନ ହେବାରେ ଲାଗିଛନ୍ତି। ସରକାରୀ ପ୍ରଶାସନିକ ସ୍ତରରେ ଏସବୁ ପ୍ରତି ଉଦାସୀନତା ଦିନେ ସମସ୍ତଙ୍କ ପାଇଁ ବିପଦ ଆଣିପାରେ। ଜଳେଶ୍ୱର ସହର ଓ ତାର ଆଖ ପାଖ ଗ୍ରାମାଞ୍ଚଳ ରେ ପ୍ରତିଦିନ ଘୁରି ବୁଲୁଥିବା ଛୋଟ ଛୋଟ ବୁଲା ବିକାଳୀ ଫେରିବାଲା ରୂପରେ ବ୍ୟବସାୟ କରି ଜୀବିକା ନିର୍ବାହ କରିବା ସହିତ ନିଜ ନିଜର ଥଇଥାନ ସୁଦୃଢ଼ କରିବାରେ ଲାଗିଛନ୍ତି। ବର୍ଷ ବର୍ଷ ଧରି ରାସ୍ତାକଡ ଓ ନଦୀ କୂଳ ସରକାରୀ ଜାଗାକୁ ଦଖଲ କରି ଏମାନଙ୍କର ବସ୍ତି ଗଢିଉଠିଛି। ଅଧିକାଂଶ ରାଜମିସ୍ତ୍ରୀ ଓ ମଜୁରୀ କାର୍ଯ୍ୟ କରୁଥିବା ବାଂଲାଦେଶୀ ସହରରେ ଧୀରେ ଧୀରେ ନିଜରପରିଚୟ ସୃଷ୍ଟି କରି ସାରିଲେଣି ଅନେକ ସମୟରେ ଦେଖିବାକୁ ମିଳିଛି। ବିଭିନ୍ନ ରାଜନୈତିକ ଦଳର ନେତାମାନେ ଭୋଟ ଲୋଭରେ ଏମାନଙ୍କୁ ଆଶ୍ରୟ ଦେଇ ସରକାରୀ ପରିଚୟ ପ୍ରଦାନ କରାଇଦେବା ସହିତ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ତେଣୁ ପ୍ରଶାସନିକ ସ୍ତରରେ ଏହି ଦିଗପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ ବିଜ୍ଞାନମେଳା

# ଦେବାଂଶଙ୍କ ପରିବେଶ ପ୍ରଦୂଷଣ ପ୍ରକଳ୍ପ ପ୍ରଥମ

ଲଙ୍ଗଳେଶ୍ୱର, ୧୮।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ରାଜ୍ୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ମେଳାରେ ଭାଗନେଇଥିଲେ। ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ଦେବାଂଶ ବେହେରା ଶିଶୁ ବିଭାଗର ପରିବେଶ ପ୍ରଦୂଷଣ ପ୍ରକଳ୍ପରେ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କିଶୋର ବିଭାଗର ଛାତ୍ରୀ ରଶ୍ମିତା ପ୍ରଧାନ ନିରାପଦ ଗୃହ ପ୍ରକଳ୍ପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପାଇଁ ସୋମବାର ପୂର୍ବାହ୍ନରେ ଏକ ସଭାର ଆୟୋଜନ କରାଯାଇଥିଲା। ଦେବାଂଶ ଶିକ୍ଷକ ସୁବାଷ



ବେହେରା ଓ ସଞ୍ଜିତା ମହାନ୍ତିଙ୍କର ପୁତ୍ର ଅଟନ୍ତି। ରଶ୍ମିତା ବାପା ରାଧା ଗୋବିନ୍ଦ ପ୍ରଧାନ ଏବଂ ମା ସୁଭଦ୍ରା ପ୍ରଧାନଙ୍କ ଝିଅ। ବିଦ୍ୟାଳୟର ସମ୍ପାଦକ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସ୍ଥାୟୀ ସଭାପତି ପ୍ରମଥ କୁମାର ଜେନା ଅଧ୍ୟକ୍ଷତାରେ ଅତିଥି ଭାବେ ବିଦ୍ୟାଳୟର ଉପସଭାପତି ବିଜୟ କୁମାର ପାଢ଼ୀ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଅଦ୍ୱୈତ କୁମାର ପାଢ଼ୀ ଯୋଗଦେଇ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ସଫଳତା ମିଳିପାରିବ ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଜ୍ଞାନ ଗୁରୁଜୀ ଗଦାଧର ବେହେରା, ଉମାଶଙ୍କର ପଣ୍ଡା, ସାଇ ବିକାଶ ବେହେରାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

# ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆମରଣ ଅନଶନ



ବସ୍ତା ବ୍ଲକ/ରାଜଘାଟ, ୧୮।୧୧ (ସମିସ): ଇଷ୍ଟ କୋଷ୍ଟ ଏକ୍ସପ୍ରେସ, ଭୁବନେଶ୍ୱର ହାୱଡା ଜନ ଶତାବ୍ଦୀ ଏକ୍ସପ୍ରେସ, ଓଡିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ, ନୀଳାଚଳ ଏକ୍ସପ୍ରେସ, ମାଲଦା ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ, ଲେଭଲ କ୍ରସିଂର ବ୍ଲକ ରାସ୍ତାରେ ରୋଡ଼ ଓଭରବ୍ରିଜ, ବସ୍ତାକୁ ଅମୃତ ଭାରତ ଷ୍ଟେସନର ମାନ୍ୟତା, ୪ ନଂ ପ୍ଲାଟ ଫର୍ମ ସହିତ ଫୁଟ ଓଭର ବ୍ରିଜ ନିର୍ମାଣ ସମେତ ବିଭିନ୍ନ ଦାବି ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆଜି ବସ୍ତା ରେଳ ଷ୍ଟେସନ ଆଗରେ ଆମରଣ ଅନଶନ ହୋଇଛି। ଅନଶନ ସ୍ଥଳରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ଜିଲା ସଭାପତି କମଳ ଲୋଚନ ଜେନା, ଏମ୍ ଜେଡ କାଦ୍ରୀ, କୁମୁଦ ରଞ୍ଜନ ଗିରି ,ଗୌତମ ବେହେରା, ଶମ୍ଭୁନାଥ ବେହେରା, ପ୍ରଶାନ୍ତ ପାତ୍ର, ଅସିମ ଅହମଦ ସମେତ ମୋର୍ଚ୍ଚାର ନେତୃ ମଣ୍ଡଳୀ ଭାଷଣ ଦେଇ ଦାବି ଗୁଡିକ ଯଥାର୍ଥ ଦର୍ଶାଇ ଏହା ପୂରଣ ପାଇଁ ଜନମତ ସୃଷ୍ଟି କରିବା ସହିତ ରେଳ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଥିଲେ। ମୋର୍ଚ୍ଚା ଜିଲା ସଭାପତି ଜେନା, ଲିଲି ମୁଖୀ, ପଦ୍ମିନୀ ଦାସ, ପାର୍ବତୀ ରାଉତ, ମୀନା କିସ୍କୁ, ଗୁରୁବାରୀ ମୁର୍ମୁ, ଅଞ୍ଜଳୀ ରାମ, ସରସ୍ୱତୀ ପ୍ରାମାଣିକ, ଅନୁରାଧା ଗିରି, ରମଣୀ ରାମ ଆମରଣ ଅନଶନରେ ବସି ଥିବା ବେଳେ ଖବର ଲେଖା ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଳକୁ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କେହି ଆସି ନ ଥିବା ଜଣାଯାଇଛି।

# ସାରସ୍ୱତ ସାଧକ ପ୍ରହଲ୍ଲାଦ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୮ ।୧୧(ସମିସ): 'ଚନ୍ଦ୍ରଭାଗା' ଅନୁଷ୍ଠାନର ଗତ ୩୫ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପଥପ୍ରଦର୍ଶକ ତଥା ବରିଷ୍ଠ ଉପଦେଷ୍ଟା ଭାବରେ ଓଡ଼ିଶାର ସାରସ୍ୱତ ସାଧକ ଗବେଷକ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସନ୍ଧ୍ୟା ସ୍ଥାନୀୟ ଷ୍ଟେସନ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶିକ୍ଷଣ ଶିକ୍ଷାକେନ୍ଦ୍ରର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଭାଗବତ ପାଣିଗ୍ରାହୀ ଏବଂ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ମିଳିତ ପୌରୋହିତ୍ୟରେ ସହସ୍ରାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହ ସର୍ବଜନାଦୃତ ହୋଇଥିବା ସ୍ୱର୍ଗୀୟ ମହାନ୍ତିଙ୍କ ସ୍ତୁତିଗାନ କରିବା ସହ ତାଙ୍କର ପ୍ରଚଣ୍ଡ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ଡକ୍ଟର ପ୍ରହ୍ଲାଦ ମହାନ୍ତିଙ୍କ ସ୍ମାରକୀ ପାଇଁ 'ଚନ୍ଦ୍ରଭାଗା' ଆନୁକୂଲ୍ୟରେ ଯୋଗ୍ୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। 'ଚନ୍ଦ୍ରଭାଗା'ର ଅନ୍ୟତମ କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ଶଶିକାନ୍ତ ମହାନ୍ତିଙ୍କ ସଂଚାଳନରେ ଆଇନଜୀବୀ ଅଶୋକ ସେନାପତି, ଆଇନଜୀବୀ ତୁଷାରକାନ୍ତୀ ମହାପାତ୍ର, ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ, ବିନୋଦ ନାୟକ, ନାଟ୍ୟକାର ଡ. ଦିଲ୍ଲୀପ ରଥ, କବି ସିତାଂଶୁ ଲେଙ୍କା, ଅଧ୍ୟାପିକା ଡ. ଦୀପିକା ସେନାପତି, ଏସ୍.ଜେ.ପି.ଏସ୍.ର ନିର୍ଦ୍ଦେଶକ ଅଧକ୍ଷା ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସରୋଜିନୀ ପାଣିଗ୍ରାହୀ, ଚିତ୍ରଶିଳ୍ପୀ ମରୁତ କୁମାର ରାଉତ, କାର୍ଯ୍ୟକାରୀ ସଂଯୋଜକ ଅରୁଣାଂଶୁ ପାଣିଗ୍ରାହୀ, ରୋନାଲିସା ପଣ୍ଡା, ସୁଲେଖକ ରମେଶ ଚନ୍ଦ୍ର ମହାରଣା, ଆଜୀବନ ସଦସ୍ୟ ସନ୍ତୋଷ ପଣ୍ଡା ଏବଂ ଷ୍ଟେସନ କ୍ଲବ୍‌ର କାର୍ଯ୍ୟକାରୀ ନିଷ୍ପାଦକ ହୀରାଲାଲ ମହାପାତ୍ର ପ୍ରମୁଖ ମତବ୍ୟକ୍ତ କରିଥିଲେ। ସର୍ବଶେଷରେ 'ଚନ୍ଦ୍ରଭାଗା'ର ସଂଯୋଜକ ଅବନୀ ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସ୍ମୃତିସଭା

ବାଲେଶ୍ୱର,୧୮।୧୧(ସମିସ): ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ତଥା ବାଲେଶ୍ୱରର ସାରସ୍ୱତ ଭୀଷ୍ମ ପିତାମହ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ପରଲୋକ ଗମନ ଅବସରରେ ପରିଷଦ ତରଫରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ସୁବାସ ଚନ୍ଦ୍ର ପାତ୍ର ଓ ସମ୍ପାଦକ ରତ୍ନାକର ସିଂହ ଏହି ଶ୍ରଦ୍ଧାଞ୍ଜଳି ସଭାକୁ ପରିଚାଳନା କରିଥିଲେ। ଶ୍ରଦ୍ଧା ନିବେଦନ କରିଥିବା ସମସ୍ତ ସଦସ୍ୟ ସ୍ୱର୍ଗତ ମହାନ୍ତିଙ୍କ ନିର୍ମଳ ବ୍ୟକ୍ତିତ୍ୱ ହସହସ ମୁହଁରେ ସମସ୍ତଙ୍କୁ ଆପଣା କରିନେବାର ବିରଳଗୁଣ ତଥା ନିଜନିଜ ପଣରେ ଆଗେଇ ଯିବା ପାଇଁ ସ୍ନେହଭରା ପ୍ରେରଣା ତାଙ୍କୁ ବାଲେଶ୍ୱର ଜନଜୀବନରେ ଅଦ୍ୱିତୀୟ କରିପାରିଛି ବୋଲି କହିଥିଲେ। ଏହି ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ଡ. ମହାନ୍ତିଙ୍କୁ ଭଲ ପାଉଥିବା ପୁରୁଷୋତ୍ତମ ବିଶ୍ୱାଳ, ନିରଞ୍ଜନ ରାଉତ, ଯଶୋଧରା ଦାସ, ଅଞ୍ଜଳି ପଣ୍ଡା, ମଧୁସୂଦନ ଦାସ, ଦୀନବନ୍ଧୁ ଲେଙ୍କା, ଶତ୍ରୁଘ୍ନ ମଲ୍ଲିକ, ଉର୍ମିଳା ନାୟକ, ଗିରୀଶ ଦାଶ, ସ୍ମୃତି ଦାସ, କଲ୍ୟାଣୀ ନନ୍ଦ, ଶିରୀଶ ଚନ୍ଦ୍ର ଜେନା, ଅର୍ଚ୍ଚନା ନନ୍ଦୀ, ଦୀପକ ଦାସ ଲମ୍ବୋଦର ନାୟକ, ତପନ ବିଶ୍ୱାଳ, କାଳିପଦ ପଣ୍ଡା, ସଂଯୁକ୍ତା ବିଶ୍ୱାଳ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ପିତାମ୍ବର ଦାସ, ସଂଧ୍ୟାରାଣୀ ବେରା, ସୁବ୍ରତା ମହାନ୍ତି, କ୍ରିଷ୍ଣା ପ୍ରଧାନ, ତାନଶ୍ରୀ ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ଦାସ, ରମାକାନ୍ତ ମହାନ୍ତି ଦେବାଶିଷ ସିଂହ ପ୍ରଭୃତି କଥାରେ ଓ କବିତାରେ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ମୁରୁଜରେ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ବାଲୁକା ଶିଳ୍ପୀ ଅଜୟ କୁମାର ଘୋଷଙ୍କ ଶ୍ରଦ୍ଧାଞ୍ଜଳି

# ବିଦ୍ୟାଳୟସ୍ତରୀୟ ସୃଜନାତ୍ମକ କଳା ପ୍ରଦର୍ଶନ ଏବଂ କ୍ରୀଡ଼ା ପ୍ରତିଯୋଗିତା




ବାଲେଶ୍ୱର,୧୮।୧୧(ସମିସ): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ଓ ସମ୍ଭବ ସି.ପି. ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ସୃଜନାତ୍ମକ କଳା ପ୍ରଦର୍ଶନ ଏବଂ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଦି ୱେଲଫେୟାର ନିର୍ଦ୍ଦେଶକ ଦିବାକର ସଙ୍କ ସଭାପତିତ୍ୱରେ ସ୍ଥାନୀୟ ମିଶନ ପଡ଼ିଆରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବିଦ୍ୟାଳୟସ୍ତରୀୟ ଦୌଡ଼, ସଟ୍ ଫୁଟ୍ ପ୍ରତିଯୋଗିତା ଏବଂ ବିଦ୍ୟାଳୟ ପରିସରରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଶେଷରେ ସମସ୍ତ ବିଜେତାମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ ବେହେରା ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଓଡ଼ିଶା ପଲିଟେକ୍ନିକରେ କ୍ୟାମ୍ପସ ମନୋନୟନ

ବାଲେଶ୍ୱର,୧୮।୧୧(ସମିସ): କୁରୁଡ଼ାସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ 'ଓଡ଼ିଶା ପଲିଟେକ୍ନିକ'ରେ କ୍ୟାମ୍ପସ ମନୋନୟନ ପ୍ରକ୍ରିୟା ହୋଇଯାଇଛି। ଭାରତର ଖ୍ୟାତନାମା କମ୍ପାନୀ ଗୁଜୁରାଟର ମାରେଲି ମଦରସନ ଅଟୋମେଟିଭ ପକ୍ଷରୁ ଏହି ମନୋନୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। କମ୍ପାନୀ ତରଫରୁ ପଟେଲ ଅଭିଷେକ ଉପସ୍ଥିତ ଥିଲେ। ଓଡ଼ିଶା ପଲିଟେକ୍ନିକର ମେକାନିକାଲ, ଇଲେକ୍ଟ୍ରିକାଲ ଏବଂ ସିଭିଲ୍ ଇଞ୍ଜିନିଅରିଂର ଶେଷ ବର୍ଷର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ଅନୁଷ୍ଠାନର ଅଧକ୍ଷ ଇଂ ସତ୍ୟବ୍ରତ ପାତ୍ରଙ୍କ




ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। କଲେଜର ପ୍ଲେସମେଣ୍ଟ ଇନଚାର୍ଜ ଇଂ ମଳୟ ବେହେରା ମନୋନୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। କମ୍ପାନୀରେ ନବନିଯୁକ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ପରିଚାଳନା କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇଛନ୍ତି।

# ଦେଶୀମଦ ଓ ଜିଞ୍ଜିର ଜବତ, ଦୁଇ ଗିରଫ

ସୋର, ୧୮।୧୧(ସମିସ): ସୋର ଅବକାରୀ ବିଭାଗ ତରଫରୁ ବାଉଁଶପାଳ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡପୋଚ ନଷ୍ଟ ସହ ଦେଶିମଦ, ଜିଞ୍ଜିର ଜବତ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ୍ ବାଉଁଶପାଳ ଜଙ୍ଗଲରେ ଚଢ଼ଉ କରି ୧୭୫୦ ଲିଟର ଗୁଡପୋଚ ନଷ୍ଟ କରି ୧୮୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ଉ ସମୟରେ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେହିପରି ଏହି ଟିମ ଗୋପୀନାଥପୁର ଗ୍ରାମରେ ଚଢ଼ାଉ କରି ବୀରେନ୍ଦ୍ର ସେଠୀ ନିକଟରୁ ୪୦ ଲିଟର ଦେଶୀମଦ ଏବଂ କୃଷ୍ଣଦାସପୁର ଗ୍ରାମର ମହେନ୍ଦ୍ର ମଲ୍ଲିକ ନିକଟରୁ ୧୬. ୨୦୦ ଲିଟର ଜିଞ୍ଜିର ଜବତ କରି ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ ମିନତୀ ପରିଡା ସାମିଲ ହୋଇଥିଲେ।

# ଶିକ୍ଷକ ବଦଳି ନେଇ ଛାତ୍ରଛାତ୍ରୀଙ୍କ ଧାରଣା

ରାଜଘାଟ, ୧୮।୧୧ (ସମିସ)



**ବିଇଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ବସ୍ତା ବ୍ଲକ୍ ପୁରୁଷୋତ୍ତମପୁର ପଞ୍ଚାୟତର ବାଗଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା ବିଇଓଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଛାତ୍ରଛାତ୍ରୀ।

ବିଦ୍ୟାଳୟରେ ୯ ଟି ଶ୍ରେଣୀରେ ୧୧୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଠାରେ ୯ଟି ଶ୍ରେଣୀ ପାଇଁ ୪ ଜଣ ଶିକ୍ଷକ ଥିବାବେଳେ ଗତ କିଛି ମାସ ମଧ୍ୟରେ ଦୁଇ ଜଣ ଶିକ୍ଷକ ପଞ୍ଚାନନ ବେହେରା ଓ ମାନସ ବେହେରାଙ୍କୁ ଡେପୁଟେସନରେ ନିଆଯାଇଛି। ଏ ସବୁ ସମସ୍ୟାକୁ ନେଇ ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଦେବା ପରିବର୍ତ୍ତେ ପୁଣି ଆଉ ଜଣେ ଶିକ୍ଷକ ବାଇଧର ଜେନାଙ୍କୁ ଆଜି ହଦମୌଦ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ ପାଇଁ ନିର୍ଦ୍ଦେଶନାମା ଜାରି ହେବା ପରେ ଛାତ୍ରଛାତ୍ରୀ ବଦଳିକୁ ବିରୋଧ କରି ଅପରାହ୍ନ ୩ରୁ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବଦଳିକୁ ବିରୋଧ ସହ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ଦାସ ଓ କମିଟି ସଦସ୍ୟ ସୁବାସ ନାୟକ ଅଭିଯୋଗ କରିଥିବା ବେଳେ ବସ୍ତା ବିଇଓ ଯଜ୍ଞେଶ୍ୱର ଜେନାଙ୍କୁ ପଚାରିବାରୁ ଆସନ୍ତାକାଲି ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ବୋଲି ଜଣାଇଛନ୍ତି।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ପୁବାଶାସନ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁବାଶାସନ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ପୁବାଶାସନ ଶାଖା / **ଋଣଗ୍ରହୀତାମାନେ: ୧) ମେସର୍ସ ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଆଶିଷ କୁମାର ସାହୁ, ୨) ଶ୍ରୀ ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ | କ୍ୟାଶ କ୍ରେଡିଟ୍ | ୨୬.୦୮.୨୦୨୫ / ୧୦.୦୯.୨୦୨୫ / ୩୧.୦୮.୨୦୨୫ ସୁଦ୍ଧା ଟ.୨୫,୨୫,୬୧୧.୦୯ | **୧) ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪/୨୧୮୯, ଖାତା ନଂ.: ୭୬୭/୪୦୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ପୁବାଶାସନ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଅନୁରୂପ ପୂର୍ବ ଖାତା ନଂ.: ୭୬୭/୧୬୨, ପ୍ଲଟ୍ ନଂ.: ୩୪, ପୋ.: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଭାଗବତ ବାସୁଦେବ, ପୂର୍ବ: ବସନ୍ତ ସ୍ୱାଇଁ, ପଶ୍ଚିମ: ପ୍ଲଟ୍ ନଂ.: ୨୨ର ଅଂଶ, **୨) ବନ୍ଧକପ୍ରାପ୍ତ କଳକବ୍ଜା, ଯନ୍ତପାତି ଏବଂ ଷ୍ଟକ୍** |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୧.୨୦୨୫** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ବିଶ୍ୱହିନ୍ଦୁ ପରିଷଦର ୧୨ ଘଣ୍ଟା ଜିଲ୍ଲା ବନ୍ଦ ଶାନ୍ତିପୂର୍ଣ୍ଣ









କେନ୍ଦୁଝର/ବଡ଼ବିଲ୍,୧୮।୧୧(ସମିସ): ଜଣେ ଜନଜାତି ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ନେଇ ଜିଲ୍ଲା ଉଠିଛି ପଡ଼ିଛି। ଏହି ଘଟଣାର ପ୍ରତିବାଦ ଏବଂ କାର୍ଯ୍ୟାନୁଷ୍ଠାନ ଦାବିରେ ବିଶ୍ୱହିନ୍ଦୁ ପରିଷଦ ଡକରାରେ ମଙ୍ଗଳବାର ୧୨ ଘଣ୍ଟିଆ ଜିଲ୍ଲାବନ୍ଦ ଏକ ପ୍ରକାର ସମ୍ପୂର୍ଣ୍ଣ ସଫଳ ହୋଇଛି। ଜିଲ୍ଲା ମୁଖ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି। ଗାଡି ମୋଟର ଚଳାଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବାବେଳେ ଦୋକାନବଜାର, ଅଫିସ ବନ୍ଦ ରହିଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ହେବାକୁ ଥିବା ପରୀକ୍ଷାକୁ ବାତିଲ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ଏହି ବନ୍ଦ ଡାକରାକୁ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ସମର୍ଥନ ଦିଆଯାଇଥିଲା। ସେହିପରି ବିଶ୍ୱ ହିନ୍ଦୁ ପରିଷଦର ସଂଯୋଜକ ଗିରିଧାରୀ ଲାଲଙ୍କ ନେତୃତ୍ୱରେ ବଡ଼ବିଲରେ ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା। ଜଣେ ୮ ବର୍ଷର ଦିବ୍ୟାଙ୍ଗ ଜନଜାତି ନାବାଳିକା ଦୁଷ୍କର୍ମର ଶିକାର ହୋଇଥିଲେ। ଏଥିରେ ଜଣେ ବାଂଲାଦେଶୀ ଅଭିଯୁକ୍ତ ସମ୍ପୃକ୍ତ ରହିଥିବା ପ୍ରତିବାଦରେ ସକାଳ ୬ରୁ ଏହି ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଜିଲ୍ଲା ବାହାରୁ ବିଭିନ୍ନ ବାହାନାରେ ଆସୁଥିବା ଲୋକ ଏଠାରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେମାନଙ୍କୁ ଚିହ୍ନଟ କରି କେନ୍ଦୁଝର ଜିଲାରୁ ବହିଷ୍କାର କରିବା ପାଇଁ ଦାବି କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା, ଆରକ୍ଷୀ ବିଭାଗ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ବନ୍ଦରେ ଜରୁରିକାଳୀନ ଗାଡ଼ି ଓ ସେବାକୁ ସ୍ୱାଭାବିକ ଭାବେ ଚାଲିବାକୁ ଦିଆଯାଇଥିଲା। ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ସହର ଭିତରେ ଏକ ପଦଯାତ୍ରା କରିବା ପରେ କେନ୍ଦୁଝର ବନ୍ଦକୁ ଶେଷ କରିଥିଲା। ଜାତୀୟ ରାଜପଥ ୪୯, ୫୨୦, ୨୦, ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥ ରେ ଶହ ଶହ ଭାରୀଯାନ ଅଟକି ରହିଥିଲା। ସୂଚନାଯୋଗ୍ୟ, ଉକ୍ତ ଦୁଷ୍କର୍ମ ମାମଲାରେ ସଦର ଥାନା ପୁଲିସ ପଶ୍ଚିମବଙ୍ଗ ବଂକୁଲା ଜିଲ୍ଲା ବାଙ୍କୁଲା ଥାନା ଜଳହରୀ ଗ୍ରାମର ଆସିଫ ଅନୱାର ଖାନ (୩୨)କୁ ଗିରଫକରି କୋର୍ଟ ଚାଲାଣ କରିସାରିଛି। ପୀଡିତା ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାପରେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିବା ପୁଲିସ କହିଛି। ଅପରାହ୍ନରେ ଆନ୍ଦୋଳନସ୍ଥଳକୁ ଯାଇ କେନ୍ଦୁଝର ଜିଲ୍ଲାପାଳ ଏବଂ ଏସପି ଆଲୋଚନା କରିବାପରେ ବନ୍ଦ ପ୍ରତ୍ୟାହୃତ ହୋଇଥିଲା।

**ଆନନ୍ଦପୁର:** ବିଶ୍ୱହିନ୍ଦୁ ପରିଷଦ ତରଫରୁ ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦର ପ୍ରଭାବ ଆନନ୍ଦପୁରଠାରେ ଦେଖିବାକୁ ମିଳିଛି। ସକାଳୁ କର୍ମୀମାନେ ଏକତ୍ରିତ ହୋଇ ୨୦ ନଂ ଜାତୀୟ ରାଜପଥର ଶୈଳଙ୍ଗ ଛକ ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ରାସ୍ତାରେ ହନ୍ତସନ୍ତ ହୋଇଥିଲେ। କେନ୍ଦୁଝର ଜିଲ୍ଲାରୁ ରୋହିଙ୍ଗିଆ ବାଂଲାଦେଶୀଙ୍କୁ ଚିହ୍ନଟକରି ଜିଲ୍ଲାରୁ ଏମାନଙ୍କୁ ବିତାଡ଼ିତ କରିବାରେ ଜିଲ୍ଲା ପ୍ରଶାସନର ବିଫଳତା ବିରୋଧରେ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଦିଆଯାଇଥିଲା ଏହି ବନ୍ଦ ଡକରା। ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦେଇଛି ବିଶ୍ୱହିନ୍ଦୁ ପରିଷଦ।

**ଚମ୍ପୁଆ/ତୁରୁମୁଙ୍ଗା:** ବିଶ୍ୱ ହିନ୍ଦୁ ପରିଷଦର ୧୨ ଘଣ୍ଟିଆ ବନ୍ଦ ପରିପ୍ରେକ୍ଷୀରେ ୨୨୦ ନମ୍ବର ଜାତୀୟ ରାଜପଥର ପାଟଣା, ମଙ୍ଗଳପୁର, ପାଟଣା ବୈତରଣୀ ନଦୀ ସହ ବାଇପାସ ଓ ସ୍ୱାମ ହନୁମାନ ଛକ ନିକଟରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଓ ୨୨୦ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ବ୍ୟାହତ ହୋଇଛି। ପାଟଣା ବ୍ଲକ ଛକ ନିକଟରେ ମୁଖ୍ୟମନ୍ତ୍ରୀ ବସକୁ ଅଟକାଇଥିଲେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ। ଯାତ୍ରୀମାନେ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ୪୯ ନମ୍ବର ଜାତୀୟ ରାଜପଥର ଝାରବେଡା ଛକ ଏବଂ ବାଉଁଶୁଳି ଛକରେ ରାସ୍ତାରୋକ କରାଯାଇଥିଲା। ପରେ ସନ୍ଧ୍ୟା ୪ଟାରୁ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ପାଟଣାରେ ବିଶ୍ୱହିନ୍ଦୁ ପରିଷଦର ବ୍ଲକ ସଭାପତି ସନାତନ ଦାଶ, ସମ୍ପାଦକ ଡମ୍ବରୁଧର ମହାନ୍ତଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିବା ବେଳେ ଏନଏଚ ୪୯ ଝାରବେଡାଠାରେ ଆରଏସଏସର ବରିଷ୍ଠ କାର୍ଯ୍ୟକର୍ତ୍ତା ମୁଚିରାମ ସାହୁଙ୍କ ନେତୃତ୍ୱରେ ହୃଷିକେଶ ସାହୁ, ସଲିଲ ସାହୁ ତପନ ସାହୁ ଅଗସ୍ତି ପୃଷ୍ଟିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ବନ୍ଦରେ ସାମିଲ ଥିଲେ। ୨୨୦ ନମ୍ବର ଜାତୀୟ ରାଜପଥ ମଙ୍ଗଳପୁର ନିକଟରୁ ୬ ଜଣ ଫେରିବାଲାଙ୍କୁ ପାଟଣା ପୁଲିସର ଜିମା ଦେଇଛନ୍ତି ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ। ବିଶ୍ୱହିନ୍ଦୁ ପରିଷଦ ଚମ୍ପୁଆ ଶାଖାର ସମ୍ପାଦକ ଗୋବର୍ଦ୍ଧନ ମହାନ୍ତ, ଅମିତ ରାମ, ରାଜୁ ସାହୁ ଏବଂ ବିଜେପିର କର୍ମକର୍ତ୍ତା ବାବୁ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

**ଯୋଡ଼ା:** ଏହି ବନ୍ଦ ଡକରାରେ ଯୋଡ଼ା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଶାନ୍ତିପୂର୍ଣ୍ଣ ଭାବେ ସାମିଲ ହୋଇଥିଲେ। ସମଗ୍ର ଯୋଡ଼ା ବ୍ଲକ ଅଞ୍ଚଳକୁ ବନ୍ଦ କରଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପର୍ଯ୍ୟାପ୍ତ ପୁଲିସ ବଳ ମୁତୟନ ରହିବା ସହ ନିଜେ ବଡ଼ବିଲ ଏସ୍‌ଡ଼ିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ବିଭିନ୍ନ ଅଞ୍ଚଳରେ ତଦାରଖ କରିଥିଲେ। ସମସ୍ତ ବଜାର ହାଟ, ଯାନବାହନ ଯାତାୟାତ ବନ୍ଦ ଥିବା ବେଳେ ପରିବହନରେ ବ୍ୟବହୃତ ଟ୍ରକଗୁଡିକ ରାସ୍ତାକଡ଼ରେ ଛିଡା ହୋଇଥିଲା। ଯୋଡ଼ା ସହରର ବିଭିନ୍ନ ଛକ ଓ ବସ୍ତି ଗୁଡିକରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି।

**ବାଲିବନ୍ଧ:** ଝୁମ୍ପୁରା ସମେତ ଅର୍ଶଳା, ବାଲିବନ୍ଧ, ନାରଦପୁର, ନୟାଗଡ଼, ମାଲଦା, ଉଖୁଣ୍ଡା, ବଡନେଉଳି, ବାରିଆ, ବଡପଶି, ଅସନପାଟ, ଧନୁର୍ଜୟପୁର ଆଦି ସ୍ଥାନ ସଂପୂର୍ଣ୍ଣ ବନ୍ଦ ରହିଥିଲା। ଯାତ୍ରୀବାହୀ ବସ୍ ସହିତ ଅନ୍ୟାନ୍ୟ ଗାଡି ମଟର ସଂପୂର୍ଣ୍ଣ ବନ୍ଦ ରହିଥିଲା। ଔଷଧ ଦୋକାନକୁ ଛାଡି ଦେଲେ ପାନ ଦୋକାନଠାରୁ ଆରମ୍ଭ କରି ଗ୍ରୋସେରୀ ଦୋକାନଗୁଡିକ ବନ୍ଦ ରହିଥିଲା। ବନ୍ଦ ଡକରା ଝୁମ୍ପୁରା ବଜାରରେ ସଫଳ ହୋଇଛି।

**ତେଲକୋଇ:** ତେଲକୋଇ ବ୍ଲକରେ ଏହି ବନ୍ଦ ଡକରା ପ୍ରଭାବ ହୀନ ହୋଇଛି। ଏ ସମ୍ବନ୍ଧରେ ବିଶ୍ୱ ହିନ୍ଦୁ ପରିଷଦ ତେଲକୋଇ ଶାଖାର ସମ୍ପାଦକ ବିପିନ ବିହାରୀ ସାହୁଙ୍କୁ ପଚାରିବାରୁ କହିଥିଲେ, କେନ୍ଦୁଝର ବନ୍ଦ ଡକରା ସଂକ୍ରାନ୍ତ ଖବର ଆଜି ସକାଳ ୮ଟା ସମୟରେ ପାଇଲୁ, ଯାହାଫଳରେ ତେଲକୋଇ ବନ୍ଦ କରିବା ସମ୍ଭବ ହୋଇ ନଥିଲା।

## ଜରକସାହି ଫୁଟ୍‌ବଲ ପ୍ରତିଯୋଗିତା ଶେଷ



ଆନନ୍ଦପୁର, ୧୮।୧୧(ସମିସ):

ଘସିପୁରା ବ୍ଲକ ବରିପାଳ ପଞ୍ଚାୟତ ସଂତରା ଜରକ୍ ସାହିରେ ୨୫ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଅତିଥି ଭାବେ ବିଜେପି ନେତା ପୃଥ୍ୱୀରାଜ କୁଅଁର ଓ ସାମ୍ବାଦିକ ବିଭୂ ଚକ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୋଟ ୩୨ଟି ଫୁଟବଲ ଟିମକୁ ନେଇ ଚାରି ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ହୋଇଥିଲା। ମ୍ୟାଚ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟଙ୍କ ସହ ସମାଜସେବୀ ସୁରେଶ ସାହୁ ଓ ବିନୋଦ ସା ସହଯୋଗ କରିଥିଲେ।

## ବରିପାଳ ଜରକରେ ଫୁଟ୍‌ବଲ ପ୍ରତିଯୋଗିତା



ଆନନ୍ଦପୁର, ୧୮।୧୧(ସମିସ):

ଘଷିପୁରା ବ୍ଲକ୍ ବରିପାଳ ଜରକରେ ବୀର ବିର୍ସା ଅଗ୍ରଣୀ ଯୁବ ପରିଷଦ ଆନୁକୂଲ୍ୟରେ ଚଳିତବର୍ଷ ଫୁଟବଲ ପ୍ରତିଯୋଗିତା ଗତ ୧୫ ତାରିଖରୁ ୩୨ଟି ଦଳ ମଧ୍ୟରେ ଆୟୋଜିତ ହୋଇଯାଇଛି। ଫାଇନାଲ ମ୍ୟାଚ ଶୁଆପୁର ଏକାଦଶ ଓ ହୋଲି ଲାଇଫ ଏକାଦଶ ମଧ୍ୟରେ ଶୁଆପୁର ଏକାଦଶ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେପି ନେତା ପୃଥ୍ୱୀରାଜ୍ କୁଅଁର ଯୋଗ ଦେଇଥିଲେ। କ୍ଲବ୍‌ର ସଦସ୍ୟ ରଜତ ତିରିଆ, ବାହାଡା ଟୁଡୁ, ଗାଗାରାମ୍ ଗୁୟା, ରଗାପାଳ ମୁନ୍ଦୁୟା, ଶ୍ରୀଧର ଗୁୟା, ସଦା ପିଙ୍ଗୁଆ, ଗୋପୀନାଥ ଗୁୟା, ତରଣୀ ଗୁୟା, ମ୍ାନସ ମୁନ୍ଦୁୟା, ଦେବ ପିଙ୍ଗୁଆ ସହଯୋଗ କରିଥିଲେ। ରେଫରୀ ମାଦିଆ ମୁର୍ମୁ, ବିଜୁ ମୁର୍ମୁ, କାଳନ୍ଦୀ ମୁର୍ମୁ, ଭୀମସେନ ମାରାଣ୍ଡି ମ୍ୟାଚ ପରିଚାଳନା କରିଥିଲେ।

## ଆଦ୍ୟବ୍ରହ୍ମ ଭାଗବତ ଟୁଙ୍ଗିର ଆଲୋଚନାଚକ୍ର

ଆନନ୍ଦପୁର, ୧୮।୧୧ (ସମିସ): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଫକୀରପୁର ଆଦ୍ୟବ୍ରହ୍ମ ଭାଗବତ ଟୁଙ୍ଗି ପକ୍ଷରୁ ଗତ ୧୬ତାରିଖ ରବିବାର ବିଛା ସଂକ୍ରାନ୍ତିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାଗବତ ଟୁଙ୍ଗିର ସଭାପତି ତଥା ଲେଖକ, ପରିବେଶବିତ୍, ପ୍ରକୃତିପ୍ରେମୀ ସରୋଜ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ସଭାପତି ଅଯୋଧ୍ୟା ଘଡ଼େଇ ଯୋଗଦେଇଥିଲେ। ପରେ ବାଲୁଙ୍କେଶ୍ୱର କଳାକାର ସଙ୍ଘ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଗବତପ୍ରେମୀ ତଥା ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ଆନନ୍ଦପୁର ଭାଗବତ ଟୁଙ୍ଗିର ସଦସ୍ୟ ମୁନିନ୍ଦ୍ର ସେଠୀ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ଶିଳ୍ପୀ ତଥା ବାଦ୍ୟକାର କୈଳାଶଚନ୍ଦ୍ର ଦାଶ ଗୋବିନ୍ଦ ନାମର ରସ ଆସ୍ୱାଦନ କରି ଭବ ସଂସାରରୁ ଉଦ୍ଧାର ହେବ ବୋଲି ମତ ବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ନୃସିଂହ ଚରଣ ଦତ୍ତ, ବନମାଳି ସେଠୀ, ବିଜୟ ସେଣ୍ଠ ଭାଗବତ ପାଠ କରିଥିବା ବେଳେ ଅମୀୟ ପଟ୍ଟନାୟକ, ଗଙ୍ଗାଧର ସାହୁ, ବଳଭଦ୍ର ସାହୁ, ନରେନ୍ଦ୍ର ସାହୁ, କ୍ଷୀରୋଦ ଦାଶ, କାମଦେବ ଗୁଇଁ, ନାରାୟଣ ବାରିକ, ବସନ୍ତ ସାହୁ, ପରିକ୍ଷୀତ ଦାଶ, ତ୍ରିଲୋଚନ ସାହୁ ଯୋଗ ଦେଇଥିଲେ।

## ଅନ୍ତଃରାଜ୍ୟ ହ୍ୟାଣ୍ଡବଲ ଚାମ୍ପିଅନସିପ୍‌ରେ କେନ୍ଦୁଝର ପୁରୁଷ ଦଳ ଚାମ୍ପିଅନ

### ମହିଳା ଦଳର ପଞ୍ଚମ ସ୍ଥାନ ଅଧିକାର





କେନ୍ଦୁଝର, ୧୮।୧୧(ସମିସ): ଚଳିତ ବର୍ଷ ରାଜ୍ୟ ହ୍ୟାଣ୍ଡବଲ ସଂଘ ଆନୁକୁଲ୍ୟରେ ପୁରୀଠାରେ ୩୮ତମ ଅନ୍ତଃରାଜ୍ୟ ସିନିୟର ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଚାମ୍ପିଅନସିପ ଅନୁଷ୍ଠିତ ହେଇଯାଇଛି। ଗତ ୧୪ ତାରିଖରୁ ୧୬ ତାରିଖ ତିନି ଦିନ ରାଜ୍ୟର ୨୨ଟି ପୁରୁଷ ଓ ୧୬ଟି ମହିଳା ଦଳ ଭାଗ ନେଇଥିଲେ। ରାଜ୍ୟ ଅଲମ୍ପିକ ସଂଘର ସଭାପତି ସମିର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଖେଳରେ ପୁରୁଷ ଦଳ ନିଜ ଗ୍ରୁପରେ ସମସ୍ତ ମ୍ୟାଚ ଜିତି ପୁଲ ଟପ କରିଥିଲା। ପରେ ପୁରୀକୁ ସେମିଫାଇନାଲରେ ୩୩-୨୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପଟେ ଗଞ୍ଜାମ ଓ ଯାଜପୁର ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ଗଞ୍ଜାମ ଯାଜପୁରକୁ ୪ଟି ଗୋଲରେ ହରାଇ ଫାଇନାଲକୁ ଆସିଥିଲା। ଫାଇନାଲ ଖେଳ ଆରମ୍ଭରୁ କେନ୍ଦୁଝର ନିଜର ଦବଦବା ଜାରି ରଖି ୩୪-୨୮, ୬ଟି ଗୋଲ ବ୍ୟବଧାନରେ ଗଞ୍ଜାମକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି ମହିଳା ବର୍ଗରେ ଯାଜପୁର ଗଞ୍ଜାମକୁ ହରାଇ ଚାମ୍ପିଅନ ହୋଇଥିଲା। କେନ୍ଦୁଝର ମହିଳା ଦଳ ଭଲ ଖେଳ ପ୍ରଦର୍ଶନ ସତ୍ତ୍ୱେ ୫ମ ସ୍ଥାନରେ ରହିଥିଲେ। ଏହି ଖେଳରେ କେନ୍ଦୁଝରର ରାଜାରାମ ପଣ୍ଡା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

### ଚକ୍ରତୀର୍ଥରେ ଜମିଲାଣି ପର୍ଯ୍ୟଟକଙ୍କ ଭିଡ଼

# ରାସ୍ତା ଓ ପର୍ଯ୍ୟଟକଙ୍କ ପାଇଁ ନାହିଁ ସୁବିଧା

ଆନନ୍ଦପୁର, ୧୮।୧୧ (ସମିସ):

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକରେ ଅନେକ ପ୍ରାକୃତିକ ସ୍ଥାନମଧ୍ୟରୁ ଚକ୍ରତୀର୍ଥର ସ୍ଥାନ ସ୍ୱତନ୍ତ୍ର। ଏହାର ଶାନ୍ତ ସୁଶୀତଳ ଶୋଭାମୟ ପରିବେଶ ସମସ୍ତଙ୍କୁ ଆକର୍ଷିତ କରୁଛି। ଚକ୍ରତୀର୍ଥର ଜଳପ୍ରପାତରେ ସ୍ନାନ କରିବା ନିଆରା। ଉଚ୍ଚ ପାହାଡ଼ରୁ ପାଣି ତଳକୁ ଖସୁଥିବା ପର୍ଯ୍ୟଟକଙ୍କୁ ଆନନ୍ଦ ଦେଇଥାଏ। ଆନନ୍ଦପୁର ଭଦ୍ରକ ୫୩ ନମ୍ବର ରାଜ୍ୟ ରାଜପଥର ତରତରା ଛକଠାରୁ ୧୧ କିଲୋମିଟର ଗଲେ ଚକ୍ରତୀର୍ଥ ପଡ଼ିଥାଏ। ଦୁଇଚକିଆ ଗାଡିଠୁ ଆରମ୍ଭ କରି ଚାରିଚକିଆ ଗାଡ଼ି, ବସରେ ମଧ ଯାତ୍ରୀମାନେ ଚକ୍ରତୀର୍ଥରେ ସୁବିଧାରେ ପହଞ୍ଚିପାରିବେ। ପ୍ରାୟ ୧୫୦ ବର୍ଷରୁ ଶତାୟୁ ସିଦ୍ଧ ପୁରୁଷ ସାଧୁ ରାମ ବାବା ଏଠାରେ ଏହି ଶିବ ମନ୍ଦିର ପ୍ରତିଷ୍ଠା କରିବା ପରେ ଏହି




ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ସାଧୁ ରାମବାବା ଏକ ଗୁମ୍ଫାରେ ରହି ତପସ୍ୟା କରି ସିଦ୍ଧି ଲାଭ କରିବା ସହ ଅନେକ ସାଧୁ ସେଠାରେ ସିଦ୍ଧି ଲାଭ କରିଥିବାରୁ ଏହାକୁ ସିଦ୍ଧମଠ ନାମରେ ନାମିତ କରାଯାଇଛି। ଏଠାରେ ସିଦ୍ଧ ପୁରୁଷ ରାମବାବାଙ୍କ ଏକ ଧ୍ୱନି ମଠ ରହିଛି; ଯାହା ବର୍ଷସାରା ଅଗ୍ନି କେବେ ଲିଭେ ନାହିଁ। ସିଦ୍ଧ ପୁରୁଷ ରାମବାବାଙ୍କ ସମାଧିସ୍ଥଳ ଏବଂ ଧ୍ୟାନସ୍ଥ ପ୍ରତିମୂର୍ତ୍ତି ରହିଛି। ପ୍ରତିମୂର୍ତ୍ତିକୁ ଲାଗି କେଉଁ କାଳରୁ ଏକ ରଥର ଚକ ଶୋଭା ପାଉଛି। ଝରଣାର କୁଳୁକୁଳୁ ନାଦ ସାଙ୍ଗକୁ ବନାଞ୍ଚଳର ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦରେ ପ୍ରକୃତିର ଶୋଭାକୁ ବୃଦ୍ଧି କରିଥାଏ। ମନ୍ଦିରର ପାଦଦେଶ ଦେଇ ବହିଯାଇଛି ଝରଣା। ଏହି ଝରଣା କୂଳରେ ଲୋକମାନେ ବଣଭୋଜିର ମଜା ନେବା ସହ ମନୋରମ ପରିବେଶକୁ ବେଶ୍ ଉପଭୋଗ କରିଥାନ୍ତି। ଏବେ ପର୍ଯ୍ୟଟନ ଋତୁ ଆରମ୍ଭରୁ ଲୋକଙ୍କ ଭିଡ଼ ଜାମୁଥିବା ବେଳେ ଏହି ସ୍ଥାନକୁ ପହଞ୍ଚିବାର ଏକ କିଲୋମିଟର ପୂର୍ବରୁ ରାସ୍ତା ଶୋଚନୀୟ ହୋଇରହିଛି। ପାରିପାଶ୍ୱରିକ ବିକାଶ ହେଉ ନଥିବାରୁ ଗ୍ରାମବାସୀ କିସାନ ମାଝୀ, ଜଗେନ ହୋ, ରଘୁ ହୋ, ନାରଣ ହୋ, ମାଟୁ ହୋ, ଧନେଶ୍ୱର ମାଝୀଙ୍କ ସହ ଆସିଥିବା ପର୍ଯ୍ୟଟକମାନେ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଲେ ରାସ୍ତା ଘାଟ ହେବା ସହ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରନ୍ତା।

# ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କେନ୍ଦୁଝର,୧୮ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମହାଲକ୍ଷ୍ମୀ ପଡିଆରେ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଶିବଚରଣ ବାଘ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ହୃଷିକେଷ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଇତିହାସ ଅଧ୍ୟାପକ ରାମଶଙ୍କର ସାହୁ ଓ ଇଂରାଜୀ ଅଧ୍ୟାପକ ସୁରେଶଚନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ସଂସଦର ଉପସଭାପତି ସନତ କୁମାର ଦାସ, କ୍ରୀଡ଼ା ଶିକ୍ଷୟିତ୍ରୀ କଳ୍ପନା ଦେଓ ଏବଂ ପ୍ରିୟମ୍ବଦା ମହାନ୍ତ ଖେଳ ପରିଚାଳନା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକା ସମେତ କର୍ମଚାରୀ ସହଯୋଗ କରିଥିଲେ । ବୁଧବାର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହେବ ।

# ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଦାବିରେ ଧାରଣା



ଆନନ୍ଦପୁର/ହାଟଡିହି, ୧୮ ।୧୧ (ସମିସ): ୨ କିଲୋମିଟର ଦୂରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପାଠ ପଢିବାକୁ ଯାଉଛନ୍ତି ୨୦ ଜଣ କୁନିକୁନି ପିଲା । ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ବିଭାଗୀୟ ଟେଣ୍ଡର ହୋଇଥିଲେ ମଧ୍ୟ ନିର୍ମାଣରେ ବିଳମ୍ବ ହେଉଛି । କେନ୍ଦ୍ରର ଗୃହ ନଥିବା ୱାର୍ଡରେ ତାହା ନିର୍ମାଣ ନକରି ପୁଣିଥରେ ପୂର୍ବରୁ ଗୃହ ଥିବା ୱାର୍ଡରେ ନିର୍ମାଣକୁ ନେଇ ଧାରଣାରେ ବସିଛନ୍ତି ସ୍ଥାନୀୟ ଅଧିବାସୀ । ଏଭଳି ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ୍ ସିଙ୍ଗିଡୋଭ ଗାଁରେ । ଗାଁର ୧୨ ନଂ ୱାର୍ଡରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ପିଲାମାନେ ୧୧ ନଂ ୱାର୍ଡଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପାଠ ପଢିବାକୁ ଯାଉଛନ୍ତି । ହେଲେ ନୂଆ କରି ହେବାକୁ ଥିବା ଗୃହଟି ଏବେ ପୁଣିଥରେ ୧୧ ନଂ ୱାର୍ଡରେ ହେଉଥିବାରୁ ୧୨ନଂ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗଣଧାରଣା ଖବରପାଇ ବିଡିଓ ଓ ସିଡିପିଓଙ୍କ ସମେତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି । ବିଡିଓ, ସିଡିପିଓ, ତହସିଲଦାର ଓ ବିଇଓଙ୍କୁ ନେଇ କମିଟି ଗଠନ କରାଯାଇ ତଦନ୍ତ ପୂର୍ବକ ଉପଯୁକ୍ତ ସ୍ଥାନରେ ଗୃହନିର୍ମାଣ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି ।

# ଦୁର୍ଦ୍ଦିନରେ ୧୧୫ ବର୍ଷର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

ଚମ୍ପୁଆ,୧୮ ।୧୧(ସମିସ)



- ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଦେଢ଼ବର୍ଷ ହେଲା ଡାକ୍ତର ଅଭାବ
- ଜରୁରୀ ସମୟରେ ନର୍ସ କରାଉଛନ୍ତି ଗର୍ଭବତୀଙ୍କ ଅସ୍ତ୍ରୋପଚାର
- ଜରୁରିକାଳୀନ ରୋଗୀଙ୍କ ପାଇଁ ପାଲଟିଛି ରେଫରାଲ୍ ସେଣ୍ଟର

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ଉପଖଣ୍ଡର ହୋଇଥିବା ବେଳେ ୧୧୫ ବର୍ଷର ଚମ୍ପୁଆ ଉପଖଣ୍ଡର ଚିକିତ୍ସାଳୟରେ ଡାକ୍ତର ଅଭାବ ପରିତାପର ବିଷୟ ପାଲଟିଛି । ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ହନ୍ତସନ୍ତ ହେଉଛନ୍ତି ଚମ୍ପୁଆବାସୀ । ଉପଖଣ୍ଡର ରେଫରାଲ ଚିକିତ୍ସାଳୟ ଭାବେ ପରିଚିତ ହେଲାଣି । ଦିନେ ରୋଗୀ ସେବା ପାଇଁ ପ୍ରମୁଖ ଏହି ଚିକିତ୍ସାଳୟ ଆଜି ଶ୍ରୀହୀନ ହେବାକୁ ବସିଲାଣି । ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଜରୁରିକାଳୀନ ସେବା ଯୋଗାଉଥିବା ସ୍ତ୍ରୀ ପ୍ରସୂତି ବିଭାଗ । ୧୯୧୦ରେ ନିର୍ମିତ ଏହି ଚିକିତ୍ସାଳୟ ମୟୂରଭଞ୍ଜ, ସୁନ୍ଦରଗଡ, ପୋଡଶୀ ଝାଡଖଣ୍ଡ ସମେତ ସ୍ଥାନୀୟ ଅଂଚଳର ରୋଗୀ ସେବାକୁ ଗୁରୁତ୍ୱ ଦେଇଆସୁଥିଲେ ହେଁ ଆଜିର ସମୟରେ ଏହି ଚିକିତ୍ସାଳୟ ଉପରେ ରୋଗୀଙ୍କ ଭରସା ତୁଟିବା ଆରମ୍ଭ କଲାଣି । ସୂଚନା ଯୋଗ୍ୟକି, ଦୀର୍ଘ ସାଢେ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଚିକିତ୍ସାଳୟର ସ୍ତ୍ରୀ ପ୍ରସୂତି ବିଭାଗରେ ନିୟମିତ ଡାକ୍ତର ନାହାନ୍ତି । ଡାକ୍ତର ଅଭାବ କାରଣ ଦେଖାଇ ୩ ବର୍ଷ ଧରି ଜିଲ୍ଲା ଖଣିଜ ପାଣ୍ଠିରୁ ୨ ଜଣ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା । ସ୍ତ୍ରୀ ଓ ପ୍ରସୂତି ବିଭାଗ ଏକ ଜରୁରୀ ବିଭାଗ ଭାବରେ ବିବେଚନା କରାଯାଉଥିବା ବେଳେ ଯେନେତେନେ ପ୍ରକାରେଣ ଦୀର୍ଘ ୩ ବର୍ଷ ଧରି ଖଣିଜ ପାଣ୍ଠିରୁ ନିଯୁକ୍ତ ଡାକ୍ତର କାମ ଚଳାଇ ଆସୁଥିଲେ । ମାତ୍ର ପ୍ରାୟ ଦେଢ ବର୍ଷ ହେବ ଉଭୟ ଡାକ୍ତର କାମ ଛାଡି ଦେବାରୁ ଏହି ପଦ ଖାଲି ପଡିଛି । ଏନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଜିଲ୍ଲା ବିଭାଗୀୟ ଅଧିକାରୀଙ୍କୁ ଡାକ୍ତର ପାଇଁ ଦାବି କରି ଆସୁଥିଲେ ହେଁ, ତାହା ପୂରଣ ହୋଇପାରୁ ନାହିଁ । ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରୋଗୀମାନେ ନାନା ସମସ୍ୟା ଭୋଗୁଥିବା ଦେଖାଯାଇଛି । ବର୍ତ୍ତମାନ ସପ୍ତାହରେ କିଛି ଡାକ୍ତରଙ୍କୁ ଡେପ୍ୟୁଟେସନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେମାନେ କିଛିଦିନ ଆସିଲା ପରେ ଆସିବା ବନ୍ଦ କରିଦେଲେ; ମାତ୍ର ଏହି ବିଭାଗଟି ଜରୁରୀ ବିଭାଗ ହୋଇଥିବାରୁ ବିଭିନ୍ନ ସମୟରେ ସ୍ତ୍ରୀ ଓ ପ୍ରସୂତି ରୋଗୀ ଭରସା କରି ଆସୁଛନ୍ତି ସତ କିନ୍ତୁ ନର୍ମାଲ ଡେଲିଭରି କ୍ଷେତ୍ରରେ ନର୍ସମାନେ ସେବା ଯୋଗାଉଛନ୍ତି । ଅନ୍ୟପକ୍ଷରେ ଅସ୍ତ୍ରୋପଚାର ଜନିତ ସମସ୍ୟା ଉପୁଜିଲେ ରୋଗୀଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦିଆଯାଉଛି ।

■ ଓଜେୟୁ ପକ୍ଷରୁ ଜାତୀୟ ପ୍ରେସ ଦିବସ

# 'ନିରପେକ୍ଷ ସମ୍ବାଦ ପରିବେଷଣ ସାମ୍ବାଦିକଙ୍କ ପାଇଁ ବଡ଼ ଆହ୍ୱାନ'




କେନ୍ଦୁଝର,୧୮ ।୧୧(ସମିସ): ଓଡ଼ିଶା ସାମ୍ବାଦିକ ସଂଘ କେନ୍ଦୁଝର ଶାଖା ପକ୍ଷରୁ କାଳୀତୀର୍ଥ ମଣ୍ଡପରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା ଓ ଦେଶ ବିକାଶରେ ଗଣମାଧମ ପ୍ରତିନିଧିଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜିନ୍ଦଲ ଷ୍ଟିଲ ବଡବିଲର କର୍ପୋରେଟ୍ ଆଫାୟର୍ସ ମୁଖ୍ୟ ଚୌଧୁରୀ ପ୍ରଣବାନନ୍ଦ ଦାସ, ସମାଜସେବୀ ସେବତୀ ସିଂହ ଓ ବରିଷ୍ଠ ନାଗରିକ ରାମନାରାୟଣ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ମୁକ୍ତ ଓ ନିରପେକ୍ଷ ଖବର ପରିବେଷଣ ପ୍ରତ୍ୟେକ ସାମ୍ବାଦିକଙ୍କ ପାଇଁ କଷ୍ଟସାଧ ବ୍ୟାପାର ହୋଇଥିବାବେଳେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ସେତିକି ଜଟିଳ ହୋଇପଡ଼ିଛି ବୋଲି କହିଥିଲେ । ସଭାପତି ମଳୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସନ୍ତୋଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ "ମୁକ୍ତ ଓ ନିରପେକ୍ଷ ସାମ୍ବାଦିକତା ଗଣତନ୍ତ୍ରର ମୂଳଦୁଆ' ଶୀର୍ଷକ ଆଲୋଚନାଚକ୍ରରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର ଓ ସଂଗ୍ରାମ ଦାସ, ମିଳନୀ ସାହିତ୍ୟ ସଂସଦ ସମ୍ପାଦକ ଡ. ଚିତ୍ତ ମିଶ୍ର, ରୋଟାରିଆନ ଦେବବ୍ରତ ସ୍ୱାଇଁ, ସିଟିଜି ଫାଉଣ୍ଡେସନ ପ୍ରତିଷ୍ଠାତା ରାଜେନ୍ଦ୍ର ପଲେଇ, ପ୍ରେସ୍ କ୍ଲବ ସଭାପତି ଜୟକୃଷ୍ଣ ପଣ୍ଡା, ସାମ୍ବାଦିକ ଦେବାଶିଷ ମିଶ୍ର, ଦିଲ୍ଲୀପ ସାହୁ, ସଞ୍ଜୟ ପଣ୍ଡା ପ୍ରମୁଖ ଖଣି ସମୃଦ୍ଧ କେନ୍ଦୁଝରର ବିକାଶ ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ଆଇନଜୀବୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏ ଅବସରରେ କେନ୍ଦୁଝର ଜିଲ୍ଲାରେ ଦୀର୍ଘବର୍ଷ ଧରି ସାମ୍ବାଦିକ ଭାବେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଦୀପକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦୁଝର ଉପନଗରପାଳ ବରଦା ପ୍ରସନ୍ନ ଦାସ, ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ ଓତା, ବରିଷ୍ଠ ଆଇନଜୀବୀ ଜ୍ଞାନେନ୍ଦ୍ରନାଥ ଜେନା, ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟାପକ ଭାବଗ୍ରାହୀ ମିଶ୍ର ଓ ଜେନାମଣି ସାହୁ, ବିନୋଦ ନାୟକ, ସୁନେଶ ଧୀର, ଜିଲ୍ଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତ ଓ ସମ୍ପାଦକ ଅକ୍ଷୟ ଜେନା, ଘରୋଇ ବସ୍ ମାଲିକ ସଂଘ ସଭାପତି ସିଂଘାଦ୍ରି ବିହାରୀ ସାହୁ ଓ ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ନାଗରିକ ଭରତ ପାତ୍ର, ସାମ୍ବାଦିକ ଏଆର. ଖାନ, ନରେଶ ପଟ୍ଟନାୟକ, ତାପସ ରଥ, ପ୍ରଦୀପ କୁମାର ମହାନ୍ତି, ସଂଗ୍ରାମ ପଟ୍ଟନାୟକ, ଶରତ ଜେନା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଦେବବ୍ରତ ପାଢ଼ୀ, ସତ୍ୟଜିତ ମିଶ୍ର,ତନ୍ମୟ ପାଲ, ସତ୍ୟ ସାମନ୍ତରାୟ, ଇଂ ଇଶାନ ନାୟକ, ଦେବୀଶଙ୍କର ଦାଶ, ଉତ୍ତମ କର ପ୍ରମୁଖ ଯୋଗ ଦେଇଥିଲେ ।

# କେନ୍ଦୁଝର ଜିଲ୍ଲାର ୮ଟି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର, ରାଜ୍ୟରେ ୬୦ ରାସ୍ତା

କେନ୍ଦୁଝର/ତେଲକୋଇ, ୧୮ ।୧୧(ସମିସ): ରାଜ୍ୟରେ ଏନଏଚଏଆଇ/ଆରଡ଼ି/ପଞ୍ଚାୟତିରାଜ ଏବଂ ପାନୀୟଜଳ ଯୋଗାଣ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଅଧୀନରେ ଥିବା ୬୦ଟି ରାସ୍ତାକୁ ପୂର୍ତ୍ତ ବିଭାଗ ଅଧୀନକୁ ଦିଆଯାଇଥିବା ଜଣାପଡିଛି । ଏଥିମଧ୍ୟରୁ କେନ୍ଦୁଝର ଜିଲ୍ଲାର ୮ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଓଡିଶା ସରକାରଙ୍କ ନିର୍ମାଣ ବିଭାଗ ନୋଟିଫିକେସନ ନମ୍ବର -୦୫୬୮୪୦୦୦୦୪୨୦୨୫, ୨୨୩୯୩/ଡ଼ବ୍ଲୁ ତା -୧୭ ନଭେମ୍ବର ୨୦୨୫ ଅନୁସାରେ ରାଜ୍ୟରେ ଥିବା ଉପରୋକ୍ତ ବିଭାଗର ୬୦ଟି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି. । ଏଗୁଡିକ ମଧ୍ୟରୁ କେନ୍ଦୁଝର ଜିଲ୍ଲାର ସାହାରପଡା-ମାଛଗଡ଼-ବନବିର ୨୫.୩ କିମି ଆରଡି ରାସ୍ତା, ତେଲକୋଇ-ପିଠାଗୋଳା ଭାୟା ମଧୁସୂଦନପୁର ତଳପଦା ୩୧.୧ କିମି ଆରଡି ରାସ୍ତା, କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳର ମାଉସୀ ମା' ମନ୍ଦିରଠାରୁ ସିଦ୍ଧମଠ ୧.୫୬ କିମି ନଗର ଉନ୍ନୟନ ବିଭାଗ ରାସ୍ତା, ମୁଖ୍ୟମନ୍ତ୍ରୀଙ୍କ ଗାଁ ରାଇକଳା ଡିପସାହିଠାରୁ ଡି ଡି ମେଡିକାଲ କଲେଜ ଭାୟା ସେଣ୍ଡକାପ ୨୨.୬ କିମି ଆରଡ଼ି/ପଞ୍ଚାୟତରାଜ ପାନୀୟଜଳ/ଜଳସମ୍ବଳ ବିଭାଗ ଅଧୀନରେ ଥିବା ରାସ୍ତା, ଯୋଡାଶିମିଳି-ରାମଚନ୍ଦ୍ରପୁର ୫.୯୨ କିମି ଆରଡ଼ି ରାସ୍ତା, ଟିଆଁସୀପଶିଠାରୁ ଭାୟା ମଉଦି ଦେଇ ନିଶାଗଡିଆ ୧୧.୪୫ କିମି ଆରଡ଼ି ରାସ୍ତା, ନୟାଗଡ଼ଠାରୁ ଭାୟା ଉଛବାଲି ଦେଇ ନମ୍ପୀରା ୭.୫୩ କିମି ରାସ୍ତା, ଏବଂ ବାମେବାରୀ-ପଳାସା-ଗୁରୁଡ଼ା-କୋଇଡା ସୁନ୍ଦରଗଡ଼ ବୋର୍ଡର ପର୍ଯ୍ୟନ୍ତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ୧୦ କିମି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଉପରୋକ୍ତ ୮ଟି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ପରବର୍ତ୍ତୀ ସମୟରେ ଏହି ରାସ୍ତାଗୁଡିକର ଉନ୍ନୟନରେ ଅଧିକ କ୍ରିୟାଶୀଳ ହେବ ବୋଲି ଅନୁମାନ କରାଯାଉଛି । କେନ୍ଦୁଝର ଜିଲ୍ଲାର ଆହୁରି ପ୍ରାୟ ୨୦ଟି ରାସ୍ତାକୁ ଅନ୍ୟ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ଅନେକ ଦିଗରୁ ଦାବି ହୋଇଆସୁଛି ।

**ପୂର୍ତ୍ତ ବିଭାଗକୁ ଗଲା ତେଲକୋଇ-ପିଠାଗୋଳା ଆରଡି ରାସ୍ତା**

ତେଲକୋଇ ବ୍ଲକ ମୁଖ୍ୟାଳୟଠାରୁ ହରିଚନ୍ଦନପୁର ବ୍ଲକର ପିଠାଗୋଳା ପର୍ଯ୍ୟନ୍ତ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ଏହି ରାସ୍ତା ତେଲକୋଇ ନିର୍ବାଚନମଣ୍ଡଳୀର ବିକାଶର ଜୀବନରେଖା ହୋଇଥିବା ବେଳେ ପୂର୍ବରୁ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିଲା । ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଏହି ରାସ୍ତାର ତ୍ୱରିତ ଉନ୍ନୟନ ପାଇଁ ବିଧାନସଭାରେ ମଧ୍ୟ ଦାବି ଉପସ୍ଥାପନ କରିଥିଲେ । ଓଡିଶା ସରକାରଙ୍କ ୱାର୍କ ବିଭାଗ ଦ୍ୱାରା ୧୭/୧୧/୨୦୨୫ ତାରିଖ ପ୍ରକାଶ ପାଇଥିବା ବିଜ୍ଞପ୍ତି ରେ ଏହି ରାସ୍ତାର ହସ୍ତାନ୍ତର ନେଇ ଉଲ୍ଲେଖ ରହିଛି । ଏହି ରାସ୍ତା ଟି ତେଲକୋଇ ବ୍ଲକର ଖୁଣ୍ଟାପଡା, ଶିବନାରାୟଣପୁର ଗୋଡା ଓ ତାଳପଦା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ତେଲକୋଇ ବ୍ଲକ ମୁଖ୍ୟାଳୟ ସହ ଯୋଡୁଥିବା ବେଳେ ତେଲକୋଇ ବ୍ଲକ ଓ ହରିଚନ୍ଦନପୁର ବ୍ଲକ ମଧ୍ୟରେ ଯୋଗାଯୋଗର ଏକମାତ୍ର ସିଧାସଳଖ ରାସ୍ତା ରହିଛି । ଏବେ ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧିନକୁ ଯାଇଥିବାରୁ ଯଥାଶୀଘ୍ର ଏହାର ସମାଧାନ ହେବା ସହ ରାସ୍ତାର ଉନ୍ନତି ମଧ୍ୟ ହେବ ବୋଲି ସ୍ଥାନୀୟ ଲୋକ ଆଶାବାଦୀ ରହିଛନ୍ତି ।

# ଦୁର୍ଘଟଣାରେ ଦୁଇ ଗୁରୁତର

ରାଇରଙ୍ଗପୁର/ବହଳଦା,୧୮ ।୧୧(ସମିସ): ବହଳଦା ବାଇପାସରେ ରାସ୍ତା ଉପରେ ବାଇକ ଷ୍ଟଣ୍ଟ କରିବା ବେଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ବାଇକକୁ ଧକ୍କା ଦେଇଥିଲା । ଉଭୟ ବାଇକରେ ଥିବା ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଂକଟାପନ୍ନ ହେବାରୁ ଉଭୟଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଜଣେ ରାଇରଙ୍ଗପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣଙ୍କର ନାମ ଠିକଣା ମିଳି ପାରିନାହିଁ । ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

# ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ବଡ଼ସାହି, ୧୮ ।୧୧(ସମିସ): ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମର ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନୋରେ ଲିଖିତ ଅଭିଯୋଗ ହୋଇଛି । ଏ ନେଇ ଯୁବତୀଙ୍କ ବାପା ବଡସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଜଣକ ହେଲେ ସିଂହଟିଆ ଗ୍ରାମର ମୁକୁନ୍ଦ ଖଟୁଆଙ୍କ ପୁଅ କାହ୍ନୁ ।

# କମୁଛି ହାଟର ଚାହିଦା, ଜମୁଛି ଫେରି ବେପାର

ହାଟଡ଼ିହୀ,୧୮ ।୧୧(ସମିସ): ଅତ୍ୟାଧୁନିକ ଯୁଗରେ ଗ୍ରାମାଞ୍ଚଳ ଲୋକେ ଗାଁଗୁଡ଼ିକରେ ବସୁଥିବା ସାପ୍ତାହିକ ହାଟକୁ ଧୀରେ ଧୀରେ ଭୁଲିବାକୁ ବସିଲେଣି । ଆଗଭଳି ହାଟଗୁଡ଼ିକରେ ଆଉ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁନାହିଁ । ଗ୍ରାମାଞ୍ଚଳର ଲୋକେ ଏବେ ସହରିଆ ଢ଼ାଞ୍ଚାରେ ନିଜ ଜୀବନଯାପନକୁ ଆଗେଇ ନେଉଥିବାରୁ ହାଟଗୁଡ଼ିକରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ବଦଳରେ ନିକଟସ୍ଥ ବଜାରଗୁଡ଼ିକରେ ଗଢ଼ି ଉଠିଥିବା ଦୋକାନ ବଜାରରୁ ଆବଶ୍ୟକୀୟ ସାମଗ୍ରୀ କିଣାକିଣି କରୁଛନ୍ତି । ଯଦି ଆମେ ବିଗତ ୨୦ବର୍ଷ ତଳର କଥା କହିବା ତା'ହେଲେ, ସେତେବେଳେ ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ସ୍ଥାନରେ ବସୁଥିବା ସାପ୍ତାହିକ ହାଟ ମାନଙ୍କ ଉପରେ ନିର୍ଭର କରୁଥିଲେ । ନିକଟସ୍ଥ ସାପ୍ତାହିକ ହାଟରୁ ଆବଶ୍ୟକ ଘରୋଇ ସାମଗ୍ରୀ ଆଣୁଥିଲେ । ବର୍ତ୍ତମାନର ଫାଇବର ପ୍ଲାଷ୍ଟିକ ସହ ରବର ଭଳି ଦ୍ରବ୍ୟରୁ ବିଭିନ୍ନ ଡ଼ିଜାଇନ୍‌ର ଭଳିକି ଭଳି ସାମଗ୍ରୀ ହାତ ପାଆନ୍ତାରେ ନିକଟସ୍ଥ ବଜାରରେ ଉପଲବ୍ଧ ହୋଇପାରୁଛି । ଯାହାଫଳରେ ଲୋକେ ଆଧୁନିକତାର ସ୍ପର୍ଶ ପାଇ ଧୀରେ ଧୀରେ ଅତୀତକୁ ଭୁଲିବାକୁ ବସିଲେଣି । କୌଳିକ ବୃତ୍ତିକୁ ନେଇ ନିଜର ଜୀବିକାକୁ ପେସା କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବ୍ୟକ୍ତି ଏବେ ବୃତ୍ତି ହରାଇବାକୁ ବସିଲେଣି । ପୂର୍ବରୁ ଜମିଚାଷ ପାଇଁ କାଠ ଲଙ୍ଗଳର ଆବଶ୍ୟକ ପଡୁଥିଲା ଯାହା ହାଟଗୁଡ଼ିକରେ ମିଳୁଥିଲା, କିନ୍ତୁ ଏବେ ଟ୍ରାକ୍ଟର ମାଧ୍ୟମରେ ହଳ ହେଉଛି । ବର୍ତ୍ତମାନ କାଁ ଭାଁ ସ୍ଥାନରେ ସାପ୍ତାହିକ ହାଟ ବସୁଛି ସତ; କିନ୍ତୁ ପୂର୍ବଭଳି ଏବେକା ହାଟର ଚାହିଦା ନାହିଁ କି ହାଟ ପ୍ରତି ବ୍ୟସ୍ତବହୁଳ ମଣିଷଙ୍କ ପାଖରେ ସେ ସମୟ ଭଳି ସ୍ପୃହା ମଧ୍ୟ ଆଉ ଦେଖାଯାଉ ନାହିଁ । ସେତେବେଳେ ଗ୍ରାମାଞ୍ଚଳର ଲୋକମାନେ ସମ୍ପୂର୍ଣ୍ଣ ହାଟ ଉପରେ ନିର୍ଭର କରୁଥିଲେ । ଘର ସହ ବିବାହ, ବ୍ରତ, ବିଭିନ୍ନ ପ୍ରକାରର କାମକାର୍ଯ୍ୟ ପାଇଁ ସଉଦାପତ୍ରଠାରୁ ଆରମ୍ଭ କରି ଘରୋଇ ଉପକରଣ କିଣୁଥିଲେ । ହାଟରୁ ଖଜା-ଗଜା-ମିଠା ଆଦି କିଣୁଥିଲେ । ବୃଦ୍ଧବୃଦ୍ଧାମାନେ ହାଟରୁ ଗୁଡ଼ାଖୁ,

**ବଢୁଛି ପ୍ଲାଷ୍ଟିକ ଓ ରବର ସାମଗ୍ରୀର ଚାହିଦା, ହଜୁଛି କୌଳିକ ବୃତ୍ତି**

ରାଉଳଗୁଣ୍ଡି କିଣି ନେଉଥିଲେ । ଛୋଟ ଛୁଆମାନେ କାଚଗୋଲିଠାରୁ ଆରମ୍ଭ ନଟୁ, ଗୁଡ଼ି ଆଦି କିଣୁଥିଲେ । ଝିଅପିଲାମାନେ କାଚରା ବାଲାଠାରୁ ରଙ୍ଗବେରଙ୍ଗର ଛୁଡି, ସ୍ନୋ-ପାଉଡ଼ର, କୁଙ୍କୁମ-ଅଳତା କିଣୁଥିଲେ । ଚାଷୀମାନେ ପଖିଆ ଆଉ ଝାମ୍ପ ମଧ୍ୟ କିଣୁଥିଲେ । ହାଟରୁ ମାଟି ସାମଗ୍ରୀଠାରୁ ଆରମ୍ଭ କରି ଲୁହା ସାମଗ୍ରୀ, ବାଉଁଶ ତିଆରି ସାମଗ୍ରୀ, କଂସାପିତ୍ତଳ, ଲୁଗାପଟା, ମନୋହାରୀ ସାମଗ୍ରୀ, ମାଛ-ଶୁଖୁଆ ଆଦି କିଣୁଥିଲେ । ଧନୀକ ଶ୍ରେଣୀର ଲୋକେ ବାରିକ ଡ଼ାକି ଘରେ ଖିଅର ହେଉଥିଲା ବେଳେ ଅଧିକାଂଶ ଚୁଟିଦାଢ଼ି କାଟିବାକୁ ହାଟ ଚାଳିରେ ବସୁଥିବା ବାରିକଙ୍କ ପାଖରେ ଲମ୍ବା ଧାଡ଼ି ଲଗାଉଥିଲେ । ସୌଖିନ ଶ୍ରେଣୀର ଲୋକେ ପ୍ୟାଣ୍ଟ-ସାର୍ଟ ନେଇ ଭଣ୍ଡାରୀ ଦୋକାନରୁ ଇସ୍ତ୍ରୀ କରାଉଥିଲେ । କାଳକ୍ରମେ ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ବଜାରରେ ଉପଲବ୍ଧ ହେବାରୁ ଲୋକେ ସେଥିପ୍ରତି ଆକୃଷ୍ଟ ହେଉଥିବାରୁ ଧୀରେ ଧୀରେ ଲୋକେ ହାଟ ଏବଂ ହାଟରେ ମିଳୁଥିବା ପୁରୁଣା ଢାଞ୍ଚାର ସାମଗ୍ରୀ ପ୍ରତି ମୁହଁ ଫେରାଇବାକୁ ବସିଲେଣି । ପୁରୁଣା ସାମଗ୍ରୀଗୁଡ଼ିକ ଏବେ ବିଭିନ୍ନ ମେଳା ମହୋତ୍ସବରେ ପୁରୁଣା ସ୍ମୃତିର ଉଦାହରଣ ପାଲଟୁଛି । ଗାଁଗୁଡ଼ିକରେ ଫେରି କରୁଥିବା ବୁଲା ବେପାରୀମାନେ ରାସନ ସାମଗ୍ରୀଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରୁଥିବାରୁ ହାଟ ବେପାର ଉପରେ ନିର୍ଭର କରି ପରିବାର ଚଳାଉଥିବା ବେପାର ଚାହିଦା କମି କମି ଯାଉଛି । ହାଟ ଉପରେ ନିର୍ଭର କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ଛୋଟ ଛୋଟ ବେପାରୀଙ୍କ ସହ କୌଳିକ ବୃତ୍ତି କରି ପେଟ ପୋଷୁଥିବା ଲୋକମାନେ ଏବେ ନାହିଁ ନଥିବା ହଇରାଣ ହେଉଛନ୍ତି । ଅତ୍ୟାଧୁନିକ ଯୁଗ ପାଇଁ ଧୀରେ ଧୀରେ ସେମାନଙ୍କ କୌଳିକ ବୃତ୍ତି ହଜି ହଜି ଯାଉଛି । ଧୀରେ ଧୀରେ ଗ୍ରାମାଞ୍ଚଳରୁ ହାଟର ଚାହିଦା କମି କମି ଯାଉଛି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ହଜି ଯାଉଥିବା ଗ୍ରାମାଞ୍ଚଳ ହାଟଗୁଡ଼ିକ ପୁଣିଥରେ ଗଢ଼ି ଉଠିବା ସହିତ କୌଳିକ ବୃତ୍ତିକୁ ଜାବୁଡ଼ି ଧରି ଗୁଜୁରାଣ ମେଣ୍ଟାଉଥିବା ଲୋକମାନେ ଉପକୃତ ହୋଇପାରନ୍ତେ । ହାଟ ଉପରେ ନିର୍ଭର କରୁଥିବା ଅନେକ ଛୋଟ ଛୋଟ ବେପାରୀଙ୍କ ମୁହଁରେ ହସ ଫୁଟିପାରନ୍ତା ।

**ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛନ୍ତି ପୁଷ୍ପଲତା**

# ଛତୁ ଚାଷ କରି ହୋଇଛନ୍ତି ସ୍ୱାବଲମ୍ବୀ



ବିଜାତଳା,୧୮ ।୧୧(ସମିସ): ବଣ ଜଙ୍ଗଲ ଘେରା ଅପହଞ୍ଚ ଅଞ୍ଚଳରେ ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛନ୍ତି ପୁଷ୍ପଲତା ହେମ୍ବ୍ରମ । ଏହି ଆଦିବାସୀ ମହିଳା ଜଣକ ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇପାରିବା ସହିତ ଅନ୍ୟମାନଙ୍କୁ ପ୍ରେରଣା ଉତ୍ସ ସାଜିଛନ୍ତି । ସେ ହେଉଛନ୍ତି ବିଜାତଳା ବ୍ଲକ ଅନ୍ତର୍ଗତ ବଡ଼ଝରଣ ଗ୍ରାମ ବାସିନ୍ଦା । ଆଦିବାସୀମାନେ ସାଧାରଣତଃ ଜଙ୍ଗଲ ତଥା ପ୍ରକୃତିପ୍ରେମୀ । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଏମାନେ ଗୁଜୁରାଣ ମେଣ୍ଟାଇଥାନ୍ତି । କେହି କେହି ବି ପାରମ୍ପରିକ ଧାନ, ପରିବା ଚାଷ ମଧ୍ୟ କରନ୍ତି । ସେ ସ୍ୱାମୀ ଭୀମ ଚରଣ ହେମ୍ବ୍ରମଙ୍କ ନିକଟରୁ ପ୍ରେରଣା ପାଇ ୩ବର୍ଷ ପୂର୍ବରୁ ପାଳ ଛତୁ ଚାଷ ଆରମ୍ଭ କରିଥିଲେ । ଏବେ ୨୧୬ ବେଡ଼ରେ ଏବେ ଛତୁ ଚାଷ କରୁଛନ୍ତି । ଏହା ଦ୍ୱାରା ସେ ବେଶ ରୋଜଗାରକ୍ଷମ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେ ପାଳ ଛତୁ ଓ ଧିଙ୍ଗିରି ଛତୁ ଚାଷ କରୁଛନ୍ତି । ଧିଙ୍ଗିରି ଛତୁକୁ ସ୍ଥାନୀୟ ଲୋକେ କାଠ ଛତୁ କୁହନ୍ତି । ଅଳ୍ପ ଖର୍ଚ୍ଚରେ ତାହା ଅଧିକ ଅମଳ ହେଉଥିଲେ ବି ବିକ୍ରୟ ସମସ୍ୟା ରହିଥାଏ । ବର୍ଷତମାମ ଚାହିଦା ଥିବା ଏହି ଛତୁ ସମସ୍ତଙ୍କ ବେଶ ପସନ୍ଦ ଯୋଗ୍ୟ ସୁସ୍ୱାଦୁ ତରକାରୀ । ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ୱାଦିଷ୍ଟ ଛତୁ ତରକାରୀ କଥା ମନରେ ଆସିଲେ ସିଏ ପ୍ରଥମେ ମନେ ପଡି ଯାଆନ୍ତି । ବିବାହ, ବ୍ରତ ଘର, ଭୋଜି ଭାତରେ ତାଙ୍କ ପାଖରୁ ଛତୁ ନେବାକୁ ବହୁତ ଆଡ଼ର୍ର ଆସିଥାଏ । ଲୋକେ ଅଗ୍ରିମ ବରାଦ ଦେଇ ଛତୁ ନେଉଛନ୍ତି । ଦୈନିକ ୫ରୁ ୧୫ କିଲୋଗ୍ରାମ ଛତୁ ଉତ୍ପାଦନ ସହ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି । ମାସିକ ୩୦ ହଜାର ଟଙ୍କା ରୋଜଗାର କରି ଘରକୁ ଆଖି ଦୃଶିଆ ଆର୍ଥିକ ସହଯୋଗ କରିପାରିଛନ୍ତି । ସ୍ୱାମୀ ନଳକୂପ ଓ ପମ୍ପ ମିସ୍ତ୍ରି ଭାବେ ସ୍ୱଳ୍ପ ରୋଜଗାର କରି ପରିବାର ପ୍ରତି ପୋଷଣ କରୁଥିବା ବେଳେ ସ୍ତ୍ରୀଙ୍କ ଆର୍ଥିକ ସହଯୋଗରେ ତାଙ୍କର ସଂସାର ବେଶ ହସ ଖୁସିରେ ଚାଲିଛି । ଅନ୍ୟ ମହିଳାଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟି ଥିବା ବେଳେ ଆଦିବାସୀ ସମାଜ ସମେତ ସ୍ଥାନୀୟ ଅଞ୍ଚଳ ପାଇଁ ଅନନ୍ୟ ଉଦାହରଣ ପାଲଟିଛନ୍ତି । ଉକ୍ତ ଆଦିବାସୀ ମହିଳା ଜଣକ କଠୋର ଇଚ୍ଛାଶକ୍ତି ଆଗରେ ସବୁ କିଛି ହାର ମାନୁଥିବା ଉକ୍ତିକୁ ପ୍ରମାଣ କରି ଦେଖାଇଛନ୍ତି । ଅନ୍ଧାରୀ ମୂଳକରେ ଆଲୋକ ବର୍ତ୍ତିକା ସାଜି ମହଙ୍ଗା ଜମାନାରେ ପରିବାରର ଆର୍ଥିକ ବୋଝକୁ ଲାଘବ କରୁଛନ୍ତି ପୁଷ୍ପଲତା । ଅନେକ ପ୍ରଶଂସା ସାଉଁଟି ନିଜ କର୍ତ୍ତବ୍ୟ ପଥରେ ସେ ଅଗ୍ରସର ହୋଇ ଚାଲିଛନ୍ତି । ନିଜର ଏହି କୁଟୀର ଶିଳ୍ପରେ ସେ ଦୈନିକ କିଛି ସମୟ ଦେଇ ବେଶ ଆନନ୍ଦିତ ଥିବା ସେ କହିଛନ୍ତି । ମହିଳା ମାନେ ଘର କାମରେ ସୀମିତ ନରହି ମୋବାଇଲ, ଟିଭିରେ ବେଶୀ ସମୟ ମଗ୍ନ ନରହି ଏମିତି କିଛି କୁଟୀର ଶିଳ୍ପ କରି ପରିବାରର ସୁଖ ସମୃଦ୍ଧିରେ ଭାଗିଦାରୀ ହେବା ପାଇଁ ନାରୀ ସମାଜକୁ ସେ ନିବେଦନ କରିଛନ୍ତି । ନାରୀ ସଶକ୍ତିକରଣର ଏହା ଏକ ନିଚ୍ଛକ ନମୁନା । ସରକାରୀ ସ୍ତରରେ ଆହୁରି କିଛି ଅଧିକ ପ୍ରୋତ୍ସାହନ ମିଳିଲେ ଆଗକୁ ଯାଇପାରିବେ ବୋଲି କହିଛନ୍ତି ।

# ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

**ମଞ୍ଚ ଅଭିନେତ୍ରୀ ଶର୍ମିଷ୍ଠା ପଣ୍ଡା ସମ୍ବର୍ଦ୍ଧିତ**



ବାରିପଦା, ୧୮ ।୧୧(ସମିସ): ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଶେଷ ସନ୍ଧ୍ୟାରେ ଓମ ନାଟ୍ୟ ସଂସ୍ଥା ପ୍ରଯୋଜିତ ଓଡ଼ିଆ ନାଟକ 'ଚିଠି' ମଞ୍ଚସ୍ଥ ହୋଇଥିଲା । ପ୍ରଦୀପ ଭୋଳଙ୍କ ମୂଳ ରଚନାକୁ ନାଟ୍ୟ ରୂପାନ୍ତର କରିଥିବା ଡଃ କୃଷ୍ଣଚନ୍ଦ୍ର ଦାସ ଏବଂ ଧୀର ବଶାଙ୍କ ନିର୍ଦ୍ଦେଶିତ ନାଟକରେ ଧୀର ବଶା, ଜ୍ଞାନ ପଣ୍ଡା, ଅସିତ ଗିରି, ସୁଜୟ ମହାନ୍ତି, ବିଜୟିନୀ ବେହେରା ଓ ଆଦ୍ୟାଶା ସାହୁ ଅଭିନୟ କରିଥିବା ବେଳେ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ, ସଂଗୀତରେ ଶକ୍ତିପ୍ରସାଦ ମିଶ୍ର, ମଞ୍ଚସଜ୍ଜାରେ ନରସିଂହ ବାରିକ ଓ ନୃତ୍ୟ ନିର୍ଦ୍ଦେଶନାରେ ଅମିତ ବାରିକ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ମୁଖ୍ୟବକ୍ତା ଭାବେ ଶିଳ୍ପପତି ତଥା ନାଟ୍ୟ ମହୋତ୍ସବର ପୃଷ୍ଠପୋଷକ ପଦ୍ମଲୋଚନ ମହାନ୍ତି ଓ ଏମପିସି ଆଲୁମିନି ଆସୋସିଏସନର ସମ୍ପାଦକ ପ୍ରୀତିଶ ବଶା ଶେଷ ସନ୍ଧ୍ୟାର ନାଟକର ଉଦଘାଟନ କରିବା ସହ ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବର ଆୟୋଜନ ସ୍ଥାନୀୟ କରକାରଙ୍କୁ ପ୍ରଭାବିତ କରିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମଞ୍ଚ ଅଭିନେତ୍ରୀ ଶର୍ମିଷ୍ଠା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସଂସ୍ଥାର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ସହ ସଂପାଦକ ରଣଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଭିନେତାମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା ଓ ଶେଷରେ ଓମ ନାଟ୍ୟ ସଂସ୍ଥା ସହିତ ଜଡିତ ୭୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୪- ରୁଷ୍‌ର ସେଣ୍ଟ ପିସର୍ଟବର୍ଗ ବନ୍ୟାରେ ଦଶହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୨୮ - ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ।
- ୧୮୩୮ - ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୫୨- ସ୍ପେନ୍ ୟୁନେସ୍କୋର ସଦସ୍ୟ ହେଲା।
- ୧୯୮୬- ପରିବେଶ ସଂରକ୍ଷଣ ଅଧିନିୟମ ଲାଗୁ ହେଲା।
- ୧୯୯୪- ଐଶ୍ୱର୍ଯ୍ୟା ରାୟ ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଲେ।

## ଲୌହ ମାନବୀ ଇନ୍ଦିରା



ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିରେ ଏପରି ନାମ, ଯାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଇନ୍ଦିରା ତାଙ୍କ ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ପାଇଁ ଜଣାଯାନ୍ତି। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ଇନ୍ଦିରା ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ସହ ରାଜନୀତିରେ ଅତି ପାରଙ୍ଗମ ମହିଳା ଥିଲେ। ଲୌହ ମାନବୀ ଇନ୍ଦିରା ଗାନ୍ଧୀ ୧୯୧୭ ମସିହା ଆଜିର ଦିନରେ ଆହ୍ଲାବାଦସ୍ଥିତ 'ଆନନ୍ଦଭବନ'ଠାରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁ ଏବଂ କମଳା ନେହରୁଙ୍କର ସେ ଏକମାତ୍ର ସନ୍ତାନ ଥିଲେ। ମାତାଙ୍କ ସହ ଆନନ୍ଦ ଭବନରେ ତାଙ୍କ ପିଲାଦିନ କଟିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଇନ୍ଦିରା, ପିଲାବେଳୁ ହିଁ ବେଶ ସଚ୍ଚୋଟ ଓ ନିର୍ଭୀକା ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ସୁଇଜରଲ୍ୟାଣ୍ଡରେ ହୋଇଥିଲା। 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ'ରେ ଭର୍ତ୍ତି ହେବା ସମୟରେ ଇନ୍ଦିରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସଂସ୍ପର୍ଶରେ ଆସିଥିଲେ। ରବୀନ୍ଦ୍ରନାଥ ଠାକୁର ହିଁ ତାଙ୍କ ନାମ 'ପ୍ରିୟଦର୍ଶିନୀ' ରଖିଥିଲେ। ସେହିଦିନଠାରୁ ତାଙ୍କ ନାମ ଇନ୍ଦିରା ପ୍ରିୟଦର୍ଶିନୀ ହୋଇଥିଲା। ସେ ଆନୁଷ୍ଠାନିକ ଭାବରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଇନ୍ଦିରା ତାଙ୍କ ସହ କାମ କରିବା ଆରମ୍ଭ କରି ଦେଇଥିଲେ। ନେହରୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳରେ ଇନ୍ଦିରା ଗାନ୍ଧୀଙ୍କ ଆଧିପତ୍ୟ ବୃଦ୍ଧି ପାଇଲା। ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ କରାଯାଇଥିଲା। ୧୯୬୬ ମସିହାରେ ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଯେତେ ଚର୍ଚ୍ଚା ହୁଏ, ତାଙ୍କର କଠୋର ନିଷ୍ପତ୍ତି ଓ ଅଦମ୍ୟ ସାହସକୁ ଭାରତୀୟ ରାଜନୀତିରେ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖାଯାଏ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ହିଁ ୨୫ ଜୁନ୍ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀଙ୍କୁ ବାହାର କରିବା ପାଇଁ କରାଯାଇଥିବା ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରାଙ୍କ ଶାସନ ସମୟରେ ହିଁ କରାଯାଇଥିଲା। ୧୯୬୯ରେ 'ବ୍ୟାଙ୍କ୍ ଜାତୀୟକରଣ' ଏବଂ ୧୯୭୧ରେ ରାଜା-ମହାରାଜାଙ୍କ 'ପ୍ରିଭି ପର୍ସ'ର ଉଚ୍ଛେଦ କଲେ, ଯାହା ତାଙ୍କ ଦୃଢ଼ ନିଷ୍ପତ୍ତିର ପରିଚାୟକ ଥିଲା। ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଭାରତ ଜିତିବା ପରେ ଇନ୍ଦିରାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ୧୯୮୪ ଅକ୍ଟୋବର ୩୧ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ପ୍ରାଣ ହରାଇଥିଲେ।

## 'ତେରେ ଇସ୍କ ମେଁ'
### ମନ ଜିଣିଲା ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ ଓ କ୍ରିତି ସାନନ୍‌ଙ୍କ ମ୍ୟୁଜିକାଲ ରୋମାଣ୍ଟିକ୍ ଫିଲ୍ମ 'ତେରେ ଇସ୍କ ମେଁ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତନୁ ୱେଡସ୍ ମନୁ' ଫେମ୍ ଆନନ୍ଦ ଏଲ୍ ରାୟ। ପୂର୍ବରୁ ଫିଲ୍ମର ଗୀତ ଓ ଟିଜର୍ ଦର୍ଶକଙ୍କ ଉତ୍ସାହ ବଢାଇଥିବା ବେଳେ ଏବେ ଟ୍ରେଲର ସମସ୍ତଙ୍କ ମନକୁ ଛୁଇଁଛି ଓ ଫିଲ୍ମ ଦେଖିବାର ଉତ୍ସାହକୁ ଦ୍ୱିଗୁଣିତ କରିଛି। ଟ୍ରେଲର୍ ଆରମ୍ଭରେ ଧନୁଷ ଭାରତୀୟ ବାୟୁସେନା ଅଧିକାରୀ ଫ୍ଲାଇଟ୍ ଲେଫଟନାଣ୍ଟ ଶଙ୍କର ଭୂମିକାରେ ଦେଖାଯାଇଛନ୍ତି। ସେହିଭଳି କ୍ରିତିଙ୍କ ଆଖିରେ ଯନ୍ତ୍ରଣା ଓ ପଶ୍ଚାତାପ ଦେଖିବାକୁ ମିଳିଛି। ଏହାପରେ ଫ୍ଲାସ୍‌ବ୍ୟାକ୍‌କୁ ଯାଇ ସେମାନଙ୍କ ପ୍ରେମସମ୍ପର୍କ ଦେଖାଯାଇଛି। ଶଙ୍କରଙ୍କୁ ପ୍ରାରମ୍ଭରେ ଜଣେ ହିଂସ୍ର ଉଗ୍ର ପ୍ରକୃତିର ଯୁବକ ଭାବେ ଦେଖାଯାଇଛି। କ୍ରିତିଙ୍କୁ ଦେଖିବା ମାତ୍ରେ ସେ ତାଙ୍କ ପ୍ରେମରେ ପଡ଼ିଯାଏ। ଶଙ୍କର ଚରିତ୍ରକୁ ଏକତରଫା ପ୍ରେମରେ ପଡ଼ିଥିବା ଜଣେ ପାଗଳ ପ୍ରେମିକ ଭାବରେ ଦର୍ଶାଯାଇଛି। ପରେ କ୍ରିତି ତାଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଇଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ସହ ବେଶ୍ ସୁନ୍ଦର ସଂଳାପ ରହିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ହିମାଂଶୁ ଶର୍ମା ଏବଂ ନୀରଜ ଯାଦବ ଏହାର କାହାଣୀ ଲେଖିଛନ୍ତି। ଏହା ୨୮ ନଭେମ୍ବରରେ ପରଦାକୁ ଆସିବ। ତେବେ ଏହାର ଟ୍ରେଲର୍ ଦେଖି ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହେବ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

## ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ପରିମଳ ସଙ୍କଟର ମୁକାବିଲା ପାଇଁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବରେ ପାଳନ କରାଯାଏ। ପରିମଳର ପ୍ରଭାବ କିପରି ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା କି କି ସମସ୍ୟା ସୃଷ୍ଟି ହୋଇଥାଏ ସେଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ।

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶୌଚାଳୟ ମଧ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇଯାଇଛି। ବିଶ୍ୱରେ ଏବେ ବି ପ୍ରତି ତିନି ଜଣରେ ଜଣେ ମହିଳା ସୁରକ୍ଷିତ ଶୌଚାଳୟ ସୁବିଧା ପାଇବାରୁ ବଞ୍ଚିତ। ଖୋଲାରେ ଶୌଚ କରିବାକୁ ବାଧ ହେଉଥିବା ମହିଳା ତଥା ବାଳିକାମାନେ ନିଜର ସମ୍ମାନହାନି ସହ ଅପରାଧର ଶିକାର ହୋଇଥାନ୍ତି। ଏସବୁ ସମସ୍ୟାକୁ ଦେଖି ୨୦୦୧ ନଭେମ୍ବର ୧୯ରେ 'ବିଶ୍ୱ ଶୌଚାଳୟ ସଂଗଠନ' ଗଢ଼ା ଯାଇଥିଲା। ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ପାଳନ କରିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ 'ବିଶ୍ୱ ଶୌଚାଳୟ ଦିବସ' ଭାବେ ପାଳନ କରାଯାଏ। ଏହି ଅବସରରେ ପରିମଳ ବାବଦରେ ଲୋକଙ୍କୁ ସଚେତନ ତଥା ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହିତ କରାଯାଏ। ତା'ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ଏକ ତଥ୍ୟ ଅନୁସାରେ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତା'ର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଭାରତର ୨୦୧୧ ଜନଗଣନା ଅନୁସାରେ, ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି। ଖୋଲା ସ୍ଥାନରେ ଶୌଚ ଯିବାର ଅର୍ଥ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବା। କେବଳ ସେତିକି ନୁହେଁ, ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଅନ୍ୟପଟେ ଏହାର ପ୍ରଭାବ ମୁଖ୍ୟତଃ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏବେ ବି ଅନେକ ସ୍ଥାନରେ ଶୌଚାଳୟର ଉଚିତ ସୁବିଧା ସୁଯୋଗ ନ ଥିବାରୁ ଲୋକେ ଖୋଲାରେ ଶୌଚ ଯିବାକୁ ବାଧ ହେଉଛନ୍ତି। ଏହାବାଦ୍ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ଜଣା ନ ଥିବାରୁ ଅନେକ ବାହାରେ ଶୌଚ ଯାଆନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଏହି ଦିନ ଖୋଲାରେ ଶୌଚ ଯିବାକୁ ବାରଣ କରାଯାଏ। ଏ ଦିଗରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ବିଶେଷ ଫଳପ୍ରଦ ହୋଇପାରିଛି। ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ। ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ।



## ୨୦୨୮ ସୁଦ୍ଧା ଆସିବ ଭଏସ୍ ଏଆଇ ଟେକ୍ନୋଲୋଜି

**ଆଗାମି ଦିନରେ କି-ବୋର୍ଡର ଯୁଗ ଶେଷ ହେବ। ଏବେ ଏକ ନୂତନ ଗବେଷଣା ଅନୁସାରେ, କିଛି ବର୍ଷ ମଧ୍ୟରେ ଲୋକେ ହାତରେ ଟାଇପ୍ କରିବା ଭୁଲିଯିବେ। ଏହାର କାରଣ ହେବ କୃତ୍ରିମ ବୁଦ୍ଧିମତା। ଏଆଇର ବଢ଼ୁଥିବା ପ୍ରଭାବ ଟେକ୍ନିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବଦଳାଇ ରଖିଥିବା ବେଳେ ୨୦୨୮ ସୁଦ୍ଧା ଭଏସ୍ ଏଆଇ ଲୋକଙ୍କ କାମ କରିବାର ମୁଖ୍ୟ ସାଧନ ପାଲଟିବ ବୋଲି କୁହାଯାଉଛି।**

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଏବଂ ଜେବ୍ରା କମ୍ପାନି ସହଯୋଗରେ ଏହି ଗବେଷଣା କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଭଏସ୍ ଟେକ୍ନୋଲୋଜି କାମ କରିବାର ପ୍ରତ୍ୟେକ ପାରମ୍ପରିକ ଉପାୟକୁ ପ୍ରଭାବିତ କରିବ। ଆଗାମୀ ଦିନରେ ଲାପଟପ୍, ମୋବାଇଲ ଏବଂ କମ୍ପ୍ୟୁଟରରେ ଟାଇପ୍ କରିବା ପରିବର୍ତ୍ତେ ଲୋକେ କେବଳ କଥା ମାଧ୍ୟମରେ ନିଜ କାମକୁ ପୂରା କରିବେ। ବୈଜ୍ଞାନିକଙ୍କ କହିବା କଥା, ମଣିଷର ଚିନ୍ତାଧାରା ସହିତ କଥା ଅଧିକ ମେଳ ଖାଇଥାଏ। ତେଣୁ ଏହା ଟାଇପିଂ ତୁଳନାରେ ଅଧିକ ସହଜ, ଦ୍ରୁତ ଏବଂ ପ୍ରଭାବୀ ହେବ।

ସେହିପରି ଜେନରସନ ଆଲ୍‌ଫ ୱାର୍କଫୋର୍ସରେ ସାମିଲ ହେଲା ବେଳକୁ ଏଆଇ ସମ୍ପୂର୍ଣ୍ଣ ନିତିଦିନ ଜୀବନର ଅଂଶ ହୋଇଯିବ। ସେତେବେଳେ ଲୋକେ ଟାଇପ୍ କରିବା ପରିବର୍ତ୍ତେ ଡିଭାଇସ ସହ କଥା ହୋଇ ସମସ୍ତ କାମ ପୂରା କରିବେ। ତେବେ ଏହା ଦ୍ୱାରା ଲୋକେ କେବଳ ଶୀଘ୍ର ନୁହେଁ, ବରଂ ସୃଜନାତ୍ମକ ଶୈଳୀରେ ବି କାମ କରିପାରିବେ।

ଅବଶ୍ୟ କିଛି ବିଶେଷଜ୍ଞଙ୍କ ମତରେ, ଏଆଇ ସମ୍ପୂର୍ଣ୍ଣ ଭାବେ କି-ବୋର୍ଡ ଯୁଗକୁ ଶେଷ କରିପାରିବ ନାହିଁ। ହେଲେ ଗୋଟିଏ କଥା ସ୍ପଷ୍ଟ ହେଉଛି, ଟେକ୍ନିକ ଦ୍ରୁତ ଗତିରେ ଜୀବନରେ ପରିବର୍ତ୍ତନ ଆଣୁଛି। ଯେଉଁଭଳି ଭାବେ ସିଡି ଏବଂ ଡିଭିଡ଼ି କିଛି ବର୍ଷ ମଧ୍ୟରେ ହଜିଗଲା, ସେହି ପ୍ରକାରେ କି-ବୋର୍ଡ ମଧ୍ୟ ଆଗାମୀ ଦିନରେ ପୁରୁଣା ଯୁଗର ଜିନିଷ ହୋଇଯିବ। ଅବଶ୍ୟ ଲୋକେ ଏବେ ସ୍ମାର୍ଟଫୋନ୍, ଟିଭି ଏବଂ ଲାପଟପ୍ ଭଳି ଡିଭାଇସ୍‌ରେ ଭଏସ୍ କମାଣ୍ଡର ବ୍ୟବହାର କରାଯାଉଛି। ଯଦି ଏହା ଧାରା ଏମିତି ଜାରି ରହେ, ୨୦୨୮ ସୁଦ୍ଧା ଡିଭାଇସ୍ ସହ କଥା ହେଇ ହିଁ ଲୋକେ ସେମାନଙ୍କ କାମ ପୂରା କରିବେ।

## ସମ୍ଭାବନା



## ଡିଗ୍ରୀ ନୁହେଁ, ସଫଳତାର ଆଧାର



**ପୂର୍ବରୁ ଲୋକଙ୍କୁ ସରକାରୀ ଚାକିରି, ଡାକ୍ତର ଏବଂ ଇଞ୍ଜିନିୟର ବ୍ୟତୀତ ଅନ୍ୟ କୌଣସି ଚାକିରି ଠିକ୍ ଲାଗୁ ନ ଥିଲା। ହେଲେ ଏବର ପିଢ଼ି ସେହି ଚିରାଚରିତ କ୍ୟାରିୟର ବିକଳ୍ପ ବାଛିବାକୁ ଭଲ ପାଉ ନାହାନ୍ତି। ସୋସିଆଲ ମିଡିଆ, ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆର ଚାହିଦା ବଢୁଥିବାରୁ ଜେନ୍ ଜେଡ୍‌ଙ୍କ ପାଇଁ ଅନେକ ସୁଯୋଗ ରହିଛି।**

**କୌଶଳ ଉପରେ ପ୍ରାଥମିକତା:** ଦେଶର ଯୁବପିଢ଼ି ଏବେ ଡିଗ୍ରୀ ନୁହେଁ, ସ୍କିଲ ବା କୌଶଳ ପଛରେ ଦୌଡ଼ୁଛନ୍ତି। ଏଣୁ ଯୁବପିଢ଼ି ଡିଗ୍ରୀ ସହିତ ସ୍କିଲ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଜେନ୍ ଜେଡ୍ ଚାକିରିର ସ୍ଥିରତା ସାଙ୍ଗକୁ ନିଶା ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କଣ୍ଟେଣ୍ଟ କ୍ରିଏସନ, ଡିଜିଟାଲ ମାର୍କେଟିଂ, ୟୁଏକ୍ସ ଡିଜାଇନ, ଗେମିଂ, ଡାଟା ଆନାଲିଟିକ୍ସ, ଫେଶନ ଡିଜାଇନିଂ, ସଷ୍ଟେନବଲ ବିଜନେସ ଭଳି କ୍ୟାରିୟର ଲୋକପ୍ରିୟ ହେଉଛି।

**ମାନସିକ ସ୍ୱାସ୍ଥ୍ୟ:** ପୂର୍ବରୁ ଲୋକେ କେବଳ ଚାକିରି ପଛରେ ଦୌଡ଼ୁଥିଲେ ଏବଂ ଚାକିରି ମିଳିଲେ ଏହାକୁ ସୁରକ୍ଷିତ ରଖିବା ପ୍ରୟାସ କରୁଥିଲେ। ପୂର୍ବରୁ ଲୋକେ ଏତେ ବ୍ୟସ୍ତ ରହୁଥିଲେ ଯେ, ସେମାନେ ଘର ପରିବାରକୁ ସମୟ ଦେଇପାରୁ ନ ଥିଲେ। ହେଲେ ଆଜିର ପିଢ଼ି ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାରକୁ ବେଶି ଗୁରୁତ୍ୱ ଦେଉଛନ୍ତି।

**କ୍ୟାରିୟର ବିକଳ୍ପ:** ଆଜିର ଯୁବପିଢ଼ି ପଢ଼ା ସହିତ ୟୁଟ୍ୟୁବ, ଇନଷ୍ଟାଗ୍ରାମ୍, ପଡକାଷ୍ଟିଂ, ବ୍ଲଗିଂ ଭଳି ଜିନିଷ ପ୍ରତି ରୁଚି ଦେଖାଉଛନ୍ତି। ବହୁତ ଲୋକ ଡିଜିଟାଲ ମାର୍କେଟିଂ ଏବଂ ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ ଭଳି ପେଶାରେ ଯୁବପିଢ଼ି ପାଦ ରଖୁଛନ୍ତି। ତେଣୁ ଟେକ୍ନୋଲୋଜି ସହିତ ଜଡ଼ିତ ଚାକିରି ଜେନ ଜେଡ୍‌ଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେହିପରି ୟୁଏକ୍ସ ଏବଂ ୟୁଆଇ ଡିଜାଇନ, ଡାଟା ସାଇନ୍ସ, ଏଆଇ ଡେଭଲପମେଣ୍ଟ, ଆପ୍ ଡିଜାଇନିଂ ଭଳି କ୍ୟାରିୟର ସବୁଠୁ ଉତ୍ତମ ବିକଳ୍ପ। ଫେଶନ ଫଟୋଗ୍ରାଫି, ଟ୍ରାଭେଲ ବ୍ଲଗିଂ ଏବଂ ସଷ୍ଟେନବଲ ବ୍ୟବସାୟ ଭଳି କ୍ରିଏଟିଭ୍ ଫିଲ୍ଡ ବହୁତ ଲୋକଙ୍କୁ କ୍ୟାରିୟରରେ ନୂଆ ଦିଗ ପ୍ରଦାନ କରୁଛି। ଅନ୍ୟପଟେ ଜେନ୍ ଜେଡଙ୍କ ଲାଗି କ୍ୟାରିୟରର ଅର୍ଥ କେବଳ ଟଙ୍କା କମାଇବା ନୁହେଁ, ନିଜର ପରିଚୟ ସୃଷ୍ଟି କରିବା। ଏହି ଜେନରେସନ ପ୍ରମାଣିତ କରି ଦେଇଛନ୍ତି ସଫଳତାର ଆଧାର କେବଳ ଡିଗ୍ରୀ ନୁହେଁ, ବରଂ ଦକ୍ଷତା, କ୍ରିଏଟିଭିଟି ଏବଂ କୌଶଳ।

## ବୋର୍ଡ ପରୀକ୍ଷା ପ୍ରସ୍ତୁତି

**ବୋର୍ଡ ପରୀକ୍ଷାରେ ଭଲ ନମ୍ବର ଆଣିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଏଥିପାଇଁ ପୂର୍ବରୁ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ହୋଇଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସମ୍ପର୍କରେ।**




- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇ ନ ଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବବର୍ଷର ପରୀକ୍ଷା ପ୍ରଶ୍ନ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନେ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ୍ କରିବା ଆରମ୍ଭ କରନ୍ତୁ। ରିଭିଜନ ଦ୍ୱାରା ଲର୍ଣ୍ଣିଂ ସ୍କିଲ୍ ବୃଦ୍ଧି ପାଏ। ଏହାସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ସ୍ଫୂର୍ତ୍ତି ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକାରାତ୍ମକ ଚିନ୍ତାଧାରାରେ ରହିବା ଜରୁରି। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପ୍ରସ୍ତୁତି ବାଧା ପ୍ରାପ୍ତ ହୋଇପାରେ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।

## ସମାଲୋଚକଙ୍କ ସହ କିଭଳି କରିବେ ଆଲୋଚନା

**ଅଫିସ୍ ସହକର୍ମୀ ହୁଅନ୍ତି ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଲୋଚନା କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



### ନାଗାଲାଣ୍ଡ ବିପକ୍ଷ ରଣଜୀରେ ସ୍ୱସ୍ତିକ-ଶୁଭ୍ରାଂଶୁଙ୍କ ଶତକ

# ପ୍ରଥମ ବିଜୟ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୧ (ସମିସ): ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି । ଘରୋଇ ଓଡ଼ିଶା ପକ୍ଷରୁ ୪୬୫

**ଶେଷ ଦିନ ନାଗାଲାଣ୍ଡ ସାମ୍ନାରେ ୪୨୪ ଲକ୍ଷ୍ୟ**

ରନର ବିଶାଳ ଟାର୍ଗେଟ୍ ନାଗାଲାଣ୍ଡ ସାମ୍ନାରେ ଧାର୍ଯ୍ୟ କରାଯାଇଛି । ଏହି କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରି ନାଗାଲାଣ୍ଡ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି । ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ । ନାଗାଲାଣ୍ଡକୁ ବିଜୟ ଲାଗି ବଳକା ୯ ୱିକେଟ୍‌ରେ ଆହୁରି ୪୨୪ ରନ ଆବଶ୍ୟକ ହେଉଛି । ଯାହାକି ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡ ପାଇଁ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିଭଳି ଘରୋଇ ଓଡ଼ିଶା ବଳକା ୯ ୱିକେଟ୍ ନେଇ ସିଜନର ପ୍ରଥମ ବିଜୟ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି ।

**୨୬୧ ରନର ଭାଗୀଦାରି; ଦ୍ୱିତୀୟ ଇନିଂସରେ ଓଡ଼ିଶା ୩୫୦/୫**

୧୧୪ ରନରେ ଅଗ୍ରଣୀ ରହିଥିବା ଘରୋଇ ଓଡ଼ିଶା ଦ୍ୱିତୀୟ ପାଳିରେ ଦମ୍‌ଦାର ବ୍ୟାଟିଂ କରିଥିଲା । ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୨ରୁ ମଙ୍ଗଳବାର ଖେଳ ଆରମ୍ଭ କରି ଓଡ଼ିଶା ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା । ବିଶେଷ କରି ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ଓପନର ସ୍ୱସ୍ତିକ ସାମଲ ପ୍ରତିପକ୍ଷ ନାଗାଲାଣ୍ଡ ବୋଲରଙ୍କୁ ଅନାୟାସରେ ଖେଳିଥିଲେ । ଉଭୟ ନିଜ ନିଜର ଶତକ ହାସଲ କରିବା ସହ ୩ୟ ୱିକେଟ୍‌ରେ ୨୬୧ ରନର ବିଶାଳ ଭାଗୀଦାରି ଗଢ଼ିଥିଲେ । ଯାହାକି ଘରୋଇ ଦଳକୁ ଏକ ବିଶାଳ ସ୍କୋର ଦିଗରେ ଅଗ୍ରସର କରାଇଥିଲା । ତେବେ ଦଳୀୟ





ସ୍କୋର ୨୭୭ ରନ ହୋଇଥିବାବେଳେ ସ୍ୱସ୍ତିକଙ୍କୁ ଆଉଟ୍ କରି ପ୍ରତିପକ୍ଷ ଅଧିନାୟକ ରଙ୍ଗସେନ ନାଗାଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ।

ପ୍ରଥମଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ସ୍ୱସ୍ତିକ ୧୯୫ ବଲରେ ୧୬୯ ରନ କରି ଆଉଟ୍ ହୋଇଥିଲେ । ଏହି ପାଳିରେ ସେ ୧୧ ଚୌକା ଓ ୬ଟି ଛକା ମାରିଥିଲେ । ଏହାପରେ ଗୋବିନ୍ଦ ପୋଦ୍ଦାର ତାଙ୍କ ଖରାପ ଫର୍ମ ଜାରି ରଖି ମାତ୍ର ୧୨ ରନରେ ପ୍ୟାଭିଲିୟନ ଫେରିଥିଲେ । ତେବେ ଦଳୀୟ ସ୍କୋର ୩୫୦ ରନ ହୋଇଥିବାବେଳେ ପଞ୍ଚମ ବ୍ୟାଟର୍ ଭାବେ ଶୁଭ୍ରାଂଶୁ ଆଉଟ୍ ହୋଇଥିଲେ । ଶୁଭ୍ରାଂଶୁଙ୍କ ଆଉଟ୍ ସହ ଓଡ଼ିଶା ପାଳି ମଧ୍ୟ ଘୋଷଣା କରିଥିଲା । ଶୁଭ୍ରାଂଶୁ ୧୧ ଚୌକା ଓ ୪ ଛକା ସହ ୧୬୮ ବଲରେ ୧୩୭ ରନ କରିଥିଲେ । ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୯ମ ଶତକ ଥିଲା । ସମ୍ବିତ ବରାଳ ୧୯ ରନ କରି ଅପରାଜିତ ରହିଥିଲେ । ନାଗାଲାଣ୍ଡ ପକ୍ଷରୁ ଜୋନାଥନ ଓ ଭିନୋ ଝିମୋମି ୨ଟି ଲେଖାଏ ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ୨୭୫ ଓ ନାଗାଲାଣ୍ଡ ୧୬୧ ରନ କରିଥିଲା ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/୧୦
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦
ଓଡ଼ିଶା ୨ୟ ଇନିଂସ: ୩୫୦/୫, ଘୋଷଣା (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)
ନାଗାଲାଣ୍ଡ ୨ୟ ଇନିଂସ: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)

## ହାରିବା ପରେ ଇଡେନ୍‌ରେ ଭାରତର ଜୋର୍‌ଦାର୍ ଅଭ୍ୟାସ



କୋଲକାତା,୧୮ ।୧୧(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଗୌହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ କ୍ରିକେଟ ଦଳ ଇଡେନ ଗାର୍ଡେନ୍ସରେ ଆଜି ଜୋରଦାର ଅଭ୍ୟାସ କରିଛି । ପ୍ରଥମ ଟେଷ୍ଟଟି ଅଢ଼େଇ ଦିନରେ ଶେଷ ହୋଇଯାଇଥିବାରୁ ଭାରତ ଏଠାରେ ଅଟକି ରହିଥିଲା । ଆସନ୍ତାକାଲି ବା ବୁଧବାର ଦଳ ଗୌହାଟୀ ଯିବ । କିନ୍ତୁ ଏହା ପୂର୍ବରୁ ଅର୍ଥାତ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଇଡେନ୍‌ରେ ଅଭ୍ୟାସ କରିଥିଲା । ବିଶେଷ କରି ଖେଳାଳିମାନେ ସ୍ପିନ୍ ବୋଲିଂକୁ ଗୁରୁତ୍ୱ ଦେଇ ଖେଳିଥିଲେ । ବ୍ୟାଟର ହୁଅନ୍ତୁ କିମ୍ବା ସ୍ପିନରଙ୍କୁ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଉଥିବା ଦେଖାଯାଇଥିଲା । ବିଶେଷ କରି ବି. ସାଇ ସୁଦର୍ଶନ ଓ ଧ୍ରୁବ ଜୁରେଲ ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧି ଟର୍ଣ୍ଣିଂ ବଲ୍‌କୁ ଖେଳିଥିଲେ । ଯେଉଁ ସବୁ ବିଭାଗରେ ଭାରତୀୟ ବ୍ୟାଟର ଇଡେନ୍‌ରେ ଫେଲ ମାରିଥିଲେ, ସେହି ବିଭାଗରେ ବ୍ୟାଟରମାନେ ଅଧିକ ଖେଳିଥିଲେ । ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧିବା ଫଳରେ ଏଲବିଡବ୍ଲ୍ୟୁକୁ କିପରି ଏଡାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

■ ରାଇଜିଂଷ୍ଟାର ଏସିଆ କପ୍

## ମିର୍ଜାଙ୍କ ଲଢୁଆ ବ୍ୟାଟିଂ

ଦୋହା,୧୮ ।୧୧(ଏଜେନ୍ସି): ଏଠାରେ ମଙ୍ଗଳବାର ଖେଳାଯାଇଥିବା ରାଇଜିଂଷ୍ଟାର ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଭାରତ ବିପକ୍ଷ ମ୍ୟାଚ୍‌ରେ ଓମାନର ଅଧିନାୟକ ହାମଦ ମିର୍ଜା ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ଓମାନ ୬ ଓଭରରେ ୧ ୱିକେଟ ହରାଇ ୫୨ ରନ୍ କରିନେଇଛି । ଏହି ସମୟରେ ଓପନର କରଣ ସୋନାଭାଲେ ୮ ଓ ୱାସିମ୍ ଅଲି ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ । ଆଉଟ ହୋଇଥିବା ମିର୍ଜା ମାତ୍ର ୧୬ଟି ବଲ୍‌ରୁ ୩ ଚୌକା ଓ ୨ଛକା ସହ ୩୨ ରନ୍‌ରେ ଆଉଟ ହୋଇଥିଲେ । ଗ୍ରୁପ-ଏ'ରେ ପାକିସ୍ତାନ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପାକିସ୍ତାନ ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ ।

## ଭାରତ-ବାଂଲା ମହିଳା ସିରିଜ୍ ବାତିଲ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ବିତାଡିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶରେ ଗଠିତ ଅନ୍ତର୍ଜାତୀୟ ନ୍ୟାୟାଳୟ ଫାଶୀଦଣ୍ଡରେ ଦଣ୍ଡିତ କରିଛି । ଏହି ନିଷ୍ପତ୍ତିର ସିଧାସଳଖ ପ୍ରଭାବ ପଡ଼ିଛି ଆସନ୍ତାମାସ ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମହିଳା ସୀମିତ ଓଭର କ୍ରିକେଟ୍ ସିରିଜ୍ ଉପରେ । କୋଲକତା ଓ କଟକରେ ହେବାକୁ ଥିବା ତିନୋଟି ଲେଖାଏଁ ଦିନିକିଆ ଓ ଟି-୨୦ ସିରିଜ୍‌କୁ ବାତିଲ କରିଦିଆଯାଇଛି । ଏହା ବଦଳରେ ଆଉ ଏକ ସିରିଜ୍ ଆୟୋଜନ ଲାଗି ବିସିସିଆଇ ଯୋଜନା କରିଛି ।

● କୁଚ୍ ବିହାର ଟ୍ରଫି କ୍ରିକେଟ

## ଓଡ଼ିଶାର ଇନିଂସ ପରାଜୟ

କଟକ,୧୮ ।୧୧(ସମିସ): ମହରାଷ୍ଟ୍ରର ନାଗାଥୋନେରେ ଆଜି ଶେଷ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୨୫୦ ରନ୍‌ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ପ୍ରଥମ ଇନିଂସରେ ୫୨୮ ରନ୍ କରିଥିଲା । ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୦୦ ରନ୍ କରି ଫଲୋଅନ୍ ହୋଇଥିଲା । ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ଦଳ ମାତ୍ର ୨୭.୫ ଓଭରରେ ମାତ୍ର ୭୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଫଳରେ ମହାରାଷ୍ଟ୍ର ଏକ ଇନିଂସ ଓ ୨୫୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା ।

**ଜାତୀୟ ପାରା ସୁଇମିଂ ଉଦ୍‌ଯାପିତ**

## ୮ ସ୍ୱର୍ଣ୍ଣ ସହ ଓଡ଼ିଶା ସପ୍ତମ


ଭୁବନେଶ୍ୱର, ୧୮ ।୧୧ (ସମିସ): ହାଇଦରାବାଦ୍‌ରେ ଉଦ୍‌ଯାପିତ ହୋଇଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୩୯ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୮ଟି



ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ରହିଛି । ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୩୨ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ । ୨୮ଟି ରାଜ୍ୟର ୬୨୮ ସନ୍ତରଣକାରୀ ଏଥିରେ ଭାଗନେଇଥିବାବେଳେ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି । ଓଡ଼ିଶା ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି । ଓଡ଼ିଶାର ଏହି ସଫଳତାରେ ଓଡ଼ିଶା ପାରା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗତ ସଂସ୍କରଣରେ ଓଡ଼ିଶା ୨୭ଟି ପଦକ ବିଜୟୀ ହୋଇଥିଲା । ଓଡ଼ିଶା ସନ୍ତରଣକାରୀମାନେ ଏଥିରେ ଅଂଶଗ୍ରହଣ କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ସୁଇମିଂ ଏଚ୍‌ପିସିରେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ । ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ ।

## ସୁବ୍ରତଙ୍କୁ ହରାଇ ଆଶୁତୋଷ ବିଲିୟାର୍ଡ୍ସ ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ହରାଇ ଶିଷ୍ୟ ତଥା ରାଜ୍ୟର ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ର୍‌ୟାଙ୍କିଂ ବିଲିଆର୍ଡ୍ସ ଟାଇଟଲ ବିଜୟୀ ହୋଇଛନ୍ତି । ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ ଫ୍ରେମ୍‌ରେ ସୁବ୍ରତଙ୍କୁ ହରାଇ ୬ଷ୍ଠ ଥର ଟାଇଟଲ ହାସଲ କରିଛନ୍ତି । ଆଜି ଅନୁଷ୍ଠିତ ସିନିଅର ର୍‌ୟାଙ୍କିଂ ସ୍ନୁକର ବିଭାଗରେ ଚେତନ ଆନନ୍ଦ, ଅବିନାଶ ମହାପାତ୍ର, ବିଶେଷ ସିଂଘାଲ, ଜ୍ଞାନ ଦାସ, ଶୁଭାଶିଷ ସେଠୀ, ଅମିତ ସିଂ ବିଜୟୀ ହୋଇଛନ୍ତି । ୱାକ୍ ଓଭର ପାଇ ହରି କ୍ରିଷ୍ଣା ଓ ଆୟାମ ସିଂ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।



## ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ଜିତିଲେ ରଘୁ



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଭାରତର ରଘୁ ପ୍ରସାଦ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବର୍ଷର ଶ୍ରେଷ୍ଠ ପୁରୁଷ ଅମ୍ପାୟର ପୁରସ୍କାର ଜିତିଛନ୍ତି । ମ୍ୟାଚ୍ ପରିଚାଳନାରେ ତାଙ୍କର ବୃତ୍ତିଗତତା, ସମର୍ପଣ ଓ ଉତ୍କର୍ଷତା ଲାଗି ଏଫ୍‌ଆଇଏଚ୍ ଅମ୍ପାୟରିଂ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛି । କର୍ଣ୍ଣାଟକ ଜନ୍ମିତ ରଘୁ ୨୨ ବର୍ଷର ଲମ୍ବା ଅମ୍ପାୟରିଂ କ୍ୟାରିୟରରେ ୧୯୮ଟି ଅନ୍ତର୍ଜାତୀୟ ହକି ମ୍ୟାଚ୍ ପରିଚାଳନା କରିଛନ୍ତି । ସେହିଭଳି ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭୂମିକା ତୁଲାଇଛନ୍ତି । ସେ ୪ଟି ବିଶ୍ୱକପ୍ ଓ ୩ଟି ଅଲିମ୍ପିକ୍ସରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଅପରପକ୍ଷରେ ଆର୍ଜେଣ୍ଟିନାର ଇରେନି ପ୍ରିସେନକ୍ସି ବର୍ଷର ଶ୍ରେଷ୍ଠ ମହିଳା ହକି ଅମ୍ପାୟର ବିବେଚିତ ହୋଇଛନ୍ତି ।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR




ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୭୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଛୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS